READ & SHARE
www.ekamaatra.com
ekamaatra@gmail.com
tarakmohanty1970@gmail.com
ekamaatraodia
ekamaatranews

EKAMAATRA

# ଏକମାତ୍ର

ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524



ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଶୁଭେଚ୍ଛା ଓ ଅଭିନନ୍ଦନ

ବର୍ଷ-୨ ସଂଖ୍ୟା-୪୫ ୧୯ - ୨୫ ନଭେମ୍ବର, ୨୦୧୮ ଭୁବନେଶ୍ୱର Monday Weekly VOL-2 ISSUE-45 19th - 25th NOVEMBER, 2018 BHUBANESWAR ₹ 5/- (8 Pages)

## ପୁରୀରୁ ଲଢ଼ିବେ ମୋଦି



**ଭୁବନେଶ୍ୱର :** ବାରଣାସୀ ପରେ ପୁରୀ ଲୋକସଭା ଆସନରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଲଢ଼ିବା ଏକପ୍ରକାର ନିଶ୍ଚିତ ହୋଇଛି। ବିଜେପିର ବ୍ଲୁ ପ୍ରିଣ୍ଟ୍ ଅନୁସାରେ ପୁରୀରେ ଚାରିଜଣ ବରିଷ୍ଠ ଗୁଇନ୍ଦା ବିଭାଗ ଅଧିକାରୀ ଡେରା ପକାଇଥିବା ସୂଚନା ମିଳିଛି। ଓଡ଼ିଶାରେ ୧୨୦ ମିଶନ ସଫଳ କରିବା ପାଇଁ ଜୋରଦାର ପ୍ରସ୍ତୁତି ଚଳାଇଛି ବିଜେପି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଶାସନରେ ରୋକ ଲଗାଇବା ଲାଗି ବିଜେପି ସବୁପ୍ରକାର ଉଦ୍ୟମ କରୁଛି ବୋଲି ଚର୍ଚ୍ଚା ମଧ୍ୟ ଜୋର ଧରିଛି। ସୂଚନାଥାଉ କି, ୨୦୧୯ ମସିହା ସାଧାରଣ ନିର୍ବାଚନରେ ପୁରୀରୁ ସାଂସଦ ପ୍ରାର୍ଥୀ ହେବେ ମୋଦି। ଏହାକୁ ନେଇ ପୂର୍ବରୁ ଅନେକ ଆଲୋଚନା ହୋଇଥିଲେ ମଧ୍ୟ ବର୍ତ୍ତମାନ ପ୍ରଧାନମନ୍ତ୍ରୀଙ୍କ ପ୍ରାର୍ଥିତ୍ୱ ନେଇ ପୁଣି ଥରେ ଚର୍ଚ୍ଚା ଜୋର ଧରିଛି। ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ସୂଚନା ଦେଇଛନ୍ତି ପଶ୍ଚିମବଙ୍ଗ ବିଜେପି ମୁଖ୍ୟ ଦିଲ୍ଲୀପ ଘୋଷ। ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ ପଶ୍ଚିମବଙ୍ଗରୁ ପ୍ରାର୍ଥୀ ହୋଇପାରନ୍ତି ବୋଲି ମଧ୍ୟ ଚର୍ଚ୍ଚା ହେଉଛି। ୨୦୧୪ ସାଧାରଣ ନିର୍ବାଚନରେ ମୋଦି ଗୁଜରାଟ ଓ ଉତ୍ତର ପ୍ରଦେଶର ବାରାଣାସୀରୁ ଲୋକସଭା ନିର୍ବାଚନ ଲଢ଼ିଥିଲେ। ଦୁଇଟି ଯାକ ନିର୍ବାଚନ ➤ ପୃ-୬

## ଚର୍ଚ୍ଚାରେ ଲେଟର ପ୍ୟାଡ



Nandini Devi, M.L.A.
Odisha Legislative Assembly
318, Kharavel Nagar,
Bhubaneswar - 751 001
Phone : 0674-2536720
Mobile : +91 9437943670
E-mail:nandinidevi66@gmail.com

The Palace
At/Po: Dharakote
Dist : Ganjam, Odisha
Phone: 06822-268225
Mobile : +919668024576

Letter No.......................... Date 10-11-2018

To
Sj. Naveen Pattnaik, President, Biju Janata Dal & Hon'ble Chief Minister, Odisha.

Sub:- Inclusion of Shri Antaryami Swain,Ex-Chairman Sanakhemundi Block and a prominent leader of CPI of Sanakhemundi Block.

Respected Sir,

I would like to draw the kind attention of Sj. Naveen Pattnaik, President, Biju Janata Dal & Hon'ble Chief Minister, Odisha, that being satisfied with the developmental works of Sj.Naveen Pattnaik, Shri Antaryami Swain,Ex-Chairman, Sanakhemundi Block & a prominent leader of CPI of Ganjam district has agreed to join our party voluntarily on Dt.14.11.2018 at 11:30A.M. at Pattapur in presence of our beloved Hon'ble M.Ps,and M.L.A's of Ganjam district.The function will be arranged by Smt.Nandini Devi, M.L.A Sanakhemundi Assembly Constituency on behalf of the Biju Janata Dal. Necessary order may kindly be given to complete the process on scheduled date for make it grand success.

This is for favour of kind information and necessary action.

With regards.

Yours faithfully,
Smt.Nandini Devi
M.L.A. Sanakhemundi

Copy to 1-Sj.Maheswar Mohanty,Hon'ble Minister,Revenue &D.M. and Observer,Ganjam District.
2-Sj. Pradeep Panigrahi,Hon'ble M.L.A.Gopalpur & District President,Biju Janata Dal,Ganjam.
3-The Block Observer Sanakhemundi Block for information and requested to present on Dt.14.11.2018 at 11:30 A.M. to make it Grand Success.

M.L.A. Sanakhemundi



**ଭୁବନେଶ୍ୱର :** ବିଜୁ ଜନତା ଦଳର ଜଣେ ବିଧାୟିକା ନିଜ ବିଧାନସଭା ଲେଟର ପ୍ୟାଡ୍‌ରେ ଦଳ ସଭାପତିଙ୍କୁ ସମ୍ବୋଧିତ କରି ଜନୈକ ବ୍ୟକ୍ତି ବିଜେଡିରେ ମିଶିବା ନେଇ ଚିଠି ଲେଖିବା ଘଟଣା ଏବେ ଚର୍ଚ୍ଚାରେ। ରାଜନୈତିକ ମହଲରେ ଏହାକୁ ନିନ୍ଦା କରିବା ସହିତ ସମାଲୋଚନା ମଧ୍ୟ କରିଛନ୍ତି। ଏହା ସମ୍ବିଧାନର ଉଲ୍ଲଙ୍ଘନ ବୋଲି କିଛି ନେତା କହୁଥିଲା ବେଳେ ଆଉ କିଛି କହୁଛନ୍ତି ଯେ, ଏହା ବିଧାୟିକାଙ୍କ ପଦ ମର୍ଯ୍ୟାଦାକୁ କ୍ଷୁଣ୍ଣ କରିଛି। ସୂଚନା ଅନୁସାରେ ସାନଖେମୁଣ୍ଡି ବିଧାୟିକା ଚଳିତ ନଭେମ୍ବର ୧୦ ତାରିଖରେ ବରିଷ୍ଠ ସିପିଆଇ ନେତା ତଥା ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ଅନ୍ତର୍ଯ୍ୟାମୀ ସ୍ୱାଇଁ ବିଜେଡିରେ ସାମିଲ୍ ହେବା ବିଷୟରେ ଦଳର ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଥିଲେ। ଉକ୍ତ ଚିଠି ଖଣ୍ଡିକ ବିଧାୟିକା ଓଡ଼ିଶା ସରକାରଙ୍କ ଲୋଗୋ ଥିବା ପ୍ୟାଡ୍‌ରେ ଲେଖି ପ୍ରଦାନ କରିଥିଲେ। ଏଥିରେ ଲେଖାଥିଲା ଯେ, "ମୁଁ ବିଜୁ ଜନତାଦଳର ଦଳର ସଭାପତି ତଥା ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କ ଅବଗତି ନିମନ୍ତେ ଧ୍ୟାନାକର୍ଷଣ କରିବାକୁ ଚାହୁଁଛି କି, ➤ ପୃ-୬

### ଓକିଲ-ପୋଲିସ ବିବାଦରେ ହାଇକୋର୍ଟଙ୍କ ରାୟ

## କମିଟିକୁ ତଦନ୍ତ ଭାର



**କଟକ :** ଆଇନଜୀବୀ-ପୋଲିସ ବିବାଦ ପ୍ରସଙ୍ଗରେ ହାଇକୋର୍ଟ ଶୁକ୍ରବାର ଏକ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରଦାନ କରିଛନ୍ତି। ଆଇନଜୀବୀ ଦେବୀପ୍ରସାଦ ପଟ୍ଟନାୟକଙ୍କ ପକ୍ଷରୁ ଦାୟର ଏତଲା ରଦ୍ଦ ମାମଲା ଉପରେ ହାଇକୋର୍ଟ ଜଷ୍ଟିସ ଚିତ୍ତରଞ୍ଜନ ଦାଶଙ୍କ ଖଣ୍ଡପୀଠ ଶୁଣାଣି କରି ଆଇନଜୀବୀଙ୍କ ପାଇଁ ୧ ସପ୍ତାହ ମଧ୍ୟରେ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଇବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେବା ସହ ୨ ମାସ ମଧ୍ୟରେ କମିଟି ରିପୋର୍ଟ ଦେବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ଏହି କମିଟିର ➤ ପୃ-୬

## ସବୁଦିନିଆ ଫସଲହାନି ପାଇଁ ୧୮ ହଜାର



**ଭୁବନେଶ୍ୱର :** ୨୦୧୮ ମରୁଡ଼ି ପ୍ରଭାବିତଙ୍କୁ ସହାୟତା ପାଇଁ ସ୍ୱତନ୍ତ୍ର ପ୍ୟାକେଜ୍ ଘୋଷଣା କଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ୩୩% ଫସଲ କ୍ଷତି ହୋଇଥିଲେ ଏହି ସହାୟତା ମିଳିବ। ୩୩% କିମ୍ବା ତଦୂର୍ଦ୍ଧ୍ୱ ଫସଲହାନି ହୋଇଥିବା ଚାଷୀମାନଙ୍କର ଖଜଣା ଓ ଜଳ କର ଛାଡ କରାଯିବ। ଅଣଜଳସେଚିତ ଅଞ୍ଚଳର ଜମି ପାଇଁ ହେକ୍ଟର ପିଛା ୬୮୦୦ ଟଙ୍କା ମିଳିବ। ସେହିଭଳି ନିଶ୍ଚିତ ଜଳସେଚିତ ଅଞ୍ଚଳରେ ଫସଲହାନି ହୋଇଥିବା ଚାଷୀଙ୍କୁ ହେକ୍ଟର ପିଛା ୧୩ ହଜାର ୫୦୦ ଟଙ୍କା ଓ ସବୁଦିନିଆ ଫସଲହାନି ପାଇଁ ୧୮ ହଜାର ଟଙ୍କା ମିଳିବ। ଏହାସହ ଚାଷୀମାନଙ୍କୁ ୩୦ ହଜାର ତୈଳବୀଜ, ➤ ପୃ-୬

### ଚନ୍ଦ୍ରବାବୁଙ୍କ ରାସ୍ତାରେ ମମତା

## ସିବିଆଇକୁ ଆନ୍ଧ୍ର ଓ ବଙ୍ଗ ମନା

**ହାଇଦ୍ରାବାଦ :** ଗତ ଶୁକ୍ରବାର ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତିକ୍ରମେ ଆନ୍ଧ୍ରପ୍ରଦେଶ ସରକାର ସିବିଆଇଠାରୁ ନିଜର ସାଧାରଣ ସ୍ୱୀକୃତି (ଜେନେରାଲ କନସେଣ୍ଟ) ପ୍ରତ୍ୟାହାର କରି ନେଇଛନ୍ତି। ଫଳରେ ଏଣିକି କୌଣସି ପ୍ରକାର ମାମଲାର ତଦନ୍ତ ସିବିଆଇକୁ ଆନ୍ଧ୍ରପ୍ରଦେଶ ସରକାରଙ୍କ ଅନୁମତି ନେବାକୁ ପଡିବ। ବିନା ଅନୁମତିରେ ସିବିଆଇ ଅଫିସରମାନେ ଏଣିକି କୌଣସି ଅନୁସନ୍ଧାନ କରିବା ଲାଗି ଆନ୍ଧ୍ରରେ ଆଉ ପ୍ରବେଶ କରିପାରିବେ ନାହିଁ। ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁଙ୍କ ନିଷ୍ପତ୍ତିକୁ ସମର୍ଥନ କରିଛନ୍ତି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ। ମମତା ଏହାକୁ ପଶ୍ଚିମବଙ୍ଗରେ କାର୍ଯ୍ୟକାରୀ କରିବାକୁ ମଧ୍ୟ ନିଷ୍ପତ୍ତି ନେଇଥିବା ଜଣାପଡିଛି। କେବଳ କୋର୍ଟ ନିର୍ଦ୍ଦେଶ ଅନୁସାରେ ପୂର୍ବରୁ ରାଜ୍ୟରେ ସିବିଆଇ କରୁଥିବା ତଦନ୍ତ ବ୍ୟତୀତ ଅନ୍ୟକୌଣସି ନୂଆ ମାମଲାରେ ଏଣିକି ପଶ୍ଚିମବଙ୍ଗ ସରକାରଙ୍କ ବିନା ଅନୁମତିରେ ତଦନ୍ତ କିମ୍ବା ଚଢ଼ାଉ କରିପାରିବନି ସିବିଆଇ।



ଆନ୍ଧ୍ରପ୍ରଦେଶ ସରକାରଙ୍କ ଏଭଳି ନିଷ୍ପତ୍ତି ଫଳରେ ପୁଣି ଥରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଛି। ଆନ୍ଧ୍ର ସରକାରଙ୍କ ପକ୍ଷରୁ ଏ ନେଇ ଗତ ୮ ତାରିଖରେ ➤ ପୃ-୬

### ଓଡ଼ିଶାରେ ଦୁର୍ଘଟଣାଜନିତ ମୃତ୍ୟୁହାର ବଢ଼ିଛି

## ୧୦ ବର୍ଷରେ ୪୩ହଜାରରୁ ଅଧିକ



**ଭୁବନେଶ୍ୱର :** ଦଶବର୍ଷ ମଧ୍ୟରେ ଓଡ଼ିଶାରେ ୮୨ହଜାରରୁ ଉର୍ଦ୍ଧ୍ୱ ଡ୍ରାଇଭିଂ ଲାଇସେନ୍ସ ସସ୍‌ପେଣ୍ଡ କରାଯାଇଥିବା ବେଳେ ମୋଟରଯାନ ଆଇନ୍ ଉଲ୍ଲଙ୍ଘନ ଅଭିଯୋଗରେ ୪୮୬ କୋଟି ଟଙ୍କାର ଜରିମାନା ଆଦାୟ ହୋଇଛି। ଏହି ବର୍ଷଗୁଡ଼ିକରେ ରାଜ୍ୟରେ ଲକ୍ଷାଧିକ ସଡ଼କ ଦୁର୍ଘଟଣା ଘଟିଥିବା ବେଳେ ୪୩ ହଜାରରୁ ଅଧିକ ଲୋକ ମରିଛନ୍ତି। ବିଧାୟକ ଦିଲିପ ରାୟ ବିଧାନସଭାରେ ପଚାରିଥିବା ପ୍ରଶ୍ନର ଉତ୍ତରରେ ପରିବହନ ମନ୍ତ୍ରୀ ଡାକ୍ତର ନୃସିଂହ ଚରଣ ସାହୁ ଦେଇଥିବା ବିସ୍ତୃତ ତଥ୍ୟରୁ ଏହା ଜଣାପଡ଼ିଛି। ଏହି ସରକାରୀ ତଥ୍ୟ ମୁତାବକ ୨୦୦୮ ବର୍ଷରେ ରାଜ୍ୟରେ ୮୧୮୧ଟି ସଡ଼କ ଦୁର୍ଘଟଣା ଦରଜ କରାଯାଇଥିବା ବେଳେ ଏଥିରେ ୩୦୭୯ ଲୋକ ମରିଥିଲେ ଏବଂ ୪୩୬୩ ଜଣ ଗୁରୁତର ଭାବେ ଓ ୫୫୯୪ ଜଣ ସାମାନ୍ୟ ➤ ପୃ-୬

## ସରିଲା ଶିଳ୍ପ ମହାକୁମ୍ଭ 'ମେକ୍ ଇନ୍ ଓଡ଼ିଶା'

## ୫ ଲକ୍ଷରୁ ଅଧିକ ନିଯୁକ୍ତି ପ୍ରତିଶ୍ରୁତି




**ଭୁବନେଶ୍ୱର :** ପର୍ଯ୍ୟାପ୍ତ ନିଯୁକ୍ତି ସୁଯୋଗ ଓ ପୁଞ୍ଜି ବିନିଯୋଗର ପ୍ରତିଶ୍ରୁତି ସହିତ ଶେଷ ହୋଇଛି 'ମେକ୍ ଇନ୍ ଓଡ଼ିଶା' ସମ୍ମିଳନୀ। ଏହାକୁ ନେଇ ରାଜ୍ୟ ସରକାର ବିକାଶର ଏକ ସୁନ୍ଦର ନକ୍ସା ଆଙ୍କିଛନ୍ତି। ଏଥିରେ ୬ ବିଦେଶୀ ରାଷ୍ଟ୍ର ସହ ୨୩ଟି ରାଜ୍ୟରୁ ୮ଶହରୁ ଉର୍ଦ୍ଧ୍ୱ ପ୍ରତିଷ୍ଠିତ ଶିଳ୍ପପତି ଯୋଗ ଦେଇଥିଲେ। 'ମେକ୍ ଇନ୍ ଓଡ଼ିଶା'ର ଦ୍ୱିତୀୟ ସଂସ୍କରଣରୁ ୪ ଲକ୍ଷ ୧୯ ହଜାର ୫୭୪ କୋଟି ଟଙ୍କା ପୁଞ୍ଜି ନିବେଶର ପ୍ରତିଶ୍ରୁତି ମିଳିଛି। ଏ ନେଇ ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଜନତା ମଇଦାନରେ ଆରମ୍ଭ ହୋଇଥିବା 'ମେକ୍ ଇନ୍ ଓଡ଼ିଶା'ର ନିବେଶକ ସମ୍ମିଳନୀ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ କହିଛନ୍ତି, ଏହି କନ୍‌କ୍ଲେଭରେ ଯୋଗ ଦେଇଥିବା କମ୍ପାନୀଗୁଡ଼ିକ ତରଫରୁ ୧୫ଟି କ୍ଷେତ୍ରର ୧୮୩ ପ୍ରକଳ୍ପରେ ସମୁଦାୟ ୪ ଲକ୍ଷ ୧୯ ହଜାର ୫୭୪ କୋଟି ଟଙ୍କା ପୁଞ୍ଜି ନିବେଶର ପ୍ରତିଶ୍ରୁତି ମିଳିଛି। ଏହାଦ୍ୱାରା ୫ ଲକ୍ଷ ୯୧ ହଜାର ➤ ପୃ-୬

### ବକ୍ରବାଣୀ



ମନ୍ତିରୀ ଶୋଇଲେ ଦଇତା ମେଳେ
ସପନ ଦେଖିଲେ ସେତିକି ବେଳେ
ଦାରୁ ବାଛିଦେଲେ ପଇସା ନେଇ
ପୋଲା ଗଣ୍ଡିଟାଏ ଆଣିଲେ ଯାଇ
ଗଲା କଥା ଆଜି ଉଠିଲା କିଆଁ
ବଢ଼େଇ କଥାରେ ଲାଗିଲା ନିଆଁ
ମଣିଷ ମାଇଲେ ପରୱା ନାହିଁ
ତଦନ୍ତ ଚାଲିଛି ବିଚାର ପାଇଁ
ଭୁଲ ମାଗିଦେଲେ ସଭିଙ୍କୁ ମାଫ
ଭୁଲ ମାଗି ନଣ୍ଡା ହେଉନି ସାଫ।

—ଟୁଟୁ

## ଦାରୁ ଚୟନରେ ଷଡଯନ୍ତ୍ର; ନିରପେକ୍ଷ ତଦନ୍ତ ହେଉ: ବିଜେପି

**ଭୁବନେଶ୍ୱର :** ଟଙ୍କା ଦେଲେ ଦାରୁ ଚିହ୍ନଟ ହେବ, ଏଭଳି ବୟାନ ବିଶ୍ୱକର୍ମା କୃଷ୍ଣ ମହାରଣା ଦେବା ପରେ ରାଜ୍ୟସରକାରଙ୍କ ସମସ୍ତ ଗୁମର ପର୍ଦ୍ଦାଫାଶ ହୋଇଛି। ସାଢେ ୪ କୋଟି ଓଡିଆଙ୍କ ଆରାଧ୍ୟ ଦେବତାଙ୍କ ଦାରୁ ଚୟନ ନେଇ ଅର୍ଥ କାରବାର ହେବା ଏବଂ ପୋଲା ଦାରୁ ଆଣି ମା ସୁଭଦ୍ରାଙ୍କ ମୂର୍ତ୍ତି ନିର୍ମାଣ କରିବା ଏବଂ ପରେ ଦାରୁ ବଦଳାଇବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ରାଜ୍ୟ ବିଜେପି ମୁଖପାତ୍ରପୀତାମ୍ବର ଆଚାର୍ଯ୍ୟ କହିଛନ୍ତି। ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ଆଚାର୍ଯ୍ୟ କହିଛନ୍ତି ଯେ, ପ୍ରଭୁ ଜଗନ୍ନାଥଙ୍କ ବିରୁଦ୍ଧରେ ଏହା କେବଳ ଏକ ଧାର୍ମିକ ଆଘାତ ନୁହେଁ ବରଂ ଅର୍ଥନୈତିକ ଏବଂ ଅପରାଧିକ ଷଡଯନ୍ତ୍ର। ୧୮ ବର୍ଷ ଧରି ଶାସକ ବିଜେଡି ପ୍ରଭୁ ଜଗନ୍ନାଥକୁ ବିଭିନ୍ନ ବିବାଦରେ ଛନ୍ଦି ଚାଲିଛି। ନବ କଳେବର ଓ ବ୍ରହ୍ମ ବିଭ୍ରାଟକୁ ନେଇ ବହୁ ସାଂଘାତିକ ତଥ୍ୟ



ସାମ୍ନାକୁ ଆସୁଛି। ରତ୍ନଭଣ୍ଡାର ଚାବି ହଜିବା ଏବଂ ହୁଣ୍ଡିରୁ ସୁନା ଗାଏବ ହେବା ପରେ ବି ମୁଖ୍ୟମନ୍ତ୍ରୀ ଚୁପ୍ ରହିଥିଲେ। ଗତକାଲି ଯେଉଁ ତଥ୍ୟ ସାମ୍ନାକୁ ଆସିଛି ତାହା ସବୁଠୁ ବଡ ସାଂଘାତିକ ତଥ୍ୟ ତଥା କୋଟି କୋଟି ଜଗନ୍ନାଥପ୍ରେମୀଙ୍କ ଧାର୍ମିକ ଭାବନାକୁ ଆଘାତ ଦେଇଛି। ସାଢେ ୪ କୋଟି ଓଡିଆଙ୍କ ଆସ୍ଥା, ବିଶ୍ୱାସ ଏବଂ ସ୍ୱାଭିମାନର କେନ୍ଦ୍ର ପ୍ରଭୁ ଜଗନ୍ନାଥଙ୍କ ବିରୁଦ୍ଧରେ ଏକ ବିରାଟ ଷଡଯନ୍ତ୍ର ହୋଇଛି ବୋଲି ଶ୍ରୀ ଆଚାର୍ଯ୍ୟ କହିଛନ୍ତି।

ରାଜ୍ୟସରକାର ପୂର୍ବରୁ ଜନତାଙ୍କ ଠାରୁ ପିସି ଖାଉଥିଲେ ଆଉ ଏବେ ପ୍ରଭୁ ଜଗନ୍ନାଥଙ୍କୁ ବି ପିସିରୁ ବାଦ ଦେଲେ ନାହିଁ। ଗତ କିଛିଦିନ ତଳେ ଏ ଜାତିର ସଂସ୍କୃତି ଐତିହକୁ ନେଇ ସରକାର ତୁମ୍ବି ତୁଫାନ କରୁଥିଲେ। ଗତ କିଛିଦିନ ତଳେ ଏକ ସାମ୍ବାଦିକଙ୍କୁ ବାନ୍ଧିବା ଲାଗି ଯେପରି ମୁଖ୍ୟମନ୍ତ୍ରୀ ତତ୍ପରତା ପ୍ରକାଶ କରିଥିଲେ ତାହା ଅତ୍ୟନ୍ତ ସ୍ୱାଗତ ଯୋଗ୍ୟ। କିନ୍ତୁ ରତ୍ନଭଣ୍ଡାର ଚାବି ହଜିବା ପ୍ରସଙ୍ଗରେ ୨୯୫(କ) ଧାରା ଅନୁଯାୟୀ ମୁଖ୍ୟମନ୍ତ୍ରୀ ଧାର୍ମିକ ଏବଂ ଅପରାଧିକ ଷଡଯନ୍ତ୍ର କରିଥିବା ବଡ ଅପରାଧୀ ବୋଲି ଶ୍ରୀ ଆଚାର୍ଯ୍ୟ କହିଛନ୍ତି। ପୂର୍ବରୁ ପ୍ରଭୁ ଜଗନ୍ନାଥଙ୍କ ସହ ଜଡିତ ବିଭିନ୍ନ ଘଟଣାରେ ମୁଖ୍ୟମନ୍ତ୍ରୀ ୩ଟି ➤ ପୃ-୬



## କେମିତି କଟିବ ଏ ସପ୍ତାହ

**ମେଷ** ଚାକିରିରେ ନିଯୁକ୍ତି ପାଇବାର ସମୟ ଆସିବ। ଗୃହରେ ଆର୍ଥିକ ଅବସ୍ଥା ଧିରେଧିରେ ସୁଧୁରିବ। ବୈବାହିକ ଜୀବନ ସୁଖମୟ ହେବ। ପରିବାର ମଧ୍ୟରେ ଲାଗି ରହିଥିବା ବିବାଦରୁ ମୁକ୍ତି ମିଳିବ। ରାଜନୈତିକ ବ୍ୟକ୍ତିମାନେ ସମ୍ମାନିତ ହେବେ।

**ବୃଷ** କାର୍ଯ୍ୟକ୍ଷେତ୍ରରେ ଆପଣଙ୍କର ପ୍ରଶଂସା ହେବ। ଆର୍ଥିକ ଚିନ୍ତାରୁ ମୁକ୍ତି ମିଳିବ। ଶିକ୍ଷା କ୍ଷେତ୍ରରେ ଥିବା ବ୍ୟକ୍ତିଙ୍କୁ ଶୁଭଫଳ ମିଳିବ। କଳାକାରମାନେ ଯଶ ଅର୍ଜନ କରିବେ। ଆଇନ୍ କାନୁନ୍ ମାମଲାରେ ସମାଧାନତା ଅବଲମ୍ବନ କରିବେ।

**ମିଥୁନ** ସରକାରୀ କାମରେ ବାଧା ଦୂର ହେବ। ଧର୍ମପୁସ୍ତକ ପଢ଼ିବାରେ ଆଗ୍ରହ ବଢ଼ିବ। ବୈବାହିକ ଜୀବନ ସୁଖରେ କଟିବ। ଗୃହରେ ଶୁଭକାର୍ଯ୍ୟ ଅନୁଷ୍ଠିତ ହେବ। ବ୍ୟବସାୟୀଙ୍କୁ ପ୍ରଚୁର ଲାଭ ମିଳିବାର ସମ୍ଭାବନା ରହିଛି।

**କର୍କଟ** ନୂଆ ଚାକିରିର ପ୍ରସ୍ତାବ ମିଳିପାରେ। ସାମାଜିକ କାର୍ଯ୍ୟରେ ଲିପ୍ତ ରହିବେ। ଛାତ୍ରଛାତ୍ରୀମାନେ କିଛିମାତ୍ରାରେ ସଫଳତା ପାଇବେ। ଗାଡି କିଣିବା ପାଇଁ ମନ ବଢ଼ିବ। ଶରୀର ସୁସ୍ଥ ଓ ମନ ଖୁସି ରହିବ।

**ସିଂହ** ସମାଜରେ ମାନ-ସମ୍ମାନ ମିଳିବ। ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ରହିବ। ନୂତନ ଗୃହ ନିର୍ମାଣ କାରବାର ସମୟ ଆସିବ। ବିଦ୍ୟାର୍ଥୀମାନେ ଅଧିକ ପରିଶ୍ରମକରି ସଫଳ ହେବେ। ବିବାଦର ସମାଧାନ ହେବ।

**କନ୍ୟା** କଳା ଓ ସଂସ୍କୃତି କ୍ଷେତ୍ରରେ ପ୍ରତିଷ୍ଠିତ ହେବେ। କର୍ମକ୍ଷେତ୍ରରେ ଖୁବ୍‌ଶୀଘ୍ର ପରିବର୍ତ୍ତନ ହେବ। ପୁରସ୍କାର ମିଳିପାରେ। ବନ୍ଧୁଙ୍କଠାରୁ ଆର୍ଥିକ ସହଯୋଗ ମିଳିବ। ଶାରୀରିକ ଅସୁସ୍ଥତା ଲାଗି ରହିପାରେ।

**ତୁଳା** କର୍ମକ୍ଷେତ୍ରରେ ସମସ୍ତ କର୍ମଚାରୀଙ୍କ ପ୍ରିୟଭାଜନ ହେବେ। ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ରହିବ। ଯାନବାହନ ପ୍ରତି ସତର୍କତା ରହିବେ। ସନ୍ତାନଙ୍କ ପାଇଁ ଚିନ୍ତିତ ରହିବେ। ପୁରୁଣା ବିବାଦରୁ ଆପଣଙ୍କୁ ଆରାମ ମିଳିବ।

**ବିଛା** ଧର୍ମାନୁଷ୍ଠାନରେ ସମୟ ଅତିବାହିତ ହେବ। ମହିଳାଙ୍କର ସାମାଜିକ ଗତିବିଧିର ସମ୍ମାନ ବୃଦ୍ଧି ହେବ। ଚାକିରି କ୍ଷେତ୍ରରେ ପରିବର୍ତ୍ତନ ହୋଇପାରେ। ଧନପ୍ରାପ୍ତିର ସୁଯୋଗ ହାତଛଡା କରିବେ।

**ଧନୁ** ପୂଜା ପାଠରେ ଅଧିକ ସମୟ ବିତିବ। ଛାତ୍ରଛାତ୍ରୀମାନେ ଅଧିକ ପରିଶ୍ରମ କରି ସଫଳ ହେବେ। ତୀର୍ଥସ୍ଥାନ ଭ୍ରମଣର ସୁଯୋଗ ହାତଛଡା କରିବେ। ବ୍ୟବସାୟରେ ଅଧିକ ଲାଭବାନ ହେବେ। ରାଜନୀତିରେ ଆଧିପତ୍ୟ ବଢ଼ିବ।

**ମକର** ଗୃହରେ ବନ୍ଧୁମିଳନରୁ ଶାନ୍ତି ଅନୁଭବ କରିବେ। ଧର୍ମ ଚର୍ଚ୍ଚାରେ ସମୟ କଟିବ। ବିଦ୍ୟାର୍ଥୀମାନେ ପରିଶ୍ରମର ଫଳ ପାଇବେ। ଗୃହରେ ବୟସ୍କ ବ୍ୟକ୍ତିଙ୍କ ଶରୀର ଅସୁସ୍ଥ ରହିବ। ପରିଶ୍ରମର ଫଳ ପାଇବେ।

**କୁମ୍ଭ** କର୍ମକ୍ଷେତ୍ରରେ ଉଚ୍ଚପଦସ୍ଥ କର୍ମଚାରୀଙ୍କ ସହ ସମ୍ପର୍କ ଭଲ ରହିବ। ନୂତନ କର୍ମକ୍ଷେତ୍ରରେ ଯୋଗ ଦେଇ ପ୍ରଶଂସିତ ହେବେ। କ୍ରୀଡାବିତ୍‌ମାନେ ସଫଳତା ଅର୍ଜନ କରିବେ। ପାରିବାରକ ଜୀବନ ସୁଖମୟ ହେବ। ବ୍ୟବସାୟରେ ଲାଭରୁ ବଞ୍ଚିତ ରହିବେ।

**ମୀନ** ସାମାଜିକ କର୍ମରେ ସମୟ ବିତିବ। ଆର୍ଥିକ ଅବସ୍ଥା ବଦଳିବ। କର୍ମକ୍ଷେତ୍ରରେ ଉଚ୍ଚପଦସ୍ଥ କର୍ମଚାରୀଙ୍କ ଠାରୁ ସହଯୋଗ ପାଇବେ। ଦାମ୍ପତ୍ୟ ଜୀବନରେ କଳହ ଉପୁଜିପାରେ। ମାନସିକ ଚିନ୍ତାରେ ବୁଡି ରହିବେ।



ଚନ୍ଦ୍ରଶେଖର ମିଶ୍ର
ଜ୍ୟୋତିର୍ବିଦ୍ ଓ ବାସ୍ତୁବିଶାରଦ
କାକଟପୁର, ପୁରୀ
ମୋ-୯୭୭୭୦୬୩୪୧୧

# ଭାରତ ଓ ଏସିଆନ ରାଷ୍ଟ୍ରଙ୍କ ମଧ୍ୟରେ ସାମୁଦ୍ରିକ ପରିବହନ ବ୍ୟବସ୍ଥାର ବିକାଶ ଜରୁରୀ

**ସିଙ୍ଗାପୁର :** ଭାରତ ଏବଂ ଆସିଆନ୍ ରାଷ୍ଟ୍ରମାନଙ୍କ ମଧ୍ୟରେ ସାମୁଦ୍ରିକ ପରିବହନ ବ୍ୟବସ୍ଥାର ବିକାଶ ହେବା ଜରୁରୀ। ଏ କ୍ଷେତ୍ରରେ ଉନ୍ନତି ଘଟିଲେ ଭାରତ ଏବଂ ଆସିଆନ ରାଷ୍ଟ୍ର ସମୂହ ମଧ୍ୟରେ ରହିଥିବା ବ୍ୟବସାୟ ବାଣିଜ୍ୟ ସମ୍ଭାବନାକୁ ବହୁ ଗୁଣିତ କରାଯାଇପାରିବ। ଏହି ବ୍ୟବସ୍ଥା ବିଶ୍ୱ ବାଣିଜ୍ୟ ବ୍ୟବସାୟ କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ଅନୁଷ୍ଠିତ ଭାରତ-ଦକ୍ଷିଣ ପୂର୍ବ ଏସିଆ ରାଷ୍ଟ୍ର ସଂଘ(ଆସିଆନ୍) ସମ୍ମିଳନୀରେ ପ୍ରକାଶ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଭାରତ-ପ୍ରଶାନ୍ତ ମହାସାଗର ଅଞ୍ଚଳରେ ବାଣିଜ୍ୟ ବ୍ୟବସାୟର ପ୍ରସାର ପାଇଁ ଭାରତ ଆଗ୍ରହୀ ରହିଥିବା ବେଳେ 'ଆକ୍ଟ ଇଷ୍ଟ ପଲିସି' ନୀତି ଅନୁସାରେ ବ୍ରୁନେଇ,କାମ୍ବୋଡିଆ, ଇଣ୍ଡୋନେସିଆ, ଲାଓସ୍,ମ୍ୟାଲେସିଆ, ମିଆଁମ୍ୟାର୍, ସିଙ୍ଗାପୁର, ଥାଇଲ୍ୟାଣ୍ଡ, ଫିଲିଫାଇନ୍ସ ଏବଂ ଭିଏତ୍‌ନାମ ଆଦି ରାଷ୍ଟ୍ରମାନଙ୍କ ସହ ବାଣିଜ୍ୟ



ବ୍ୟବସାୟ ବୃଦ୍ଧି ପାଇଁ ଭାରତ ଗୁରୁତ୍ୱ ଦେଉଥିବା ମୋଦି କହିଛନ୍ତି। ସାମୁଦ୍ରିକ ପରିବହନ ଏବଂ ବନ୍ଦର ଭିତ୍ତିଭୂମି ବିକାଶ ଦୃଷ୍ଟିରୁ ଭାରତ ତୁଳନାରେ ଅନ୍ୟ କେତେକ ଆସିଆନ୍ ରାଷ୍ଟ୍ର ଆଗୁଆ ରହିଥିବା ବେଳେ ସିଙ୍ଗାପୁର ଏହି କ୍ରମରେ ସବୁଠାରୁ ଅଗ୍ରରେ ରହିଛି। ବିଶେଷ କରି ସିଙ୍ଗାପୁର ବିଶ୍ୱର ଅନ୍ୟତମ ପ୍ରମୁଖ ବନ୍ଦର ଭାବେ ପ୍ରତିଷ୍ଠା ଲାଭ କରିବା ସହ ଏଠାକାର କଣ୍ଟେନର ଟର୍ମିନାଲ୍ ବ୍ୟବସ୍ଥା ଉନ୍ନତ ରହିଛି। ତେବେ ଭାରତ ଏବଂ ଆସିଆନ୍ ରାଷ୍ଟ୍ରମାନଙ୍କ ମଧ୍ୟରେ ସାମୁଦ୍ରିକ ପରିବହନ ବ୍ୟବସ୍ଥାକୁ ନେଇ ବନ୍ଦର କ୍ଷମତା, ଅତ୍ୟଧିକ ବନ୍ଦର ଦେୟ ଏବଂ ଉନ୍ନତ ମାନବ ସମ୍ବଳ ବ୍ୟବସ୍ଥାକୁ ନେଇ ରହିଥିବା ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇ ଏଗୁଡିକର ସମାଧାନ କରାଯିବା ଆବଶ୍ୟକ ବୋଲି ମୋଦି କହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ପ୍ରଧାନମନ୍ତ୍ରୀ ମୋଦି ଦୁଇଦିନିଆ ସିଙ୍ଗାପୁର ଗସ୍ତରେ ଆସି ତୃତୀୟ ଫାଇନାନ୍ସ ଟେକ୍ନୋଲୋଜି (ଫିନ୍‌ଟେକ୍) ଉତ୍ସବରେ ଯୋଗ ଦେଇଥିଲେ। ବାଣିଜ୍ୟ ବ୍ୟବସାୟ କ୍ଷେତ୍ରରେ ଏହା ବିଶ୍ୱର ସର୍ବବୃହତ୍ କାର୍ଯ୍ୟକ୍ରମ ହୋଇଥିବାବେଳେ ଏଥିରେ ବିଭିନ୍ନ ଫାଇନାନ୍ସିଆଲ୍ କମ୍ପାନୀଗୁଡ଼ିକର ୩୦ ହଜାରରୁ ଊର୍ଦ୍ଧ୍ୱ ବିଶେଷଜ୍ଞ ଯୋଗ ଦେଇଥିଲେ। ଏହି ଅବସରରେ ମୋଦି ସେଠାରେ ବିଶ୍ୱର ସବୁଠୁ ବଡ଼ ବ୍ୟାଙ୍କିଙ୍ଗ୍ ସଲ୍ୟୁସନ୍ ବ୍ୟବସ୍ଥା ଭାବେ 'ଏପିକ୍ସ'ର ଶୁଭାରମ୍ଭ କରିଥିଲେ। ଏହି ବ୍ୟବସ୍ଥା ଭାରତ ସମେତ ବିଶ୍ୱର ୨୩ଟି ରାଷ୍ଟ୍ର ପାଇଁ ବ୍ୟବସ୍ଥିତ କରାଯାଇଛି। ଏହି ଏପିକ୍ସକୁ ହାଇଦ୍ରାବାଦ, କଲମ୍ବୋ ଓ ଲଣ୍ଡନର ବିଶେଷଜ୍ଞମାନେ ପ୍ରସ୍ତୁତ କରିଛନ୍ତି। ଏପିକ୍ସ ଭାରତ ଏବଂ ଏସିଆନ୍‌ର ସମସ୍ତ ୧୦ଟି ଦେଶ ସମେତ ୨୩ଟି ରାଷ୍ଟ୍ରର ଦୂରଦୂରାନ୍ତ ଅଞ୍ଚଳରେ ରହୁଥିବା ଲୋକଙ୍କୁ ମଧ୍ୟ ଯୋଡ଼ି ରଖିବ।

## ୨ ମାସ ପାଇଁ ଖୋଲିଲା ସାବରୀମାଳା

**ଥିରୁବନନ୍ତପୁରମ :** କେରଳର ପ୍ରସିଦ୍ଧ ସାବରୀମାଳା ମନ୍ଦିର ପରିଚାଳନା କରୁଥିବା ଟ୍ରାଭାନ୍‌କୋର୍ ଦେବସୋମ ବୋର୍ଡ ମହିଳାଙ୍କ ପ୍ରବେଶ ସମ୍ପର୍କରେ ସୁପ୍ରିମକୋର୍ଟକୁ ଯିବ ବୋଲି ଶୁକ୍ରବାର ନିଷ୍ପତ୍ତି ନେଇଛି। ମନ୍ଦିରରେ ମହିଳାଙ୍କ ପ୍ରବେଶ ଲାଗି ସର୍ବୋଚ୍ଚ ଅଦାଲତ ଅନୁମତି ଦେଇଥିବାରୁ ଏହାକୁ କାର୍ଯ୍ୟକାରୀ କରିବା ନିମନ୍ତେ ଅଧିକ ସମୟ ଦିଆଯିବା ଲାଗି ମନ୍ଦିର ବୋର୍ଡ ସୁପ୍ରିମକୋର୍ଟରେ ଆବେଦନ କରିବ। ଉଲ୍ଲେଖଯୋଗ୍ୟ ଯେ, ଋତୁମତୀ ମହିଳାଙ୍କୁ ଭଗବାନ ଆୟାପ୍ପାଙ୍କ ମନ୍ଦିରରେ ପ୍ରବେଶ ନେଇ ବାରଣ ଥିଲା ବେଳେ ସୁପ୍ରିମକୋର୍ଟ ଏଥିପାଇଁ ଅନୁମତି ଦେବାରୁ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଛି। ସୁପ୍ରିମକୋର୍ଟରେ ଆବେଦନ କରିବା ଲାଗି ବୋର୍ଡ ସଦସ୍ୟମାନେ ଆଇନ ବିଶେଷଜ୍ଞଙ୍କ ସହ ଆଲୋଚନା କରିବା ପରେ ନିଷ୍ପତ୍ତି ହୋଇଛି ବୋଲି ବୋର୍ଡର ଅଧକ୍ଷ ଏ ପଦ୍ମକୁମାର ଏଠାରେ ଗଣମାଧ୍ୟମକୁ କହିଛନ୍ତି। ଆଉ ଦିନକ ପରେ ସାବରୀମାଳା ମନ୍ଦିରରେ ଦୁଇ ମାସ ବ୍ୟାପୀ ବାର୍ଷିକ ଦର୍ଶନ ଅନୁଷ୍ଠିତ ହେବ।

# 'ଆର୍ଥିକ ଅଭିବୃଦ୍ଧି ପାଇଁ ବ୍ୟାଙ୍କିଙ୍ଗ୍ କ୍ଷେତ୍ର ସୁଦୃଢ ହେବା ଜରୁରୀ'

**ନୂଆଦିଲ୍ଲୀ :** ସାଂପ୍ରତିକ ସ୍ଥିତିରେ ଦେଶର ଆର୍ଥିକ ବ୍ୟବସ୍ଥାରେ ଆହୁରି ଉନ୍ନତି ଆଣିବାକୁ ହେଲେ ବ୍ୟାଙ୍କିଙ୍ଗ କ୍ଷେତ୍ରକୁ ଶକ୍ତିଶାଳୀ କରିବାକୁ ପଡିବ ବୋଲି କେନ୍ଦ୍ର ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ କହିଛନ୍ତି। ଏମଏସ୍‌ଏମଇ ସମେତ ଅନ୍ୟ କେତେକ ପ୍ରମୁଖ କ୍ଷେତ୍ର ପାଇଁ ଋଣ ବ୍ୟବସ୍ଥାର ଆବଶ୍ୟକତା ସର୍ବାଗ୍ରେ ରହିଥିବାରୁ ଏଗୁଡିକୁ ତୁରନ୍ତ ଋଣ ସହାୟତା ଯୋଗାଇ ଦେବାକୁ ବ୍ୟାଙ୍କମାନଙ୍କର ଆର୍ଥିକ ବ୍ୟବସ୍ଥାରେ ମଧ୍ୟ ସୁଧାର ଆଣିବା ଜରୁରୀ ହୋଇପଡିଛି ବୋଲି ସେ କହିଛନ୍ତି। ୟୁନିୟନ ବ୍ୟାଙ୍କ ଅଫ ଇଣ୍ଡିଆର ଶତବାର୍ଷିକୀ ପାଳନ ଅବସରରେ ଭିଡିଓକନ୍‌ଫରେନ୍ସିଂ ଜରିଆରେ ଉଦ୍‌ବୋଧନ ଦେଇ ଶ୍ରୀ ଜେଟ୍‌ଲୀ କହିଥିଲେ ଯେ, ଦେଶର ବ୍ୟାଙ୍କିଙ୍ଗ ବ୍ୟବସ୍ଥାକୁ ଶକ୍ତିଶାଳୀ କରିବାକୁ ତାଙ୍କ ମନ୍ତ୍ରଣାଳୟ ପ୍ରାଥମିକତା ଦେଇଛି। ଏହା ଦ୍ୱାରା ଦେଶର ଆର୍ଥିକ ପ୍ରଗତିଧାରାକୁ ମଜଭୁତ କରି ହେବ ବୋଲି ସେ କହିଛନ୍ତି। ଏଥିସହ ବିଭିନ୍ନ ବ୍ୟାଙ୍କର ଏନ୍‌ପିଏକୁ ନେଇ ବର୍ତ୍ତମାନ ବିଭିନ୍ନ



ସ୍ତରରେ ଚିନ୍ତା ପ୍ରକଟ କରାଯାଇଥିବା ବେଳେ ଏହାକୁ ମଧ୍ୟ ନିୟନ୍ତ୍ରଣ କରିବା ନେଇ ତାଙ୍କ ମନ୍ତ୍ରଣାଳୟ ଗୁରୁତ୍ୱ ଦେଇଥିବା ଜେଟ୍‌ଲୀ କହିଛନ୍ତି। ତେବେ ଜେଟ୍‌ଲୀଙ୍କ ଏଭଳି ମନ୍ତବ୍ୟକୁ ନେଇ ପୁଣି ବିଭିନ୍ନ ସ୍ତରରେ ଆଲୋଚନା ଜୋର୍ ଧରିବା ଆରମ୍ଭ କରିଛି। କାରଣ ବ୍ୟାଙ୍କିଙ୍ଗ୍ ଏବଂ ଅଣ ବ୍ୟାଙ୍କିଙ୍ଗ ଫାଇନାନ୍ସିଆଲ କମ୍ପାନୀଗୁଡିକୁ ଅଧିକ ପରିମାଣର ଅର୍ଥ ରାଶି ଯୋଗାଇ ଦେବାକୁ ନେଇ କେନ୍ଦ୍ର ସରକାର ଓ ରିଜର୍ଭ ବ୍ୟାଙ୍କ ମଧ୍ୟମରେ ଲାଗି ରହିଥିବା ମତଭେଦରେ ବର୍ତ୍ତମାନ ସୁଦ୍ଧା ଯବନିକା ପଡିନଥିବା ବେଳେ ଏହି ପ୍ରସ୍ତାବ ପ୍ରତି ରିଜର୍ଭ ବ୍ୟାଙ୍କ କର୍ତ୍ତୃପକ୍ଷ ଅମଙ୍ଗ ରହିଛନ୍ତି। ସେହିପରି ରିଜର୍ଭ ବ୍ୟାଙ୍କ ନିକଟରୁ କୌଣସି ଅର୍ଥ ପାଇଁ କେନ୍ଦ୍ର ସରକାର ବ୍ୟଗ୍ର ନୁହନ୍ତି ବୋଲି ଅର୍ଥନୈତିକ ବ୍ୟାପାର ବିଭାଗୀୟ ସଚିବ ମଧ୍ୟ ସ୍ୱଷ୍ଟୋକ୍ତି ଦେଇ ସାରିଛନ୍ତି। ଆସନ୍ତା ୧୯ ତାରିଖରେ ଭାରତୀୟ ରିଜର୍ଭ ବ୍ୟାଙ୍କର ବୋର୍ଡ ବୈଠକ ହେବାକୁ ଯାଉଥିବା ବେଳେ ଏହି ପ୍ରସଙ୍ଗ ମୁଖ୍ୟ ଆଲୋଚନାର ବିଷୟ ହେବ ବୋଲି କୁହାଯାଉଥିବା ବେଳେ ବ୍ୟାଙ୍କିଙ୍ଗ ଏବଂ ଏନବିଏଫସି କ୍ଷେତ୍ରକୁ ଶକ୍ତିଶାଳୀ କରିବା କଥା ଶ୍ରୀ ଜେଟ୍‌ଲୀ ଦୋହରାଇବା ଆଲୋଚ୍ୟର ବିଷୟ ହୋଇଛି। କେନ୍ଦ୍ର ସରକାର ତାଙ୍କ ଜିଦ୍‌ରେ ଅଟଳ ରହିଥିବା ବେଳେ ଆଗାମୀ ବୈଠକରେ କିଭଳି ଆଭିମୁଖ୍ୟ ରଖୁଛନ୍ତି ତାହାକୁ ନେଇ ଏବେ ବିଭିନ୍ନ ମହଲରେ କଳ୍ପନାଜଳ୍ପନା ଲାଗି ରହିଛି।

## ୭୦% ଯୁବଗୋଷ୍ଠୀଙ୍କୁ ଅଜଣା ସ୍କିଲ୍ ଇଣ୍ଡିଆ ଯୋଜନା

Skill India
कौशल भारत - कुशल भारत

**ନୂଆଦିଲ୍ଲୀ :** ମୋଦୀ ସରକାରଙ୍କ ପକ୍ଷରୁ କାର୍ଯ୍ୟକାରୀ କରାଯାଉଥିବା ବିଭିନ୍ନ ଯୋଜନା ମଧ୍ୟରୁ ସ୍କିଲ୍ ଇଣ୍ଡିଆ ବା ଦକ୍ଷତା ବିକାଶ ଯୋଜନା ହେଉଛି ଅନ୍ୟତମ ପ୍ରମୁଖ ଯୋଜନା। ଏହି ଯୋଜନାର ଲକ୍ଷ୍ୟ ସାଧନ ପାଇଁ କେନ୍ଦ୍ର ସରକାର ବିଭିନ୍ନ ଉପାୟରେ କାର୍ଯ୍ୟକ୍ରମ ଜାରି ରଖିଥିବା ବେଳେ ୨୦୨୨ ସୁଦ୍ଧା ଦେଶର ୪୦ କୋଟି ଲୋକଙ୍କୁ ଏହି ଯୋଜନାରେ ସାମିଲ କରି ଏହାକୁ ସଫଳ କରିବା ନିମନ୍ତେ ଉଦ୍ୟମ କରୁଛନ୍ତି। ହେଲେ ଦେଶର ୭୦ ପ୍ରତିଶତ ଯୁବଗୋଷ୍ଠୀ ବର୍ତ୍ତମାନ ସୁଦ୍ଧା ଏହି ଯୋଜନା ସମ୍ପର୍କରେ ଅବଗତ ନାହାନ୍ତି ବୋଲି ବିଶ୍ୱ ଅର୍ଥନୈତିକ ମଞ୍ଚ ଏବଂ ଅବଜର୍‌ଭର ରିସର୍ଚ୍ଚ ଫାଉଣ୍ଡେସନ ପକ୍ଷରୁ ନିକଟରେ କରାଯାଇଥିବା ଏକ ସର୍ବେକ୍ଷଣରୁ ଜଣାପଡିଛି। ଏହି ସର୍ବେକ୍ଷଣରେ ୧୫ ରୁ ୩୦ ବର୍ଷର ପ୍ରାୟ ୬୦୦୦ ଯୁବକମାନଙ୍କୁ ସାମିଲ କରାଯାଇଥିବା ବେଳେ ସେମାନଙ୍କ ଶିକ୍ଷାଗତ ଯୋଗ୍ୟତା, ନିଯୁକ୍ତି ଏବଂ ସେମାନଙ୍କ ଭବିଷ୍ୟ କାର୍ଯ୍ୟପନ୍ଥାକୁ ନେଇ ସମୀକ୍ଷା କରାଯାଇଥିଲା। ଏଥିରେ ଯୁବକମାନଙ୍କ ଶିକ୍ଷା, ପରବର୍ତ୍ତୀ କାର୍ଯ୍ୟକ୍ରମ ଏବଂ ସେମାନଙ୍କ ଭବିଷ୍ୟତ ସହ ସରକାରୀ କାର୍ଯ୍ୟକ୍ରମ କିମ୍ବା ଶିଳ୍ପ ଜଗତର କୌଣସି ସଂଯୋଗ ନଥିଲା ବୋଲି ରିପୋର୍ଟରେ କୁହାଯାଇଛି। ଅଧିକାଂଶ ସ୍ଥାନରେ ସ୍କିଲ ଇଣ୍ଡିଆ ଯୋଜନା ସମ୍ପର୍କରେ ଯୁବକମାନେ ଜାଣିନଥିବା ବେଳେ କେତେକ କେନ୍ଦ୍ରରେ ଜଣେ ମଧ୍ୟ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇନଥିବା ଜଣାପଡିଥିଲା। ତେବେ ଏହି କାର୍ଯ୍ୟକ୍ରମ ସମ୍ପର୍କରେ ଜାଣିବା ପରେ ଅଧିକାଂଶ ଯୁବକ ଏଥିପାଇଁ ସେମାନଙ୍କ ଆଗ୍ରହ ପ୍ରକାଶ କରିଥିବା କୁହାଯାଇଛି। ଏହି ସର୍ଭେ ଅନୁସାରେ ଦେଶର ୫୧ ପ୍ରତିଶତ ଯୁବକ ସେମାନଙ୍କ ଶିକ୍ଷା ଏବଂ ଦକ୍ଷତା ଅନୁସାରେ ନିଯୁକ୍ତି ପାଉ ନାହାନ୍ତି। ଫଳରେ ସେମାନଙ୍କ ଦକ୍ଷତା ବିକାଶ ଏବଂ ଉପଯୋଗ ପାଇଁ ସୁଯୋଗ ସୃଷ୍ଟି ହୋଇପାରୁ ନଥିବା କୁହାଯାଇଛି।

# ମାଷ୍ଟରକାର୍ଡ,ଭିସା ଦେବେ ଟିକସ !

**ମୁମ୍ବାଇ :** ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)ର ଗାଇଡ୍‌ଲାଇନ୍ ଅନ୍ତର୍ଗତ ବୈଷୟିକ ପେମେଣ୍ଟ କମ୍ପାନୀ ମାଷ୍ଟରକାର୍ଡ, ଭିସା ଏବଂ ଆମେରିକାନ୍ ଏକ୍ସପ୍ରେସ୍ ବର୍ତ୍ତମାନ ଭାରତରେ ନିଜନିଜ ସର୍ଭର୍ ସେଟ୍‌ଅପ୍ କରିବାକୁ ଯୋଜନା ଚଳାଉଛନ୍ତି। ଏହାଦ୍ୱାରା ଭାରତୀୟମାନଙ୍କର ଡାଟାକୁ ଦେଶ ମଧ୍ୟରେ ସୁରକ୍ଷିତ ରୂପେ ଗଚ୍ଛିତ କରି ରଖାଯାଇପାରିବ। ଏଥିସହିତ ଏହି କମ୍ପାନୀଗୁଡ଼ିକୁ ଦେଶରେ ହେବାକୁ ଥିବା ରୋଜଗାର ଉପରେ ୧୫ ପ୍ରତିଶତ ଟିକସ ପରିଶୋଧ କରିବାକୁ ହେବ। ଭାରତରେ ଏହି କମ୍ପାନୀଗୁଡ଼ିକୁ ସ୍ଥାୟୀ କମ୍ପାନୀର ମାନ୍ୟତା ମିଳିନଥିବାରୁ ବର୍ତ୍ତମାନ ସୁଦ୍ଧା ଉକ୍ତ କମ୍ପାନୀଗୁଡ଼ିକୁ ଟିକସମୁକ୍ତ ରଖାଯାଇଥିଲା। ଏହି କମ୍ପାନୀଗୁଡ଼ିକ ସିଙ୍ଗାପୁର କାର୍ଯ୍ୟାଳୟରୁ ସଞ୍ଚାଳନ ହେଉଥିବାବେଳେ ଆମେରିକାରେ ଏବଂ ଆଇଲ୍ୟାଣ୍ଡ୍‌ରେ ଡାଟା ଷ୍ଟୋର୍ କରାଯାଉଥିଲା। ଦେଶରେ ସ୍ଥାପିତ କମ୍ପାନୀଗୁଡ଼ିକଠାରୁ କର୍ପୋରେଟ୍ ପ୍ରଫିଟ୍ ଉପରେ ୩୦ ପ୍ରତିଶତ ଟିକସ ପରିଶୋଧ କରାଯାଏ। ମାତ୍ର ଗ୍ଲୋବାଲ୍ ପେମେଣ୍ଟ କମ୍ପାନୀ ମାଷ୍ଟରକାର୍ଡ, ଭିସା ଏବଂ ଆମେରିକା ଏକ୍ସପ୍ରେସ୍‌ରୁ ୧୫ ପ୍ରତିଶତ ଟିକସ ନିଆଯିବ। କାରଣ ସିଙ୍ଗାପୁର ଭଳି ଦେଶଗୁଡ଼ିକ ସହିତ ଟିକସ ବୁଝାମଣା ହୋଇଛି ଏବଂ ଏହି କମ୍ପାନୀଗୁଡ଼ିକ ସିଙ୍ଗାପୁରରୁ ପରିଚାଳିତ ହେଉଛନ୍ତି। ତେବେ ଏହି କମ୍ପାନୀଗୁଡ଼ିକ ୧୫ ପ୍ରତିଶତର ଟିକସ ବୋଝକୁ ମଧ୍ୟ କାର୍ଡଧାରକଙ୍କ ଉପରେ ଲଦିଦେବେ ବୋଲି ଆଶଙ୍କା କରାଯାଉଛି। ଅର୍ଥାତ୍ କମ୍ପାନୀଗୁଡ଼ିକର କ୍ରେଡିଟ୍ ତଥା ଡେବିଟ୍ କାର୍ଡହୋଲ୍ଡରଙ୍କ ଠାରୁ ଫି' ପରିଶୋଧ କରାଯିବାର ସମ୍ଭାବନା ରହିଥିବା ଜଣାପଡ଼ିଛି। ଅକ୍ଟୋବର ୧୫ ସୁଦ୍ଧା ମାଷ୍ଟରକାର୍ଡ, ଭିସା ଏବଂ ଆମେରିକାନ୍ ଏକ୍ସପ୍ରେସ୍ କମ୍ପାନୀଗୁଡ଼ିକୁ ଦେଶରେ ଡାଟା ସୁରକ୍ଷିତ ରୂପେ ଗଚ୍ଛିତ ରଖିବା ପାଇଁ ଚଳିତବର୍ଷ ଏପ୍ରିଲ୍‌ରେ ଆର୍‌ବିଆଇ ନିର୍ଦ୍ଦେଶ ଜାରି କରିଥିଲା। ମାତ୍ର ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଏପରି ହୋଇପାରିନାହିଁ। ସେହିପରି ଗୁଗଲ୍ ଏବଂ ଆପଲ୍ ଭଳି କମ୍ପାନୀଗୁଡ଼ିକୁ ସେମାନଙ୍କ ଡାଟାକୁ ଦେଶ ମଧ୍ୟକୁ ଟ୍ରାନ୍ସଫର୍ କରିବା ଲାଗି ମଧ୍ୟ ଆର୍‌ବିଆଇ ନିର୍ଦ୍ଦେଶ ଜାରି କରିଥିଲା। ଏପରି ସ୍ଥଳେ ଏହି କମ୍ପାନୀଗୁଡ଼ିକ ଉପରେ ମଧ୍ୟ ଟିକସ ବୋଝ ପଡ଼ିପାରେ। ନିକଟରେ ଦେଶରେ ଡାଟା ସୁରକ୍ଷା ଆଇନ ପ୍ରଣୟନ କରାଯାଇଛି। ଏଥିରେ ଘରୋଇ ଡାଟା ଷ୍ଟୋରେଜ୍ ସର୍ଭରକୁ ଦେଶରେ ଲଗାଇବାର ନିୟମ ସାମିଲ ଅଛି।

# ଅନୁପ୍ରବେଶ ଅପେକ୍ଷାରେ ୧୬୦ ଆତଙ୍କୀ

**ଜମ୍ମୁ :** ଭାରତ ପକ୍ଷରୁ ସର୍ଜିକାଲ ଷ୍ଟ୍ରାଇକ୍ କରାଯାଇ ପାକିସ୍ତାନ ସୀମାରେ ଆତଙ୍କୀଙ୍କ ବହୁ ଲଞ୍ଚ ପ୍ୟାଡ୍ ନଷ୍ଟ କରାଯାଇଥିଲା। କିନ୍ତୁ ସେହି ସ୍ଥିତି ଏବେ ବି ବଳବତ୍ତର ରହିଛି। ନିୟନ୍ତ୍ରଣରେଖା ଆରପଟେ ୧୬୦ ଆତଙ୍କବାଦୀ ଭାରତ ସୀମାରେ ଅନୁପ୍ରବେଶ କରିବା ଲାଗି ଅପେକ୍ଷା କରିଛନ୍ତି ବୋଲି ସେନାର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ଲେଫ୍ଟନାଣ୍ଟ ଜେନେରାଲ ପରମଜିତ୍ ସିଂହ ନାଗ୍ରୋଟାର ହ୍ୱାଇଟ୍ ନାଇଟ୍ କୋର୍ ଜିଓସି (ଜେନେରାଲ ଅଫିସର କମାଣ୍ଡିଂ) ଭାବେ ଦାୟିତ୍ୱ ଗ୍ରହଣ କରିବା ଅବସରରେ ଏହା କହିଛନ୍ତି। ସେ କହିଛନ୍ତି, ପାକିସ୍ତାନର ନୀତି ଓ ଉଦ୍ଦେଶ୍ୟ ପରିବର୍ତ୍ତନ ହେଲେ ଆତଙ୍କବାଦୀଙ୍କ କାର୍ଯ୍ୟକଳାପ ରୋକାଯାଇ ପାରିବ। ଜମ୍ମୁ-କଶ୍ମୀରର ୩ଟି ରିଜିଅନ୍‌ରେ କାର୍ଯ୍ୟ କରିଥିବା ଲେଫ୍ଟନାଣ୍ଟ ଜେନେରାଲ ସିଂହ କହିଛନ୍ତି, ପାକିସ୍ତାନ ସୀମାର ବିଭିନ୍ନ ସ୍ଥାନରେ ୧୪୦ରୁ ୧୬୦ ପର୍ଯ୍ୟନ୍ତ ଆତଙ୍କବାଦୀ ଅନୁପ୍ରବେଶ ପାଇଁ ପ୍ରସ୍ତୁତ ରହିଛନ୍ତି। ସମୁଦ୍ର ପତ୍ତନ ଠାରୁ ବହୁ ଉଚ୍ଚରେ ଲଢ଼େଇ କରିବାର ଅଭିଜ୍ଞତା ଅର୍ଜନ



କରିଥିବା ଲେଫ୍ଟନାଣ୍ଟ ଜେନେରାଲ ସିଂହ କହିଛନ୍ତି, ସୀମାରେ ଆତଙ୍କୀଙ୍କ ତାଲିମ ଶିବିରଗୁଡ଼ିକ ପୂର୍ବପରି କାର୍ଯ୍ୟ କରୁଛି। ଇତିମଧ୍ୟରେ ପାକିସ୍ତାନର ମତିଗତିରେ ମଧ୍ୟ କୌଣସି ପରିବର୍ତ୍ତନ ଘଟିନାହିଁ। ପାକିସ୍ତାନ ସେନା ଓ ଗୋଇନ୍ଦା ସଂସ୍ଥା ଆଇଏସ୍‌ଆଇ ସର୍ବଦା ଆତଙ୍କବାଦୀଙ୍କୁ ଭାରତ ସୀମାରେ ଅନୁପ୍ରବେଶ କରାଇବା ଲାଗି ଯୋଜନା ଚଳାଇଛି। ପାକିସ୍ତାନ ସେନାର ଅସ୍ତ୍ର ବିରତି ଉଲ୍ଲଂଘନ ସମ୍ପର୍କରେ ପ୍ରଶ୍ନ ହେବାରୁ ଏହି ବରିଷ୍ଠ ସେନା ଅଧିକାରୀ କହିଛନ୍ତି, ଦୁଇ ଦେଶର ଡିଜିଏମ୍‌ଓ ସ୍ତରରେ ଆଲୋଚନା ପରେ ପରିସ୍ଥିତିରେ ଉନ୍ନତି ଘଟିଛି। ଏଲିଟ୍ ପାରାଟ୍ରୁପ୍ ରେଜିମେଣ୍ଟର ସେନା ଅଧିକାରୀ ଲେଫ୍ଟନାଣ୍ଟ ଜେନେରାଲ ସିଂହଙ୍କୁ ଶୀତ ସମୟରେ ସେନା ପାଇଁ ଚାଲେଞ୍ଜ୍‌ଗୁଡ଼ିକ ସମ୍ପର୍କରେ ପ୍ରଶ୍ନ ହେବାରୁ ସେ କହିଛନ୍ତି, ଏଲ୍‌ଓସିରେ ବରଫ ପଡ଼ିବା ପରେ ପରେ ପାକିସ୍ତାନ ଆତଙ୍କବାଦୀଙ୍କୁ ଅନୁପ୍ରବେଶ କରାଇବା ଲାଗି ନିରନ୍ତର ଉଦ୍ୟମ କରିବ। କିନ୍ତୁ ସେନା ଏଥିପାଇଁ ପ୍ରସ୍ତୁତ ରହିଛି।

# ଭୁଷୁଡିବାରେ ଲାଗିଛି ପାକିସ୍ତାନର ଆର୍ଥିକ ବ୍ୟବସ୍ଥା

**ଇସ୍‌ଲାମବାଦ :** ଧିରେ ଧିରେ ପାକିସ୍ତାନର ସାମଗ୍ରିକ ଆର୍ଥିକ ବ୍ୟବସ୍ଥା ଏକ ପ୍ରକାର ଭୁଷୁଡି ପଡିଥିବା ଜଣାପଡିଛି। ଏହାର ମୁକାବିଲା ପାଇଁ ପାକିସ୍ତାନ ସରକାର ଆନ୍ତର୍ଜାତିକ ସ୍ତରରେ ଆର୍ଥିକ ସହାୟତା ପାଇଁ ହାତ ବଢାଇଛନ୍ତି। ବିଶେଷ କରି ପାକିସ୍ତାନର ବାଲାନ୍ସ ଅଫ୍ ପେମେଣ୍ଟ ସ୍ଥିତିକୁ ନେଇ ଉପୁଜିଥିବା ସମସ୍ୟାର ସମାଧାନ ପାଇଁ ବର୍ତ୍ତମାନ ପ୍ରାୟ ୬୦୦ କୋଟି ଡଲାରର ଆବଶ୍ୟକତା ରହିଥିବା ବେଳେ ଏହି ପରିମାଣର ଆର୍ଥିକ ସହାୟତା ପାଇଁ ଆନ୍ତର୍ଜାତିକ ମୁଦ୍ରା ପାଣ୍ଠି(ଆଇଏମ୍‌ଏଫ)ର ପରାମର୍ଶ ଲୋଡାଯାଇଛି। ତେବେ ପାକିସ୍ତାନର ଆର୍ଥିକ ବ୍ୟବସ୍ଥାକୁ ନେଇ ଆଇଏମ୍‌ଏଫ ପକ୍ଷରୁ ଅସନ୍ତୋଷ ପ୍ରକାଶ କରାଯାଇଥିବା ବେଳେ ପାକିସ୍ତାନ ତୁରନ୍ତ ଏହାର ଟିକସ ବ୍ୟବସ୍ଥାରେ ପରିବର୍ତ୍ତନ ଆଣିବାକୁ ପରାମର୍ଶ ଦିଆଯାଇଛି। ବର୍ତ୍ତମାନ ପାକିସ୍ତାନର ଟିକସ ବ୍ୟବସ୍ଥା ଏହାର ମୋଟ ଘରୋଇ ଉତ୍ପାଦନର ମାତ୍ର ୧୦ ପ୍ରତିଶତ ରହିଥିବା ଏବଂ ଏହାର ସମୁଦାୟ ଲୋକ ସଂଖ୍ୟା ମଧ୍ୟରୁ ମାତ୍ର ୫ଲକ୍ଷ ଲୋକ ଆୟକର ଫାଇଲ୍ କରୁଥିବାରୁ ଆଇଏମ୍‌ଏଫ ବିରକ୍ତି ପ୍ରକାଶ କରିବା ସହ ଏହି ବ୍ୟବସ୍ଥାରେ ପରିବର୍ତ୍ତନ ଆଣିବାକୁ ପାକିସ୍ତାନକୁ ପରାମର୍ଶ ଦେଇଥିବା ଜଣାପଡିଛି। ପାକିସ୍ତାନର ଏକ ଗଣମାଧ୍ୟମ ସୂତ୍ରରୁ ଜଣାପଡିଛି ଯେ, ପାକିସ୍ତାନର ଆର୍ଥିକ ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ଅର୍ଥମନ୍ତ୍ରୀ ଆସାଦ ଉମର ଆନ୍ତର୍ଜାତିକ ମୁଦ୍ରା ପାଣ୍ଠିର ସହାୟତା ଲୋଡିଥିଲେ। ଏକ୍ସେଡେଣ୍ଡ ଫଣ୍ଡ ଫାସିଲିଟି ବ୍ୟବସ୍ଥାରେ ପାକିସ୍ତାନକୁ ଆସନ୍ତା ୩ ବର୍ଷ ପାଇଁ ଆର୍ଥିକ ପ୍ରୋତ୍ସାହନ ଦେବାକୁ ପାକିସ୍ତାନ ପକ୍ଷରୁ ଆବେଦନ କରାଯାଇଥିବା ବେଳେ ଆସନ୍ତା ୨୦ ତାରିଖ ସୁଦ୍ଧା ଏହାର ଫଳାଫଳ ଜଣାପଡିବ ବୋଲି କୁହାଯାଇଛି। ଏହା ପୂର୍ବରୁ ପାକିସ୍ତାନକୁ ଅତ୍ୟନ୍ତ ଜରୁରୀ ପଡୁଥିବା



୬୦୦ କୋଟି ଡଲାରର ଆର୍ଥିକ ସହାୟତା ଯୋଗାଇ ଦେବାକୁ ସାଉଦି ଆରବ ପ୍ରସ୍ତାବ ଦେଇଥିଲା। ହେଲେ ଏହି ପରିମାଣର ଅର୍ଥ ପାକିସ୍ତାନର ସାଂପ୍ରତିକ ଆର୍ଥିକ ବ୍ୟବସ୍ଥାର ମୁକାବିଲା ପାଇଁ ଯଥେଷ୍ଟ ହେବ ନାହିଁ ବୋଲି ହୃଦୟଙ୍ଗମ କରିବା ପରେ ପାକିସ୍ତାନ ସରକାରଙ୍କ ପକ୍ଷରୁ ଆନ୍ତର୍ଜାତିକ ମୁଦ୍ରା ପାଣ୍ଠିର ସହାୟତା ଲୋଡାଯାଇଥିଲା। ଏଥିରେ ପାକିସ୍ତାନକୁ ଏହି ୬୦୦ କୋଟି ଡଲାରର ଆର୍ଥିକ ସହାୟତା ଯୋଗାଇ ଦେବାକୁ କୁହାଯାଇଥିଲା। ତେବେ ଆଇଏମଏଫ ପକ୍ଷରୁ ଯଦି ଏହି ପରିମାଣର ଅର୍ଥ ଯୋଗାଇ ଦିଆଯାଏ ତେବେ ୧୯୮୦ ମସିହା ପରେ ଆଇଏମଏଫ ପକ୍ଷରୁ ପାକିସ୍ତାନକୁ ଏହା ତ୍ରୟୋଦଶ ରକ୍ଷାକାରୀ ଆର୍ଥିକ ପ୍ୟାକେଜ୍ ଭାବେ ବିବେଚନା କରାଯିବ। ଉଲ୍ଲେଖଯୋଗ୍ୟ ଯେ, ପାକିସ୍ତାନ ବର୍ତ୍ତମାନ ଅତ୍ୟନ୍ତ ଆର୍ଥିକ ଦୁର୍ଗତି ମଧ୍ୟରେ ଗତି କରୁଥିବା ବେଳେ ବିଗତ ୧୦ ବର୍ଷ ମଧ୍ୟରେ ତୃତୀୟ ଥର ପାଇଁ ଏଭଳି ସମସ୍ୟା ଉପୁଜିଛି। ଗତ ଜୁନ୍ ମାସ ଶେଷ ସୁଦ୍ଧା ପାକିସ୍ତାନର ଚଳନ୍ତି ଜମା ନିଅଣ୍ଟ ପରିମାଣ ୧୮୦୦ କୋଟି ଡଲାରରେ ପହଞ୍ଚିଥିବା ବେଳେ ଗତବର୍ଷର ୧୨ଶହ କୋଟି ଡଲାର ତୁଳନାରେ ଏହି ପରିମାଣରେ ୪୫ ପ୍ରତିଶତ ବୃଦ୍ଧି ଘଟିଛି। ଚୀନ୍-ପାକିସ୍ତାନ ଅର୍ଥନୈତିକ କରିଡର ବ୍ୟତୀତ ପାକିସ୍ତାନର ଆମଦାନୀରେ ସର୍ବାଧିକ ହ୍ରାସ ଯୋଗୁଁ ଏଭଳି ପରିସ୍ଥିତି ଉପୁଜିଥିବା କୁହାଯାଇଛି।

### 'ଜାଗା ମିଶନ' କାର୍ଯ୍ୟକ୍ରମର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

# ଦୁଇଲକ୍ଷ ଭୂମିହୀନଙ୍କୁ ମିଳିବ ଜମିପଟ୍ଟା




**ପୁରୀ :** ଶ୍ରୀଜଗନ୍ନାଥଙ୍କ ଧାମରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ 'ଜାଗା ମିଶନ' କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। ଏଥିଲାଗି ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ତାଳବଣିଆସ୍ଥିତ ଇନ୍‌ଡୋର ଷ୍ଟାଡିୟମରେ ଆୟୋଜିତ ଏକ ରାଜ୍ୟସ୍ତରୀୟ ସମାରୋହରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ପୁରୀ ଜିଲ୍ଲାର ୧୦ଟି ବସ୍ତିର ୬୫୦୦ ପରିବାରଙ୍କୁ ଜମିପଟ୍ଟା ବଣ୍ଟନ କରିଛନ୍ତି। ଏହି ଅବସରରେ ଚଳିତବର୍ଷ ରାଜ୍ୟର ୨ଲକ୍ଷ ଭୂମିହୀନଙ୍କୁ ଜମିପଟ୍ଟା ବଣ୍ଟନ କରାଯିବାର ଲକ୍ଷ୍ୟ ରହିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଦେଶର ସର୍ବବୃହତ ଯୋଜନା ଜାଗା ମିଶନକୁ ଉଦଘାଟନ କରି ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ହିତାଧିକାରୀମାନଙ୍କ ଉଦ୍ଦେଶ୍ୟରେ କହିଥିଲେ ଯେ ଆପଣମାନଙ୍କ ବସ୍ତି ଦେଖି ମୁଁ ଜମିପଟ୍ଟା ଦେବାର ଧାରଣା ପାଇଥିଲି। ଆପଣମାନେ ଜମିପଟ୍ଟା ପାଇବେ। ଏଥିରେ ଆପଣମାନେ ଖୁସି ତ ବୋଲି ସେ ପ୍ରଶ୍ନ କରିଥିଲେ। ହିତାଧିକାରୀମାନେ ଏଥିରେ ସମ୍ମତି ଜଣାଇବାରୁ ମୁଖ୍ୟମନ୍ତ୍ରୀ ନିଜର ଖୁସି ବ୍ୟକ୍ତ କରି କହିଥିଲେ, ଗରିବ ଲୋକଙ୍କ ମୁହଁରେ ହସ ଆଣିବା ମୋର ଲକ୍ଷ୍ୟ। ଏ ଦିଗରେ ମୋର ଉଦ୍ୟମ ସବୁବେଳେ ଜାରି ରହିବ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ଭଦ୍ରକର ୪୦୯, ଢେଙ୍କାନାଳର ୧୨୦୦, ଗଞ୍ଜାମର ୧୧୧୯, ବରଗଡ଼ର ୧୩୯, ବାଲେଶ୍ୱରର ୧୨୦୭ଜଣ ଭୂମିହୀନ ବସ୍ତିବାସିନ୍ଦାଙ୍କୁ ଜମିପଟ୍ଟା ବଣ୍ଟନ କରିଥିଲେ। ମୁଖ୍ୟମନ୍ତ୍ରୀ ହିତାଧିକାରୀମାନଙ୍କୁ ଜମିପଟ୍ଟା ଓ ଆବାସ ପାଇଁ ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ଜାଗା ପ୍ରମାଣପତ୍ର ବଣ୍ଟନ ସମାରୋହରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ମନ୍ତ୍ରୀ ନିରଞ୍ଜନ ପୂଜାରୀ ଅଧ୍ୟକ୍ଷତା କରିଥିଲେ। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ମହେଶ୍ୱର ମହାନ୍ତି ପୁରୀ ଜିଲ୍ଲାର ୨୦ହଜାର ହିତାଧିକାରୀ ଏହି ଯୋଜନାରେ ଉପକୃତ ହେବେ ବୋଲି କହିଥିଲେ। ପଞ୍ଚାୟତିରାଜ ମନ୍ତ୍ରୀ ପ୍ରଦୀପ ମହାରଥୀ, କେବଳ ଓଡ଼ିଶାରେ ନୁହେଁ ବିଶ୍ୱରେ ଜାଗା ମିଶନ ଯୋଜନା ଏକ ଯୁଗାନ୍ତକାରୀ ପଦକ୍ଷେପ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାଂସଦ ପିନାକୀ ମିଶ୍ର, ସାଂସଦ ଡା. କୁଳମଣି ସାମଲ, ନିମାପଡ଼ା ବିଧାୟକ ସମୀର ରଞ୍ଜନ ଦାସ, ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ, କାକଟପୁର ବିଧାୟକ ସୁରେନ୍ଦ୍ର ସେଠୀ, ଜିଲ୍ଲାପାଳ ଜ୍ୟୋତିପ୍ରକାଶ ଦାସ ଏଥିରେ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ସଚିବ ଜି ମାଥିଭାଥନନ୍ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ପେଣ୍ଠକଟା ବସ୍ତିର କୁଣ୍ଡାରାଣୀ, ସୋନାବିବି, ବାଲିନୋଳିଆ ସାହି ବସ୍ତିର ଏସ ଇନ୍ଦିରା, ମଣିବାବା କଲୋନୀରେ ପାର୍ବତୀ ମହାନ୍ତିଙ୍କୁ ଜମିପଟ୍ଟା ବାଣ୍ଟିଥିଲେ। ଚିତ୍ରକର ଦୁର୍ଗାମାଧବ କର ମୁଖ୍ୟମନ୍ତ୍ରୀଙ୍କର ଏକ ତୈଳଚିତ୍ର ତାଙ୍କୁ ଦେଇଥିଲେ। ପରେ ଜାଗା ମିଶନକୁ ନେଇ ପ୍ରସ୍ତୁତ କରାଯାଇଥିବା ବୃତ୍ତଚିତ୍ର ପ୍ରଦର୍ଶନ କରାଯାଇଥିଲା। ଜାଗା ମିଶନ ଆଧାରିତ ପ୍ରାମାଣିକ ସଙ୍ଗୀତ ମୁଖ୍ୟମନ୍ତ୍ରୀ ଉନ୍ମୋଚିତ କରିଥିଲେ। ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାର ଶୁଭାରମ୍ଭ ହୋଇଥିଲା। ପୌର ପ୍ରଶାସନର ନିର୍ଦ୍ଦେଶକ ସଂଗ୍ରାମଜିତ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରିନ୍ସିପାଲ ପାଇଁ ଦେବାକୁ ହେବ ପରୀକ୍ଷା

**ଭୁବନେଶ୍ୱର :** ପୂର୍ବରୁ ଘରୋଇ ସ୍କୁଲରେ ପ୍ରିନ୍ସିପାଲ ନିଯୁକ୍ତିରେ ପ୍ରିୟାପ୍ରୀତି ମନୋଭାବ ପୋଷଣ କରାଯାଉଥିବା ଅଭିଯୋଗ ହେଉଥିଲା। ଏହା ଉପରେ ଅଙ୍କୁଶ ଲଗାଇବା ଲାଗି କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ(ସିବିଏସ୍‌ଇ) ପକ୍ଷରୁ ଖୁବ୍ ଶୀଘ୍ର ଘରୋଇ ବିଦ୍ୟାଳୟଗୁଡ଼ିକରେ ନିଯୁକ୍ତ ଥିବା କିମ୍ବା ନିଯୁକ୍ତି ପାଇଁ ଆଶାୟୀ ପ୍ରାର୍ଥୀଙ୍କୁ ସର୍ବଭାରତୀୟ ସ୍ତରରେ ନିଜକୁ ଯୋଗ୍ୟ ପ୍ରମାଣିତ କରିବାପାଇଁ ପିଇଟି ପରୀକ୍ଷା ଦେବାକୁ ପଡ଼ିବ। ପରୀକ୍ଷାରେ ପାସ୍ କରିବାପରେ ହିଁ ସେମାନଙ୍କୁ ପ୍ରଧାନଶିକ୍ଷକ-ଶିକ୍ଷୟିତ୍ରୀ ପଦବୀପାଇଁ ଯୋଗ୍ୟ ବିବେଚିତ କରାଯିବ। ଯେଉଁମାନେ ଏହି ପଦବୀରେ ପୂର୍ବରୁ ଅଛନ୍ତି, ସେମାନଙ୍କୁ ମଧ୍ୟ ଯୋଗ୍ୟତା ପ୍ରମାଣିତ କରିବା ନିମନ୍ତେ ଏହି ପରୀକ୍ଷା ଦେବାକୁ ପଡ଼ିବ। ଏହି ନୂଆ ନିୟମ କେବଳ ସିବିଏସ୍‌ଇ ଅଧୀନରେ ଥିବା ଘରୋଇ ସ୍କୁଲଗୁଡ଼ିକ ପାଇଁ ଲାଗୁ କରାଯାଇଛି ବୋଲି ବୋର୍ଡର ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ଯେ, ସିବିଏସ୍‌ଇର ଆଫିଲିଏସନ୍ କମିଟି ଏବଂ ଗଭର୍ଣ୍ଣିଂ ବଡି ପକ୍ଷରୁ ବୋର୍ଡର 'ଆଫିଲିଏସନ୍' ଉପବିଧିରେ ସଂଶୋଧନ ଅଣାଯିବାପରେ ପିଇଟି ଟେଷ୍ଟ କରାଯିବା ନିମନ୍ତେ ନିଷ୍ପତ୍ତି ନିଆଯାଇଥିଲା। ମାତ୍ର ବୋର୍ଡ ଅଧୀନରେ ଥିବା ସରକାରୀ ବିଦ୍ୟାଳୟଗୁଡ଼ିକୁ ଏଥିରୁ ବାଦ୍ ଦିଆଯାଇଛି। ପୂର୍ବରୁ ଘରୋଇ ସ୍କୁଲରେ ପ୍ରଧାନଶିକ୍ଷକ-ଶିକ୍ଷୟିତ୍ରୀଙ୍କ ନିଯୁକ୍ତି ନିମନ୍ତେ ବିଦ୍ୟାଳୟର ଚୂଡ଼ାନ୍ତ କମିଟି, ଟ୍ରଷ୍ଟ ବା ସୋସାଇଟିର ସଭାପତି, ପରିଚାଳନା କମିଟିର ଅଧ୍ୟକ୍ଷ ପୂର୍ବରୁ ଏହି ନିଷ୍ପତ୍ତି ନେଉଥିବାବେଳେ ଏହି ପ୍ରକ୍ରିୟାକୁ ବୋର୍ଡ ପକ୍ଷରୁ ଉଚ୍ଛେଦ କରାଯାଇଥିଲା। ବୋର୍ଡ ପକ୍ଷରୁ ବର୍ତ୍ତମାନ ଘୋଷଣା କରାଯାଇଛି ଯେ, ସିବିଏସ୍‌ଇ ଓ ରାଜ୍ୟ ସରକାରଙ୍କ ମିଳିତ ନିଷ୍ପତ୍ତି ପରେ ଘରୋଇ ବିଦ୍ୟାଳୟ ପ୍ରିନ୍ସିପାଲଙ୍କୁ ନିଯୁକ୍ତି ଦିଆଯିବ। କିନ୍ତୁ ଏହାପୂର୍ବରୁ ଉକ୍ତ ପଦବୀପାଇଁ ଆଶାୟୀ ପ୍ରାର୍ଥୀମାନେ ପିଇଟି ପରୀକ୍ଷା ଦେବେ। ଅଧ୍ୟକ୍ଷଙ୍କ ନିଯୁକ୍ତି ଉଦ୍ଦେଶ୍ୟରେ ଗଠନ କରାଯାଇଥିବା ସିଲେକ୍ସନ୍ କମିଟିରେ ଅତିକମରେ ତିନି ଜଣ ସଦସ୍ୟ ରହିବେ। ଏଥିରେ ଜଣେ ବିଶିଷ୍ଟ ଶିକ୍ଷାବିତ୍ ଏବଂ ବିଦ୍ୟାଳୟ ପରିଚାଳନାରେ ଅଭିଜ୍ଞତା ରଖିଥିବା ବ୍ୟକ୍ତି ରହିବେ। ଅନ୍ୟ ଦୁଇ ଜଣଙ୍କୁ ସିବିଏସ୍‌ଇ ନିଯୁକ୍ତି କରିବେ। ପିଇଟି ପରୀକ୍ଷାରେ ପାସ୍ କରିଥିବା ପ୍ରାର୍ଥୀମାନଙ୍କୁ କମିଟି ପକ୍ଷରୁ ଯୋଗ୍ୟ ବିବେଚିତ କରାଯିବ। ଏହାପରେ ସିବିଏସ୍‌ଇ ନିକଟରେ ଯୋଗ୍ୟ ପ୍ରାର୍ଥୀଙ୍କ ପ୍ରଧାନଶିକ୍ଷକ-ଶିକ୍ଷୟିତ୍ରୀ ପଦବୀରେ ନିଯୁକ୍ତି ନିମନ୍ତେ ସୁପାରିସ କରାଯିବ। ଏହି ବ୍ୟବସ୍ଥା ଗତ ମାର୍ଚ୍ଚରୁ ଲାଗୁ କରିବାକୁ ଯଦିବା ନିର୍ଦ୍ଦେଶ ଦିଆଯାଇଥିଲା। ମାତ୍ର ରାଜ୍ୟରେ ପ୍ରାୟ ୬୦ପ୍ରତିଶତରୁ ଅଧିକ ସ୍କୁଲରେ ଏହାକୁ ଅବମାନନା କରାଯାଇଛି। କିଛି ସ୍କୁଲରେ ଫି' ବୃଦ୍ଧି ଲାଗି ଅଧ୍ୟକ୍ଷା, ଅଧ୍ୟକ୍ଷଙ୍କ ଚକ୍ରାନ୍ତ ରହିଥିଲା ବୋଲି ମଧ୍ୟ ଅଭିଯୋଗ ହୋଇଛି।

### ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ପ୍ରସଙ୍ଗ

# ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କୁ ଭେଟିବ ଗୃହ କମିଟି

**ଭୁବନେଶ୍ୱର :** କେନ୍ଦ୍ର ସରକାର ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ଉପରେ ୨୦୦ ଟଙ୍କା ବୃଦ୍ଧି କରିଥିବା ବେଳେ ବିଧାନସଭାର ଗୃହ କମିଟି ଏହାକୁ ନାପସନ୍ଦ କରିଛି। ବାଚସ୍ପତି ପ୍ରଦୀପ ଅମାତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଗୃହ କମିଟି ବୈଠକରେ କୁଇଣ୍ଟାଲ୍ ପ୍ରତି ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ଉପରେ କେନ୍ଦ୍ରର ମାତ୍ର ୨୦୦ ଟଙ୍କା ବୃଦ୍ଧିକୁ ନାପସନ୍ଦ କରିଛି। ରାଜ୍ୟ ସରକାରଙ୍କ ତରଫରୁ ଗଠିତ ଗୃହ କମିଟି ଧାନର ସର୍ବନିମ୍ନ ସହାୟକ ମୂଲ୍ୟ କୁଇଣ୍ଟାଲ୍ ପ୍ରତି ୨୯୩୦ ଟଙ୍କା ଦାବି କରି ଆସୁଥିବା ବେଳେ କେନ୍ଦ୍ର ସରକାର ଗତ ଜୁଲାଇ ମାସରେ ମାତ୍ର ୨୦୦ ଟଙ୍କା ବୃଦ୍ଧି କରିବା ଫଳରେ ଏହା ୧୭୫୦ ଟଙ୍କାରେ ପହଞ୍ଚିଛି। ଯାହାକି ଗ୍ରହଣଯୋଗ୍ୟ ନୁହେଁ। ଏ ସମ୍ପର୍କରେ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କୁ ଭେଟି ଗୃହ କମିଟି ଆଲୋଚନା କରିବ ବୋଲି ନିଷ୍ପତ୍ତି ହୋଇଛି। ଏହି ପ୍ରସଙ୍ଗରେ ଆଲୋଚନା କରିବାକୁ ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖାଯାଇ ସାକ୍ଷାତ ପାଇଁ ପୁଣି ଅନୁମତି ଲୋଡ଼ାଯିବ ବୋଲି ବାଚସ୍ପତି ଶ୍ରୀ ଅମାତ କହିଛନ୍ତି। ଗୃହ କମିଟି ବୈଠକରେ ବିରୋଧୀ ଦଳ ନେତା ନରସିଂହ ମିଶ୍ର, ମନ୍ତ୍ରୀ ଅନନ୍ତ ଦାସ, ବିଜେଡି ବିଧାୟକ ସଂଜୟ ଦାସବର୍ମା, ଅରୁଣ ସାହୁ, କଂଗ୍ରେସ ବିଧାୟକ ଦଳ ମୁଖ୍ୟ ସଚେତକ ତାରା ପ୍ରସାଦ ବାହିନୀପତି ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟପକ୍ଷରେ ବିଜେପି ମୁଖପାତ୍ର ଗୋଲକ ମହାପାତ୍ର କହିଛନ୍ତି, କେନ୍ଦ୍ର ସରକାର ଧାନର ଏମ୍‌ଏସ୍‌ପି ବୃଦ୍ଧି କରିଥିବା ବେଳେ ରାଜ୍ୟ ସରକାର ବର୍ତ୍ତମାନ ଏମ୍‌ଏସ୍‌ପି ବୃଦ୍ଧି କରନ୍ତୁ। ଏମ୍‌ଏସ୍‌ପି ପ୍ରସଙ୍ଗରେ ରାଜନୀତି ନକରି ରାଜ୍ୟ ସରକାର ଚାଷୀଙ୍କୁ ବୋନସ୍ ଦିଅନ୍ତୁ ବୋଲି ଶ୍ରୀ ମହାପାତ୍ର କହିଛନ୍ତି।

# ଭୁବନେଶ୍ୱରରେ ହେବ ବାୟୋଟେକ୍ ପାର୍କ

**ଭୁବନେଶ୍ୱର :** ଓଡିଶା ଜୈବ ବୈଷୟିକ ନୀତି ୨୦୧୮ ଉନ୍ମୋଚିତ ହୋଇଯାଇଛି। ମେକ୍ ଇନ୍ ଓଡିଶା ୨୦୧୮ କନ୍‌କ୍ଲେଭରେ ବିଜ୍ଞାନ ଓ କାରିଗରୀ ମନ୍ତ୍ରୀ ବଦ୍ରି ପାତ୍ର ଉନ୍ମୋଚନ କରିଛନ୍ତି। ଏହାସହ ଭୁବନେଶ୍ୱରରେ ସେଣ୍ଟର ଅଫ ଏକ୍ସିଲେନ୍ସ ଓ ବାୟୋଟେକ୍ ପାର୍କର ବ୍ୟବସ୍ଥା କରାଯିବା ନେଇ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢୀ ସୂଚନା ଦେଇଛନ୍ତି। ମେକ୍ ଇନ୍ ଓଡିଶା ୨୦୧୮ କନ୍‌କ୍ଲେଭରେ ବାୟୋଟେକ୍ନୋଲଜି କ୍ଷେତ୍ରରେ ଓଡିଶାର ସୁଯୋଗକୁ ନେଇ ଏକ ସମ୍ମିଳନୀ ହୋଇଥିଲା। ଏଥିରେ ବିଜ୍ଞାନ ଓ କାରିଗରୀ ମନ୍ତ୍ରୀ ବଦ୍ରିନାରାୟଣ ପାତ୍ର ବାୟୋଟେକ୍‌ନୋଲଜି ପଲିସିକୁ ଉନ୍ମୋଚନ କରିଥିଲେ। ଶ୍ରୀ ପାତ୍ର କହିଥିଲେ ଯେ, ବିଭିନ୍ନ ଶିଳ୍ପ କ୍ଷେତ୍ରରେ ଷ୍ଟେକ୍‌ହୋଲଡରମାନଙ୍କ ସହ ଆଲୋଚନା ପରେ ଏହି ପଲିସି ପ୍ରତିଫଳିତ ହୋଇଛି। ପଲିସି ଅନୁଯାୟୀ ଗବେଷଣାକୁ ପ୍ରାଧାନ୍ୟ, ଉଦ୍ୟୋଗୀଙ୍କୁ ସହଯୋଗ, ତାଲିମ ଓ ଦକ୍ଷତା ବିକାଶକୁ ଗୁରୁତ୍ୱ ଦିଆଯିବ। ଓଡିଶାରେ ବାୟୋଟେକ୍‌ନୋଲଜ କ୍ଷେତ୍ରର ଭବିଷ୍ୟତ ଅଭିନବୀକରଣ, ଔଦ୍ୟୋଗୀକରଣ ଓ ପୁଞ୍ଜି ନିବେଶ ଉପରେ ନିର୍ଭର କରୁଛି। ତେଣୁ ଏହି କ୍ଷେତ୍ରରେ ବିକାଶ ପାଇଁ ରାଜ୍ୟ ସରକାର ସମ୍ପୂର୍ଣ୍ଣ ସହଯୋଗ କରିବେ। ଏହି ନୀତି ଷ୍ଟାର୍ଟ ଅପ୍ ଉଦ୍ୟୋଗୀଙ୍କୁ ଆକର୍ଷିତ କରିବ। ଦକ୍ଷତା ବିକାଶ ପାଇଁ ସିଙ୍ଗାପୁରର ଆଇଟିଇଏସ୍ ସହ ରାଜ୍ୟ ସରକାର ଏକ ବୁଝାମଣାପତ୍ର ସ୍ୱାକ୍ଷରିତ କରିଛନ୍ତି। ଏହା ଉତ୍କୃଷ୍ଟ ଟେକ୍‌ନୋଲଜି ଓ ସମାଧାନର ଉପାୟ ସମ୍ପର୍କିତ ତାଲିମ୍ ଦେବ ବୋଲି ଅଧିବେଶନ ପରେ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏହାସହ ଭାରତ ବାୟୋଟେକ୍ କମ୍ପାନୀ ଭୁବନେଶ୍ୱରରେ ବାୟୋଟେକ୍ ଫାର୍ମ ନିର୍ମାଣ ପାଇଁ ପ୍ରତିଶ୍ରୁତି ଦେଇଛି ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି।

# 'ଶିଳ୍ପ ମହାକୁମ୍ଭ ଏକ ନିର୍ବାଚନୀ ଧୂଆଁବାଣ'

**ଭୁବନେଶ୍ୱର :** ଓଡ଼ିଶା ସରକାରଙ୍କ ତରଫରୁ ଆୟୋଜିତ ମେକ୍ ଇନ୍ ଓଡ଼ିଶା ୨୦୧୮ ର ଶିଳ୍ପ ସମ୍ମିଳନୀ ଯାହାକୁ ସରକାର ଶିଳ୍ପ ମହାକୁମ୍ଭ ବୋଲି କହୁଛନ୍ତି, ତାହା ପ୍ରକୃତରେ ହେଉଛି ପ୍ରତାରଣାର ମହାକୁମ୍ଭ। ଓଡ଼ିଶାରେ ପୁଂଜି ନିବେଶ ପାଇଁ ରାଜ୍ୟ ସରକାର ଯେଉଁ ଶିଳ୍ପପତିମାନଙ୍କୁ ନିମନ୍ତ୍ରଣ କରିଥିଲେ, ସେମାନଙ୍କ ଭିତରେ ଅଧିକାଂଶ ହେଉଛନ୍ତି ଓଡ଼ିଶାରେ ଶିଳ୍ପ ପ୍ରତିଷ୍ଠା କରିଥିବା ଶିଳ୍ପପତି ଓ ରାଜ୍ୟରେ ଥିବା କେନ୍ଦ୍ର ସରକାରଙ୍କ ସାଧାରଣ ଉଦ୍ୟୋଗ। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଶିଳ୍ପପତିମାନେ ୪ଲକ୍ଷ ୧୯ ହଜାର ୫୭୪ କୋଟି ଟଙ୍କାର ପୁଂଜି ଓଡ଼ିଶାରେ ନିବେଶ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଏ ପୁଂଜି ନିବେଶ ଦ୍ୱାରା ୫ଲକ୍ଷ ୯୧ ହଜାର ନିଯୁକ୍ତି ସୃଷ୍ଟି ହେବ ବୋଲି ମୁଖ୍ୟମନ୍ତ୍ରୀ ଯେଉଁ ଦମ୍ଭୋକ୍ତି ପ୍ରକାଶ କରିଛନ୍ତି, ତାହା ଅତ୍ୟନ୍ତ ଅବାସ୍ତବ ଓ ହାସ୍ୟାସ୍ପଦ। ଶାସନର ଦୀର୍ଘ ୧୮ ବର୍ଷ ଭିତରେ ରାଜ୍ୟର ଶିଳ୍ପ କ୍ଷେତ୍ରରେ ଓଡ଼ିଶା ଲୋକଙ୍କର ନିଯୁକ୍ତି ପ୍ରାୟ ୪୫ ହଜାର ହୋଇଥିଲା ବେଳେ, ପ୍ରତିଶ୍ରୁତିର କୁହୁଡ଼ି ଭିତରେ ପହଁରି ମୁଖ୍ୟମନ୍ତ୍ରୀ ଏମିତି ଭେଳିକି ସୃଷ୍ଟି କରି ଓଡ଼ିଶା ଲୋକଙ୍କୁ ପ୍ରତାରିତ କରିବା ଅତ୍ୟନ୍ତ ଲଜ୍ଜାଜନକ ବୋଲି ବରିଷ୍ଠ ନେତା ତଥା ପୂର୍ବତନ ଶିଳ୍ପମନ୍ତ୍ରୀ ଶ୍ରୀ ବିଶ୍ୱଭୂଷଣ ହରିଚନ୍ଦନ କହିଛନ୍ତି।



ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ହରିଚନ୍ଦନ ପ୍ରତିକ୍ରିୟା ପ୍ରକାଶ କରି କହିଛନ୍ତି ଯେ, ଏ ସବୁ ଶିଳ୍ପଗୁଡ଼ିକରେ ଓଡ଼ିଆ ଲୋକଙ୍କ ନିଯୁକ୍ତି କଥା ମୁଖ୍ୟମନ୍ତ୍ରୀ କହୁନାହାନ୍ତି। ତାଙ୍କର ଏ ଭଳି ଆଭିମୁଖ୍ୟ ଯୋଗୁଁ, ଏକ ପ୍ରକାର ଜୋରକରି ୨୦୦୮ ମସିହାରେ ଓଡ଼ିଶାରେ ପ୍ରତିଷ୍ଠିତ ହେଉଥିବା ଶିଳ୍ପଗୁଡ଼ିକରେ ଓଡ଼ିଆ ଲୋକଙ୍କ ନିଯୁକ୍ତି ସଂପର୍କରେ ଶିଳ୍ପମନ୍ତ୍ରୀ ଭାବରେ ଏକ ନୀତି ପ୍ରଣୟନ କରିଥିଲି, ଯାହା କ୍ୟାବିନେଟର ଅନୁମୋଦନ ପାଇଥିଲା। ସେ ନୀତି ଅନୁସାରେ ପ୍ରତି ଶିଳ୍ପରେ ଓଡ଼ିଶା ଲୋକ ୯୦ ପ୍ରତିଶତ ଅଣକୁଶଳୀ ଓ ଅର୍ଦ୍ଧକୁଶଳୀ, ୬୦ ପ୍ରତିଶତ କୁଶଳୀ ଓ ୩୦ ପ୍ରତିଶତ ସୁପରିଭାଇଜରୀ ଓ ପରିଚାଳନା କ୍ଷେତ୍ରରେ ରହିବା ସ୍ଥିର ହୋଇଥିଲା। ସରକାର ତାକୁ କାର୍ଯ୍ୟକାରୀ କରୁ ନ ଥିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ଶ୍ରୀ ହରିଚନ୍ଦନ କହିଛନ୍ତି । ସାଧାରଣ ନିର୍ବାଚନ ଆଉ ମାତ୍ର ୫/୬ ମାସ ଥିବାରୁ ଲୋକଙ୍କୁ ଭକୁଆ ବୁଲାଇବା ପାଇଁ ମୁଖ୍ୟମନ୍ତ୍ରୀଙ୍କର ଏ ଶିଳ୍ପକୁମ୍ଭ ନାଟକବାଜୀ ଥିଲା ଏକ ନିର୍ବାଚନୀ ଧୂଆଁବାଣ। ୨୦୧୬ ର ମେକ୍ ଇନ୍ ଓଡ଼ିଶା ଶିଳ୍ପ ସମ୍ମିଳନୀରେ ଏହିଭଳି ୨ ଲକ୍ଷ ୨୩ ହଜାର କୋଟି ଟଙ୍କାର ପୁଂଜି ନିବେଶର ଯେଉଁ ପ୍ରତିଶ୍ରୁତି ମିଳିଥିଲା ତାହା ପ୍ରତିଶ୍ରୁତିରେ ରହିଗଲା। ଯେଉଁ ୯୨ଟି ପ୍ରସ୍ତାବ ଆସିଥିଲା, ସେଥିରୁ ମାତ୍ର ୩ଟି କାର୍ଯ୍ୟକାରୀ ହୋଇଛି। ୨୦୧୮ ର ଶିଳ୍ପ କୁମ୍ଭରେ ନିଯୁକ୍ତି ଓ ପୁଂଜି ନିବେଶ ପ୍ରତିଶ୍ରୁତିର ଯେଉଁ ପାହାଡ଼ ଠିଆ କରାଯାଇଛି, ତାର ଭାଗ୍ୟ ଠିକ୍ ୨୦୧୬ ଭଳି ହେବ ବୋଲି ଶ୍ରୀ ହରିଚନ୍ଦନ କହିଛନ୍ତି । ଯେଉଁମାନେ ଏ ସବୁ ପ୍ରତିଶ୍ରୁତି ଦେଇଛନ୍ତି, ସେମାନେ ସମସ୍ତେ କହିଛନ୍ତି ଯେ ୪/୫ ବର୍ଷ ଭିତରେ ସେମାନେ ଏ ପୁଂଜି ନିବେଶ କରିବେ। ସେମାନେ ସମସ୍ତେ ଜାଣିଛନ୍ତି ଯେ ସାଧାରଣ ନିର୍ବାଚନ ଆଉ ମାତ୍ର ୫/୬ ମାସ ରହିଛି। ଏ ସରକାର ଯେ ପୁଣି ନିଶ୍ଚୟ କ୍ଷମତାକୁ ଆସିବ ଏଥିରେ ସଂଦେହ ରହିଛି। ତେଣୁ କୌଣସି ଶିଳ୍ପପତି ତା ପୂର୍ବରୁ ଯେ ଶିଳ୍ପ ପ୍ରତିଷ୍ଠା କରିବେ ନାହିଁ ଏ କଥା ସରକାର ଭଲଭାବରେ ଜାଣିଛନ୍ତି। ଶିଳ୍ପର ବିକାଶ ପାଇଁ ସରକାରଙ୍କର ଅସହଯୋଗ ଓ କେତେକ କ୍ଷେତ୍ରରେ ବିରୋଧ ଯୋଗୁଁ, ରାଜ୍ୟର ଅଧିକାଂଶ ଶିଳ୍ପପତି ଆଜି ଚିନ୍ତାରେ ଅଛନ୍ତି। କେତେକ ଶିଳ୍ପ ଓଡ଼ିଶା ଛାଡ଼ି ଚାଲି ଗଲେଣି ଓ ବହୁ ଶିଳ୍ପ ସ୍ଥାଣୁ ଅବସ୍ଥାରେ ଅଛନ୍ତି। ରାଜ୍ୟରେ ଅଧିକ ପୁଂଜି ନିବେଶ କରି ତାଙ୍କ ଶିଳ୍ପର ସଂପ୍ରସାରଣ କରିବାକୁ ପ୍ରତିଶ୍ରୁତି ଦେଇଥିବା ଜିନ୍ଦଲ, ବେଦାନ୍ତ ଓ ଅନ୍ୟ କେତେକ ଶିଳ୍ପ, ଏ ଶିଳ୍ପ ସମ୍ମିଳନୀରେ ସ୍ପଷ୍ଟ ଭାଷାରେ କହିଥିଲେ ଯେ ସେମାନେ ଆବଶ୍ୟକ କଂଚାମାଲ ପାଉନାହାନ୍ତି। ସେମାନଙ୍କ ଶିଳ୍ପର ସଂପ୍ରସାରଣ କରି ଅଧିକ ପୁଂଜି ବିନିଯୋଗ କରିବାକୁ ପ୍ରତିଶ୍ରୁତି ଦେଇଥିବା ଶିଳ୍ପଗୁଡ଼ିକ ମୁଖ୍ୟତଃ ହେଲେ କେନ୍ଦ୍ର ସରାକରଙ୍କ ସାଧାରଣ ଉଦ୍ୟୋଗ। ସଂପ୍ରସାରଣ ହେଉଛି ସେମାନଙ୍କର ସାଧାରଣ ପ୍ରକ୍ରିୟା। ଅଧିକ ପୁଂଜି ବିନିଯୋଗ କରିବାକୁ ପ୍ରତିଶ୍ରୁତି ଦେଇଥିବା ଶିଳ୍ପଗୁଡ଼ିକ ହେଲା, ହଳଦିଆ ପେଟ୍ରୋକେମିକାଲ୍‌ର (୭୦ ହଜାର କୋଟି), ଜେ. ଏସ୍. ପି. ଏଲ୍ ( ୬୦ ହଜାର ୯୫୦ କୋଟି), ଏମ୍. ସି. ଏଲ୍. (୫୮ ହଜାର କୋଟି), ତାଇୱାନ (୪୩ ହଜାର କୋଟି) ସେଲ୍ (୪୧ ହଜାର କୋଟି) ବୋଲି ଶ୍ରୀ ହରିଚନ୍ଦନ କହିଛନ୍ତି ।

# କଂଗ୍ରେସ ପ୍ରତି ଯୁବଗୋଷ୍ଠୀଙ୍କର ଆଗ୍ରହ ବଢୁଛି : ନିରଞ୍ଜନ



**ଭୁବନେଶ୍ୱର :** ରାଜ୍ୟରେ କ୍ଷମତାସୀନ ବିଜେଡି ସରକାରର ଦୁର୍ନୀତି, ଭ୍ରଷ୍ଟାଚାର ଏବଂ ବେକାରୀ ସମସ୍ୟା ଓ ଚାଷୀମାରଣନୀତିରେ ଅତିଷ୍ଠ ହୋଇ ଓଡିଶାର ଯୁବଗୋଷ୍ଠୀ ଏବେ ଯୁବ କଂଗ୍ରେସ ଆଡକୁ ଆକୃଷ୍ଟ ହେବାରେ ଲାଗିଛନ୍ତି। ଖୁବ୍‌ଶୀଘ୍ର ଓଡିଶାରେ ଯୁବ କଂଗ୍ରେସ ସଦସ୍ୟ ସଂଖ୍ୟା ୫ ଲକ୍ଷରେ ପହଂଚିବ ବୋଲି ଓଡିଶା ପ୍ରଦେଶ କଂଗ୍ରେସ ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି। ପ୍ରଦେଶ କଂଗ୍ରେସ ମୁଖ୍ୟାଳୟଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ ୧୮ ବର୍ଷରୁ ଅଧିକ ବିଜେଡି ଶାସନ କାଳରେ ରାଜ୍ୟବାସୀ ସବୁ କ୍ଷେତ୍ରରେ ଅବହେଳିତ ହୋଇଛନ୍ତି। ଲକ୍ଷ ଲକ୍ଷ ବେକାର ଯୁବକ ନିଯୁକ୍ତି ଅପେକ୍ଷାରେ ରହିଛନ୍ତି। ରାଜ୍ୟରେ ଶିଳ୍ପପ୍ରତିଷ୍ଠା କେବଳ ଧୂଆଁବାଣରେ ପରିଣତ ହୋଇଛି। ଯେତିକି ବି ଶିଳ୍ପ ସ୍ଥାପିତ ହୋଇଛି ସେଥିରେ ରାଜ୍ୟ ବାହାର ଲୋକଙ୍କୁ ନିଯୁକ୍ତି ଦିଆଯାଉଛି। ଏ କ୍ଷେତ୍ରରେ ରାଜ୍ୟ ସରକାର ସଂପୂର୍ଣ୍ଣ ନୀରବ ରହିଛନ୍ତି। ନିଶାର ପ୍ରସାର ବେରୋଜଗାର ଯୁବଗୋଷ୍ଠୀଙ୍କୁ କୁପଥଗାମୀ କରାଉଛି। ଋଣଭାରରେ ଚିନ୍ତାଗ୍ରସ୍ତ ହୋଇ ଚାଷୀ ଆତ୍ମହତ୍ୟା କରୁଛି। ଫଳରେ ଚାଷୀର ପିଲା ଅନାଥ ହୋଇଯାଉଛି। ଅନୁସୂଚିତ ଜାତି ଓ ଜନଜାତିର ବିକାଶ କରୁଥିବା ରାଜ୍ୟ ସରକାର ଡିଣ୍ଡିମ ପିଟୁଛନ୍ତି, କିନ୍ତୁ ଲକ୍ଷ୍ମୀପୁର, କାଶୀପୁର ଓ ନଗଡା ଓ ରାଜ୍ୟର ଉପାନ୍ତ ଅଂଚଳର ଚିତ୍ର ଏହା ପ୍ରମାଣିତ କରୁଛି ଯେ ସେମାନେ କେତେ ବିଶକିତ? ଆଦିବାସୀ ମହିଳା ରାସ୍ତାରେ ସନ୍ତାନ ପ୍ରସବ କରୁଛି। ସ୍ୱାସ୍ଥ୍ୟସେବା ନାଁରେ ହଜାର ହଜାର କୋଟି ଟଙ୍କା ହରିଲୁଟ ଚାଲିଛି। କିନ୍ତୁ ଡାକ୍ତରଖାନାରେ ଡାକ୍ତର ନାହାନ୍ତି କିମ୍ବା ଗରିବ ଲୋକଙ୍କୁ ମାଗଣାରେ ଔଷଧ ମିଳୁନାହିଁ। ରାଜ୍ୟ ସରକାରଙ୍କ ଦୁର୍ନୀତି ତାଲିକା ଲମ୍ବି ଚାଲିଛି। ଏଥିରେ ଅତିଷ୍ଠ ହୋଇ ରାଜ୍ୟର ଯୁବଗୋଷ୍ଠୀ କଂଗ୍ରେସ ସହିତ ଯୋଡିହେବା ଆରମ୍ଭ କରିଛନ୍ତି। ଦେଢମାସ ତଳୁ ଯୁବ କଂଗ୍ରେସ ପକ୍ଷରୁ ସଦସ୍ୟ ସଂଗ୍ରହ ଅଭିଯାନ ଆରମ୍ଭ ହୋଇଛି। ଇତି ମଧ୍ୟରେ ଓଡିଶାରେ ପ୍ରାୟ ୧ ଲକ୍ଷରୁ ଅଧିକ ଯୁବକ ଯୁବତୀ କଂଗ୍ରେସ ସହିତ ଯୋଡି ହୋଇଛନ୍ତି। ଖୁବ୍‌ଶୀଘ୍ର ଏହା ୫ଲକ୍ଷ ଅତିକ୍ରମ କରିବ। ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଯୁବ କଂଗ୍ରେସ ପକ୍ଷରୁ ପିସିସି ସାଧାରଣ ସଂପାଦକ ତଥା ଯୁବ ଓ ଛାତ୍ର କଂଗ୍ରେସ ପ୍ରଭାରୀ ବିଶ୍ୱ ଭୂଷଣ ଦାସଙ୍କ ଅଧ୍ୟକ୍ଷତା ଏକ ସଭ୍ୟ ସଂଗ୍ରହ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ପିସିସି ସଭାପତି ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ ରାଜ୍ୟରେ ଏବେ ପ୍ରାୟ ୮୫ ଲକ୍ଷରୁ ଉର୍ଦ୍ଧ୍ୱ ବେକାର ଯୁବକ ଯୁବତୀ ଅଛନ୍ତି। ସେମାନଙ୍କୁ କର୍ମନିଯୁକ୍ତି ଦେବାକୁ ସରକାରଙ୍କର କୌଣସି ଯୋଜନା ନାହିଁ। ଅନ୍ୟପଟେ ସରକାରଙ୍କ ଗୋଡାଣିଆ ଅବସରପ୍ରାପ୍ତ ଅଧିକାରୀଙ୍କୁ ରିସାଇକିଲ୍ ମଡେଲରେ ପୁନଃନିଯୁକ୍ତି ଦିଆଯାଉଛି। ଅଥଚ ଶିକ୍ଷିତ ଯୁବକଯୁବତୀଙ୍କୁ ବଂଚିତ କରାଯାଉଛି। ମୁଖ୍ୟ ସଚିବ ନିଜେ ସ୍ୱୀକାର କରିଛନ୍ତି ଯେ ବିଗତ ୪ ବର୍ଷରେ ୫୦ ହଜାର ସରକାରୀ ଚାକିରୀ ବେକାର ଯୁବକ ଯୁବତୀଙ୍କ ବଦଳରେ ଅବସରପ୍ରାପ୍ତ ବ୍ୟକ୍ତିଙ୍କୁ ନିଯୁକ୍ତି ଦିଆଯାଇଛି। ବିଭିନ୍ନ ସରକାରୀ ବିଭାଗରେ ହଜାର ହଜାର ପଦବୀ ଖାଲି ପଡିଛି। ସେସବୁ ଗ୍ରହଣ କରିବା ଦିଗରେ ସରକାର କୌଣସି ପଦକ୍ଷେପ ଗ୍ରହଣ କରୁନାହାନ୍ତି। ସେଥିପାଇଁ ଯୁବଗୋଷ୍ଠୀ ଏବେ କଂଗ୍ରେସ ଉପରେ ଆସ୍ଥା ପ୍ରକଟ କରୁଛନ୍ତି। କଂଗ୍ରେସ ମଧ୍ୟ ଯୁବଗୋଷ୍ଠୀଙ୍କୁ ଗୁରୁତ୍ୱ ଦେଉଛି। ଯୁବଗୋଷ୍ଠୀ କଂଗ୍ରେସ ପ୍ରତି ଆକୃଷ୍ଟ ହେବା ବିଜେଡି ପ୍ରତି ସତର୍କ ଘଂଟି ହୋଇଛି ଏବଂ ଏହା ତାହାର ବିଫଳତାକୁ ପ୍ରତିପାଦିତ କରୁଛି ବୋଲି ପିସିସି ସଭାପତି କହିଛନ୍ତି। ଏହି ସଭ୍ୟ ସଂଗ୍ରହ କାର୍ଯ୍ୟକ୍ରମରେ ଏଆଇସିସି ଯୁଗ୍ମ ସଂପାଦକ ଆଦିତ୍ୟ ଶର୍ମା, ସତ୍ୟପ୍ରକାଶ ନାୟକ, ଲୋକନାଥ ମହାରଥି, ଏସ୍.କେ ଅର୍ସଦ, ଇତିଶ୍ ପ୍ରଧାନ, ନିରଞ୍ଜନ ନାୟକ, ସଂଗ୍ରାମ ଦାସ, ମହେଶ୍ୱର ପ୍ରଧାନ, ମଣିରନ୍ ସ୍ୱାଇଁ, ଅଜିତ୍ ଘୋଷାଲ, ମାନସ ରଂଜନ କର, ଆକାଶ ନାୟକ, ଅମରେଶ ପରିଡା, ନଳିନୀ ମହାନ୍ତି, ବିଭ୍ରାଂଶୁ ଲେଙ୍କା, ଦରିଦ୍ର ନାରାୟଣ, ପ୍ରମୋଦ ସାହୁ, ମିଟୁ ଦାସ, ପ୍ରକାଶ କୁଅଁର ଓ ପ୍ରସନ୍ନ ମାର୍ଥା ପ୍ରମୁଖ ଉପସ୍ଥିତ ଥିଲେ।

# କେଦାରନାଥ ଗବେଷଣା ପ୍ରତିଷ୍ଠାନ ପକ୍ଷରୁ ୨ଟି ପୁସ୍ତକ ଲୋକାର୍ପଣ




**ଭୁବନେଶ୍ୱର :** କେଦାରନାଥ ଗବେଷଣା ପ୍ରତିଷ୍ଠାନ ପକ୍ଷରୁ ଡକ୍ଟର ଅରବିନ୍ଦ ପଟ୍ଟନାୟକଙ୍କ ଲିଖିତ 'ଓଡ଼ିଆ ସାହିତ୍ୟରେ ପୁରାଣ ପରମ୍ପରା' ଓ ଡକ୍ଟର ବିବେକାନନ୍ଦ ପାଣିଗ୍ରାହୀଙ୍କ ସମ୍ପାଦିତ ବକ୍ରବାକ୍ ଚକ୍ରପାଣି ପଟ୍ଟନାୟକଙ୍କ 'କୃଷ୍ଣ ବିଳାସ' ପୁସ୍ତକ ଉନ୍ମୋଚିତ ହୋଇଯାଇଛି। ପ୍ରତିଷ୍ଠାନର ସଭାପତି ଅବସରପ୍ରାପ୍ତ ଆଇଏଏସ୍ ରଘୁନାଥ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉନ୍ମୋଚନ ଉତ୍ସବରେ ବିଶିଷ୍ଟ ନୃତତ୍ତ୍ୱବିତ୍ ଓ ସାହିତ୍ୟ ସମାଲୋଚକ ଆଚାର୍ଯ୍ୟ ଭାବାନନ୍ଦ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ପୁସ୍ତକ ଦ୍ୱୟ ଲୋକାର୍ପଣ କରି ଆମ ଭାଷା ଓ ସାହିତ୍ୟରେ ଏଭଳି ପୁସ୍ତକର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଓଡ଼ିଆ ସାହିତ୍ୟରେ ପୁରାଣ ପରମ୍ପରା ପୁସ୍ତକର ସମୀକ୍ଷା କରିଥିଲେ ପ୍ରଫେସର ରାଜକିଶୋର ମିଶ୍ର ଏବଂ 'କୃଷ୍ଣ ବିଳାସ' ପୁସ୍ତକର ସମୀକ୍ଷକ ଥିଲେ ପ୍ରଫେସର ଶରତଚନ୍ଦ୍ର ରଥ। ପୁସ୍ତକ ଦୁଇଟିରେ ଥିବା ଭାଷା, ଶୈଳୀ ଓ ପ୍ରସଙ୍ଗକୁ ସମୀକ୍ଷକ ଉଚ୍ଚ ପ୍ରଶଂସା କରିଥିଲେ। ପ୍ରାରମ୍ଭରେ ପ୍ରତିଷ୍ଠାନର ଯୁଗ୍ମ ସମ୍ପାଦକ ଡକ୍ଟର ଦେବାଶିଷ ମହାପାତ୍ର ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିବା ବେଳେ ସମ୍ପାଦକ ଡକ୍ଟର ହରେକୃଷ୍ଣ ପାତ୍ର ଧନ୍ୟବାଦ ଅର୍ପର କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡକ୍ଟର ସୀତା ସାହୁ, ଡକ୍ଟର କୁମୁଦିନୀ ମିଶ୍ର, ଡକ୍ଟର ପ୍ରେମଲତା ଦେବୀ, ଡକ୍ଟର ସୁରେନ୍ଦ୍ର କୁମାର ମହାରଣା, ଡକ୍ଟର ଲାବଣ୍ୟଚନ୍ଦ୍ର ସାହୁ, ଇଂ.ନିରାକାର ମାହାଳିକ, ଇଂ.ଚନ୍ଦ୍ରଶେଖର ଦାସବର୍ମା, ଡକ୍ଟର ରମେଶ ଚନ୍ଦ୍ର ପାଣି, ଡକ୍ଟର ଯୋଗୀନାଥ ସାହୁ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ଏଥିରେ ଉପସ୍ଥିତ ଥିଲେ।



ନିଜ ସୁଖ ପାଇଁ କରାଯାଇଥିବା କର୍ମ
ସୀମିତ ସୁଖ ଦେଇଥାଏ; କିନ୍ତୁ
ପରୋପକାର ପାଇଁ କରାଯାଇଥିବା କର୍ମ
ନିତ୍ୟ ନୂତନ ଆନନ୍ଦ ଦିଏ : ଚାଣକ୍ୟ

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୧୯ - ୨୫ ନଭେମ୍ବର, ୨୦୧୮

# ଗୋଲାପି ଚିତ୍ର ନହେଉ

ନିକଟରେ 'ମେକ୍ ଇନ୍ ଓଡ଼ିଶା'ର ଦ୍ୱିତୀୟ ସଂସ୍କରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବ୍ୟକ୍ତିତ୍ୱ ଓ ଭାବମୂର୍ତ୍ତିର ଚମତ୍କାରିତା ସ୍ପଷ୍ଟ ଜଣାପଡିଛି। କାରଣ ପୁଞ୍ଜି ନିବେଶକାରୀମାନେ ଯେଉଁ ହାରରେ ଓଡ଼ିଶାରେ ପୁଞ୍ଜି ନିବେଶର ଘୋଷଣା କରିଛନ୍ତି ତାହା ନିଶ୍ଚୟ ସ୍ୱାଗତଯୋଗ୍ୟ। ମୁଖ୍ୟମନ୍ତ୍ରୀଙ୍କ ନିମନ୍ତ୍ରଣ ରକ୍ଷା କରି ଓଡ଼ିଶା କନ୍‌କ୍ଲେଭରେ ପହଞ୍ଚିଥିବା ପୁଞ୍ଜିପତି ମାନେ ୪ଲକ୍ଷ ୧୯ ହଜାର ୫୭୪ କୋଟି ୫୩ଲକ୍ଷ ଟଙ୍କାର ପୁଞ୍ଜି ବିନିଯୋଗ କରିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ବାସ୍ତବରେ ଏତିକି ପୁଞ୍ଜି ବିନିଯୋଗ ହେଲେ ରାଜ୍ୟରେ ବେକାରୀ ସମସ୍ୟା ଅନେକାଂଶରେ ଦୂର ହେବା ସହିତ ଓଡ଼ିଶା ଏକ ଶ୍ରେଷ୍ଠ ଶିଳ୍ପ ସମୃଦ୍ଧ ରାଜ୍ୟ ଭାବେ ପରିଗଣିତ ହୋଇପାରିବ। ଦେଶ ଭିତରୁ ଆସୁଥିବା ଶିଳ୍ପପତିମାନଙ୍କ ବ୍ୟତୀତ ବିଦେଶୀ ରାଷ୍ଟ୍ର ତାଇୱାନ ଓ ଜାପାନର ଶିଳ୍ପପତି ମାନେ ଏହି କନ୍‌କ୍ଲେଭରେ ଯୋଗଦେଇ ଏଠାରେ ପ୍ରକଳ୍ପ କରିବାକୁ ମଧ୍ୟ ପ୍ରସ୍ତାବ ରଖିଛନ୍ତି। ଓଡ଼ିଶାରେ ପୁଞ୍ଜି ବିନିଯୋଗ କରିବାକୁ ପ୍ରସ୍ତାବ ଦେଇଥିବା କମ୍ପାନୀ ଗୁଡିକ ମଧ୍ୟରେ ଆଦିତ୍ୟ ବିର୍ଲା ଗ୍ରୁପ୍, ରିଲାଏନ୍ସ ଗ୍ରୁପ୍, ବେଦାନ୍ତ ରିସୋର୍ସ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ହଳଦିଆ ପେଟ୍ରୋ କେମିକାଲ୍ସ, ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର, ମହାନଦୀ କୋଲଫିଲ୍ଡସ୍ ଓ ଭାରତୀୟ ଇସ୍ପାତ କର୍ତ୍ତୃପକ୍ଷଙ୍କ ଭଳି ବହୁ ନାମୀଦାମୀ କମ୍ପାନୀମାନେ ରହିଛନ୍ତି। ଏହି କନ୍‌କ୍ଲେଭର ତୃତୀୟ ସଂସ୍କରଣ ଆସନ୍ତା ୨୦୨୦ ନଭେମ୍ବର ୩୦ରେ ଅନୁଷ୍ଠିତ ହେବାର ଘୋଷଣା ମଧ୍ୟ କରାଯାଇଛି। ଏହା ଓଡ଼ିଶା ପାଇଁ ଏକ ଶୁଭ ଖବର ନିଶ୍ଚୟ। କାରଣ ଶିଳ୍ପ ବିପ୍ଳବ ଜରିଆରେ ମୁଖ୍ୟମନ୍ତ୍ରୀ ଯେଉଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାକୁ ଯାଉଛନ୍ତି ତଦ୍ୱାରା ରାଜ୍ୟରେ ମୋଟ ୫ଲକ୍ଷ ୯୦ ହଜାର ଯୁବକ, ଯୁବତୀଙ୍କୁ ନିଯୁକ୍ତି ମିଳିପାରିବ। ବାସ୍ତବ କ୍ଷେତ୍ରରେ ରାଜ୍ୟ ପାଇଁ ଏହାର ଯଥେଷ୍ଟ ଆବଶ୍ୟକତା ରହିଛି। କିନ୍ତୁ ବିଗତ ଦିନର ଘଟଣାବଳୀକୁ ଦେଖିଲେ ମନେହୁଏ ପୁଞ୍ଜି ନିବେଶର ପ୍ରତିଶ୍ରୁତି ଓ ଶିଳ୍ପ ପ୍ରତିଷ୍ଠା ଭିନ୍ନ କଥା। କାରଣ ଶିଳ୍ପ ପ୍ରତିଷ୍ଠା ପାଇଁ ଯେଭଳି ଭିତ୍ତିଭୂମିର ଆବଶ୍ୟକତା ରହିଛି ତଦନୁଯାୟୀ କାର୍ଯ୍ୟ ଆରମ୍ଭ ହେଲେ ଶିଳ୍ପ ପ୍ରଗତିର ସ୍ୱାଦ ମିଳିବାର ସମ୍ଭାବନା ଅଛି। ଏଥିସହିତ ଯେଉଁ ଅଞ୍ଚଳରେ ଶିଳ୍ପ ପ୍ରତିଷ୍ଠା କରାଯିବ ସେଠାରେ ସ୍ଥାନୀୟ ସମସ୍ୟା ପ୍ରତି ଅତ୍ୟଧିକ ଯତ୍ନବାନ ହେବାକୁ ପଡିବ। କୌଣସି ଅଞ୍ଚଳରେ ବୃହତ ଶିଳ୍ପ ପ୍ରତିଷ୍ଠା କରାଯିବା ପୂର୍ବରୁ ସେ ଅଞ୍ଚଳର ଜନ ସମସ୍ୟା ଓ ଏଥିରେ କ୍ଷତିଗ୍ରସ୍ତ ହେଉଥିବା ସାଧାରଣ ଲୋକଙ୍କ ଅସୁବିଧାକୁ ଦୃଷ୍ଟିରେ ରଖି ସେମାନଙ୍କ ପାଇଁ ନୂତନ ବନ୍ଦୋବସ୍ତ କରାଯିବା ଉପରେ ଧ୍ୟାନ ନ ଦେଲେ ବିରୋଧାଭାଷ ସୃଷ୍ଟି ହେବାର ଆଶଙ୍କା ମଧ୍ୟ ରହିଛି। ଯାହା ପୋସ୍କୋ ପ୍ରତିଷ୍ଠା କ୍ଷେତ୍ରରେ ଦେଖିବାକୁ ମିଳିଲା। ସ୍ଥାନୀୟ ଲୋକଙ୍କର ବିରୋଧ ଯୋଗୁଁ ଜମି ଅଧିଗ୍ରହଣ ବିଳମ୍ବ ଘଟିଲା। ଯେତିକି ଜମି ଅଧିଗ୍ରହଣ କରାଗଲା ଓ ଲୋକଙ୍କୁ କ୍ଷତିପୂରଣ ଦିଆଗଲା ତାହା ପୋସ୍କୋର କାରଖାନା ପାଇଁ ସହାୟକ ହୋଇପାରିଲାନାହିଁ। ଯେଉଁଥିପାଇଁ ପୋସ୍କୋ ଭଳି ଏକ ବିଶାଳ କମ୍ପାନୀ ଓଡ଼ିଶାରୁ ଫେରିଗଲା। ବିଗତ କିଛିବର୍ଷ ଭିତରେ ଏଭଳି ଅନେକ କମ୍ପାନୀ ରାଜ୍ୟ ସରକାରଙ୍କ ସହିତ ଏମ୍‌ଓୟୁ ସ୍ୱାକ୍ଷର କରି ଏଯାଏଁ ଶିଳ୍ପ ପ୍ରତିଷ୍ଠା କରିପାରିନାହାନ୍ତି। ବର୍ତ୍ତମାନର ସରକାର ପୂର୍ବରୁ ମଧ୍ୟ ଏହି ସମସ୍ୟା ରହିଆସିଛି। ଗୋପାଳପୁରରେ ଟାଟା କମ୍ପାନୀ ନେଇଥିବା ଜମିରେ ଇସ୍ପାତ ଶିଳ୍ପ ପ୍ରତିଷ୍ଠା ନହେବା ମଧ୍ୟ ଏହାର ଏକ ନଜିର।

ସମ୍ପାଦକୀୟ
ତାରକ ମହାନ୍ତି



ନୂତନକୁ ସ୍ୱାଗତ ଓ ପୁରାତନକୁ ହତାଦର କରାଯିବା ମଧ୍ୟ ଶିଳ୍ପ ପାଇଁ ଏକ ପ୍ରଶ୍ନବାଚୀ ସଦୃଶ। ପୂର୍ବରୁ ଓଡ଼ିଶାରେ ଯେଉଁ ଯେଉଁ ଶିଳ୍ପ ଗଢ଼ି ଉଠିଛି ସେ ସବୁକୁ ଅଧିକ କ୍ରିୟାଶୀଳ କରି ନୂଆ ଶିଳ୍ପ ପାଇଁ ମନୋନିବେଶ କଲେ ଏହା ଉଭୟ ସରକାର ଓ ଶିଳ୍ପପତିମାନଙ୍କ ପାଇଁ ନିଶ୍ଚୟ ଭଲ ବାର୍ତ୍ତା ଦିଅନ୍ତା। ବୁଡି ଯାଉଥିବା ଶିଳ୍ପର ପୁନରୁଦ୍ଧାର କ୍ଷେତ୍ରରେ ପ୍ରଶାସନିକ ତତ୍ପରତା ସେଭଳି ଆଖିଦୃଶିଆ ନୁହେଁ ବୋଲି ଜଣାପଡିଛି। ତେବେ ସରକାର ବିଗତ କିଛିବର୍ଷ ହେବ ନୂତନ ବୃହତ ଶିଳ୍ପ ପାଇଁ ଯେଭଳି ଚିନ୍ତା କରୁଛନ୍ତି ତାହା ବାସ୍ତବ ରୂପ ନେଇପାରିଲେ ରାଜ୍ୟବାସୀଙ୍କର ଉନ୍ନତି ହେବା ସହିତ ଶାସକଙ୍କ ପାଇଁ ଗୌରବମୟ ଇତିହାସ ସୃଷ୍ଟି କରିପାରନ୍ତା। ଯଦିଓ ବର୍ତ୍ତମାନର ସରକାର ସିଙ୍ଗଲ ୱିଣ୍ଡୋ ସିଷ୍ଟମ ମାଧ୍ୟମରେ ନୂଆ ଶିଳ୍ପକୁ କ୍ଲିୟରାନ୍ସ ଦେବା ସହିତ ସମସ୍ତ ପ୍ରକାର ଭିତ୍ତିଭୂମି ଯୋଗାଇ ଦେବାର ପ୍ରତିଶ୍ରୁତି ଦେଉଛନ୍ତି ତାହାର ବାସ୍ତବ କାର୍ଯ୍ୟକାରିତା ପ୍ରତି ମଧ୍ୟ ଗୁରୁତ୍ୱ ଦେବା ଆବଶ୍ୟକତା ରହିଛି। ଇସ୍ପାତ, ସାର, ରସାୟନ, ପେଟ୍ରୋକେମିକାଲ୍ସ, ଆଇଟି, ଏଗ୍ରି ବିଜ୍‌ନେସ, ବୟନଶିଳ୍ପ ଓ ଖାଦ୍ୟ ପ୍ରକ୍ରିୟାକରଣ ଭଳି କ୍ଷେତ୍ର ପାଇଁ ଆମ ରାଜ୍ୟରେ ଯଥେଷ୍ଟ ସୁଯୋଗ ରହିଛି। ତେଣୁ ସୁଯୋଗର ସଦ୍‌ବ୍ୟବହାର କରି ପରିବେଶ ଅନୁକୂଳ ଶିଳ୍ପ ପ୍ରତିଷ୍ଠା ନିତାନ୍ତ ଦରକାର। ଶିକ୍ଷା, ସ୍ୱାସ୍ଥ୍ୟ, ପରିବହନ ଭଳି ଅନେକ ଗୁଡିଏ କ୍ଷେତ୍ରରେ ପୁଞ୍ଜି ନିବେଶର ସମ୍ଭାବନା ମଧ୍ୟ ଅଛି। ବିଜ୍ଞାନ ଓ କାରିଗରୀ ସହିତ ବୈଷୟିକ ଦୃଷ୍ଟିକୋଣରୁ ବିଚାର କରି ରାଜ୍ୟକୁ ଶିଳ୍ପ ସମୃଦ୍ଧ କରାଗଲେ ଏହା ଦେଶର ସର୍ବୋତ୍ତମ ରାଜ୍ୟ ଭାବେ ପରିଗଣିତ ହେବା କିଛି ଅସମ୍ଭବ ନୁହେଁ। ଏଥିପାଇଁ ଆନ୍ତରିକତା ଓ କାର୍ଯ୍ୟ ଦକ୍ଷତାର ଆବଶ୍ୟକତା ରହିଛି। ଆନ୍ତରିକତା ବିହୀନ ଲୋକ ଦେଖାଣିଆ ଯେକୌଣସି ଯୋଜନା ପରିଶେଷରେ ବିଫଳ ସାବ୍ୟସ୍ତ ହୋଇଥାଏ। ସାମୟିକ ଆଶ୍ୱସ୍ତି ପ୍ରଦାନ କରୁଥିବା ଏଭଳି ଅନେକ ଯୋଜନା ଅତୀତରୁ ଆଜିଯାଏ ଜନସାଧାରଣଙ୍କୁ ପ୍ରବଞ୍ଚନାର ଶିକାର କରିଛି ସିନା ସୁଖ ଦେଇପାରିନାହିଁ। ପ୍ରାକୃତିକ ସମ୍ପଦ ଓ ପ୍ରାଚୁର୍ଯ୍ୟରେ ଭରା ଓଡ଼ିଶାରେ ନୂଆ ନୂଆ ଶିଳ୍ପ କରିଡର ପାଇଁ ଅନେକ ସମ୍ଭାବନା ରହିଥିଲେ ବି ଆମେ ଏଥିରେ ପଛୁଆ। ପର୍ଯ୍ୟଟନ କ୍ଷେତ୍ରରେ ଓଡ଼ିଶାରେ ସେଭଳି କିଛି ଉନ୍ନତି ପରିଲକ୍ଷିତ ହେଉନାହିଁ। ଯଥେଷ୍ଟ ସୁଯୋଗ ରହିଥିଲେ ବି ପ୍ରଶାସନିକ ଉଦାସୀନତା କାରଣରୁ ବିଭିନ୍ନ ପର୍ଯ୍ୟଟନ ସ୍ଥଳ ଆଜି ବି ଅବହେଳିତ। ରାଜ୍ୟର ପର୍ଯ୍ୟଟନ କ୍ଷେତ୍ର ନିକଟରେ ଥିବା ବିଭିନ୍ନ ପାନ୍ଥଶାଳା ସତେଯେମିତି ବର୍ତ୍ତମାନର ସରକାରଙ୍କ ପାଇଁ ଅଦରକାରୀ ହୋଇପଡିଛି। ପୁରୀ ହେଉ କି ବରକୂଳ ସବୁଠି ପାନ୍ଥ ନିବାସରେ ଆଗଭଳି ଚମକ ନାହିଁ। ଅତୀତରେ ରାଜ୍ୟର ଗୌରବ ବଢ଼ାଇଥିବା ଓଡ଼ିଶା ଟେକ୍ସଟାଇଲ ମିଲ୍ସ, କୋଣାର୍କ ଟିଭି, ଇପିଟ୍ରନ୍ ଟାଇମ୍ସ ଭଳି ବହୁ କମ୍ପାନୀ ମୃତ ଅବସ୍ଥାରେ। ପରିଚାଳନାଗତ ତ୍ରୁଟି ହେଉ କିମ୍ବା ରାଜନୀତିର ଚକ୍ରବ୍ୟୁହରେ ଏସବୁ ସଂସ୍ଥା ସ୍ଥାଣୁ ହେବାକୁ ବାଧ୍ୟ ହୋଇଛନ୍ତି। ଏଥିରେ କାର୍ଯ୍ୟ କରୁଥିବା କର୍ମଚାରୀ ଓ ଶ୍ରମିକମାନେ ଯେଭଳି ଦୁର୍ଦ୍ଦଶାରେ ଜୀବନ କାଳାତିପାତ କରୁଛନ୍ତି ତାହାକୁ ଚିନ୍ତା କରିବାର ଯଥେଷ୍ଟ କାରଣ ମଧ୍ୟ ରହିଛି। ଖଣି ହେଉ କି କ୍ଷୁଦ୍ର ଶିଳ୍ପ ଯେଉଁଠାରେ ଶ୍ରମିକମାନେ ଅବହେଳିତ ସେଠାରେ ପ୍ରଗତିର ବାର୍ତ୍ତା କ'ଣ? ସରକାରୀ ଉଦ୍ୟମ ସହିତ ପ୍ରଶାସନିକ ତତ୍ପରତାର ସମନ୍ୱୟ ନ ରହିଲେ ଯୋଜନା ଯୋଜନା ବାଟରେ ରହିଯିବ ସିନା ଏହା ବାସ୍ତବ ରଙ୍ଗ ଆଣିପାରିବ ନାହିଁ। ତେଣୁ ପ୍ରତିଶ୍ରୁତିକୁ ବାସ୍ତବତାରେ ପରିଣତ କରିବା ପାଇଁ ବର୍ତ୍ତମାନର ଶାସକ ଓ ପ୍ରଶାସକଙ୍କୁ ଅଧିକ କ୍ରିୟାଶୀଳ ହେବାକୁ ପଡିବ। ନଚେତ ଭୋଟ ରାଜନୀତିକୁ ଦୃଷ୍ଟିରେ ରଖି ଯଦି ସରକାର ଏଭଳି କିଛି କରୁଥାନ୍ତି ତେବେ ଏହା ବାସ୍ତବ ରୂପ ନେବା ଅପେକ୍ଷା କାଗଜରେ ଗୋଲାପି ଚିତ୍ର ସଦୃଶ।

ଯୋଗାଯୋଗ ଠିକଣା
ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

# ଚାଚା ନେହେରୁ



ଅକ୍ଷୟ କୁମାର ରାଉତ

ଯୁଗଯୁଗ ଧରି ମଣିଷ ପ୍ରକୃତି ସହିତ ସଂଗ୍ରାମ କରିଆସିଛି, ଧୂଳି ଧୂସରିତ ଏଇ ଧରାବକ୍ଷରେ ସ୍ୱର୍ଗର ପାରିଜାତ କାନନ ସୃଷ୍ଟି କରିବାକୁ। ସଭ୍ୟତାର ସୂର୍ଯ୍ୟୋଦୟ ଠାରୁ ଲୋକେ ସଂସାରକୁ ଆସନ୍ତି, ଖାଆନ୍ତି, ପିଅନ୍ତି ଆଉ ଦିନେ ବିଦାୟ ନେଇ ଚାଲିଯାଆନ୍ତି। ଏତ ପୋକ ମାଛିର ଜୀବନ। ଯେଉଁ ମଣିଷ ମାନବ ସେବାକୁ ବ୍ରତ କରି, ଜୀବନକୁ ଶିବଭାବି ସେବା କରେ, ତାକୁ ହରାଇଲେ ସମସ୍ତ ଜୀବଜଗତ ଓ ମନୁଷ୍ୟ ସମାଜ ଦୁଃଖୀ ହୁଏ। ଆଖିରୁ ଲୁହ ଝରାଇ ତାର ଗୁଣ ବାହୁନେ। ଏମିତି ଜୀବନ ଥିଲା ଜବାହାରଲାଲାଙ୍କର। ୧୮୮୯ ମସିହା ନଭେମ୍ବର ୧୪ ତାରିଖରେ ସ୍ୱରୂପାରାଣୀଙ୍କ ଗର୍ଭରୁ ମୋତିଲାଲଙ୍କ ଔରସରୁ ଏକ ପୁତ୍ର ସନ୍ତାନ ଜନ୍ମ ଲାଭ କଲା। ପୁତ୍ରଟିର ନାମ କରଣ କରାଗଲା ଜବାହାରଲାଲ। ଜହର ଅର୍ଥାତ ରତ୍ନ, ଲାଲ ଅର୍ଥ ପୁତ୍ର।

"ଆନନ୍ଦ ଭବନ" ରେ ଜବାହାରଲାଲ ଖୁସୀରେ ବଢିବାକୁ ଲାଗିଲେ। ସେ ମୁବାରକ ଅଲ୍ଲୀଙ୍କ ଠାରୁ ନାନାଦି ଗପ ଶୁଣନ୍ତି। ସିପାହୀ ବିଦ୍ରୋହର ଘଟଣାବଳୀ ତାଙ୍କ ଉପରେ ପ୍ରଭାବ ପକାଇଥିଲା। ଛୋଟବେଳରୁ ଭାରତକୁ ସ୍ୱାଧୀନତା କିପରି ମିଳିବ ସେ ଚିନ୍ତା କରୁଥିଲେ। ୧୫ ବର୍ଷ ବୟସରେ ଇଂଲଣ୍ଡର ହ୍ୟାରୋ ସ୍କୁଲରେ ନାମ ଲେଖାଇ ପଢା ପଢିରେ ମନ ଲଗାଇ ଦେଲେ। ହ୍ୟାରୋ ସ୍କୁଲରେ ପାଠ ପଢା ଶେଷ କରି, କେମ୍ବ୍ରିଜ ବିଶ୍ୱ ବିଦ୍ୟାଳୟରେ ନାଁ ଲେଖାଇଲେ। ସେଠି ସେ ବିଜ୍ଞାନ ପଢିଲେ, କେମେଷ୍ଟ୍ରୀ, ବଟାନି ଓ ଖଣିତତ୍ତ୍ୱ ବିଷୟ ନେଇ, କେମ୍ବ୍ରିଜ ବିଶ୍ୱବିଦ୍ୟାଳୟ ରୁ ଡ଼ିଗ୍ରୀ ପାଶ୍ କରି ସେ ଆୟାରଲ୍ୟାଣ୍ଡ ଓ ନରୱେ ଭ୍ରମଣରେ ଯାଇଥିଲେ। ବହୁତ ଦୁର୍ଗମ ପାହାଡ଼ିଆ ଅଂଚଳ ଭ୍ରମଣ ସାରି ଏକ ହୋଟେଲରେ ବିଶ୍ରାମ ନେଲେ। ସ୍ନାନ ପାଇଁ ହୋଟେଲରେ ସୁବିଧା ନଥିବାରୁ , ଏକ ଝରଣାରେ ସ୍ନାନ ସମୟରେ ଗୋଡ଼ ଖସିଗଲା। ସେ ଝରଣା ସ୍ରୋତରେ ଭାସିଗଲେ। ବହୁ କଷ୍ଟରେ କୂଳରେ ପହଂଚିଲେ ତାଙ୍କ ବନ୍ଧୁ ଟାଣି ଉପରକୁ ଉଠାଇଲେ। ଏକ ପ୍ରକାର ମୃତ୍ୟୁ ମୁଖରୁ ରକ୍ଷା ପାଇଗଲେ। ୧୯୧୨ ଖ୍ରୀଷ୍ଟାବ୍ଦରେ ଲଣ୍ଡନରୁ ବାରିଷ୍ଟରି ପରୀକ୍ଷାରେ ଉତ୍ତିର୍ଣ୍ଣ ହେଲେ। ଭାରତକୁ ଫେରି ବମ୍ବେ ବନ୍ଦରରେ ପହଂଚିଲେ। ଏଲ୍ଲାହାବାଦରେ ପିତାଙ୍କୁ ନପାଇ ସେ ମସୋରୀକୁ ଗଲେ। ପିତାଙ୍କ ଜୁନିୟର ଭାବେ ଏଲହାବାଦ କୋର୍ଟରେ ଓକିଲାତି ଆରମ୍ଭ କଲେ। ମୋତିଲାଲ ପୁଅ ଜବାହରଙ୍କୁ ପଚାରିଲେ " ସ୍ତ୍ରୀ ସୁନ୍ଦରୀ ଚାହୁଁଚ ନା ଶିକ୍ଷିତା ଚାହୁଁଚ" ଜବାହର ଉତ୍ତର ଦେଲେ ଆପଣଙ୍କର ନାକ ଦରକାର କି ଆଖି? ଆପଣଙ୍କ ପ୍ରଶ୍ନ ଠିକ୍ ଏମିତି ମୋର ଦୁଇଟି ଯାକ ଦରକାର। ମୋତିଲାଲ ଷୋଡଷ ବର୍ଷୀ ଅନିନ୍ଦ୍ୟ ସୁନ୍ଦରୀ ଉଚ୍ଚା, ପତଳା ଓ ଗୌରବର୍ଣ୍ଣ କମଳା କୁ ପୁତ୍ରବଧୂ କରିବାକୁ ସ୍ଥିର କଲେ। ୧୯୧୬ ମସିହା ଶ୍ରୀ ପଂଚମୀ ଦିନ ମୋତିଲାଲ ନିଜର ପୁତ୍ରର ବିବାହ ଉତ୍ସବ ବହୁତ ଆଡ଼ମ୍ବର ସହକାରେ ଶେଷ କଲେ। ଜବାହାରଲାଲ ଓ କମଳା ଦୁହିଁଙ୍କ ଜୀବନରେ ନୂଆ ରୂପ, ନୂଆ ମହକ ଓ ସୁଖ ସନ୍ତୋଷ ଭରି ହୋଇଗଲା। ଦେଶ ସେବା ପାଇଁ କମଳାଙ୍କ ମନରେ ଯେଉଁ ଆଗ୍ରହ ତାହା ଜବାହାରଙ୍କୁ ଖୁସି ଦେଉଥିଲା। ନୂଆ ସୁଖ ଦୁଇ ଜୀବନକୁ ଭଲ ଲଗୁଥିଲା। ସରୋଜିନୀ ନାଇଡୁଙ୍କର ଭାଷଣରେ ଜବାହାରଙ୍କ ମନରେ ଦେଶ ପ୍ରେମ ଓ ଜାତୀୟତାଭାବ ସୃଷ୍ଟି ହେଲା। ଗାନ୍ଧୀଙ୍କର ବ୍ୟକ୍ତିତ୍ୱ ଓ ଚମ୍ପାରଣର ନୀଳଚାଷୀଙ୍କ ବିଜୟ ଜବାହାରଙ୍କୁ ପ୍ରଭାବିତ କରିଥିଲା। କମଳା ନେହୁରୁଙ୍କ ଗର୍ଭରୁ ଏକ କନ୍ୟାଜାତ ହେଲା। ଯାର ନାମ ଦିଆଗଲା ଇନ୍ଦିରା। ପିତାଙ୍କ ବାରଣ ହେତୁ ଜବାହାର ସତ୍ୟାଗ୍ରହରେ ଯୋଗ ଦେଇ ପାରିଲେ ନାହିଁ। ଗାନ୍ଧୀ ଆସି ଆନନ୍ଦ ଭବନରେ ଚାରିଦିନ ରହି ପିତାଙ୍କ ମନକଷ୍ଟ ନକରିବାକୁ ଜବାହାରଙ୍କୁ ପରାମର୍ଶ ଦେଲେ। ଗାନ୍ଧିଜୀ ସତ୍ୟାଗ୍ରହ ଆନ୍ଦୋଳନରେ ଗିରଫ ହେଲେ। ଗାନ୍ଧିଜୀଙ୍କ ଗିରଫ ଯୋଗୁ ଜନତା ପୋଲିସ ସହ ଧସ୍ତା ଧସ୍ତି ଆରମ୍ଭ ହୋଇଗଲା। ପୋଲିସ ଗୁଳିରେ ନିରୀହ ଲୋକଙ୍କୁ ହତ୍ୟା କଲେ। ଡ଼ାୟାର ସାହେବ ପଞ୍ଜାବରେ ଆତଙ୍କ ସୃଷ୍ଟି କରି କେତେକଙ୍କୁ ବନ୍ଦୀ କଲେ। ହଣ୍ଟର କମିଶନକୁ କଂଗ୍ରେସ ବିରୁଦ୍ଧ କଲା।

ଲୋକମାନ୍ୟ ବାଳ ଗଙ୍ଗାଧର ତିଳକଙ୍କର ମୃତ୍ୟୁ ଶୋଭାଯାତ୍ରାରେ ଗାନ୍ଧୀଙ୍କ ସହିତ ଜବାହାର ଯୋଗଦେଲେ। ଏହି ସମୟରେ କମଳା ଏକ ପୁତ୍ରଙ୍କୁ ଜନ୍ମ କରିବାର ସାତ ଦିନ ପରେ ତାର ମୃତ୍ୟୁ ହୋଇଗଲା। କମଳା ଯକ୍ଷ୍ମାରେ ଅସୁସ୍ଥ ହୋଇଗଲେ। ସେଥିପାଇଁ କମଳାଙ୍କୁ ସଙ୍ଗରେ ଧରି ଜବାହାର ଇଉରୋପ ଚାଲିଗଲେ। ଜେନେଭା ଠାରେ କିଛି ଦିନ ରହିଲେ। ମୋତିଲାଲ କନ୍ୟା କୃଷ୍ଣାଙ୍କୁ କମଳା ନେହେରୁଙ୍କର ସେବା କାର୍ଯ୍ୟ ପାଇଁ ଜେନେଭା ପଠାଇ ଦେଲେ। ଋଷ୍ ଆନ୍ଦୋଳନର ଦଶମ ବାର୍ଷିକୋତ୍ସବର ଆମନ୍ତ୍ରଣ ରକ୍ଷାକରି ମୋତିଲାଲ, ଜବାହର ଓ କୃଷ୍ଣା ବର୍ଲିନ ଠାରୁ ଋଷ୍ ଅଭିମୁଖେ ରେଳ ଯାତ୍ରା କଲେ। ସେମାନେ ପହଂଚିବା ବେଳକୁ ଉତ୍ସବ ସମାପ୍ତି ହୋଇଥିଲା। ତଥାପି ସେମାନେ ଋଷରେ ଚାରି ଦିନ ରହିଗଲେ। କମଳା ନେହୁରଙ୍କ ସ୍ୱାସ୍ଥ୍ୟ ସ୍ୱାଭାବିକ ହେବାରୁ ଜବାହାର ସପରିବାରେ ଭାରତକୁ ଫେରିଆସିଲେ।

ପଞ୍ଜାବ କେଶରୀ ଲାଲା ଲଜପତ ରାୟ ସାଇମନ କମିଶନଙ୍କୁ ବିରୋଧ କଲେ। ଗୋରା ସିପାହୀ ମାନେ ଜନସାଧାରଣଙ୍କୁ ଗୋରୁ ଗାଈଙ୍କ ଭଳି ଲାଠିରେ ମାଡ ଦେଲେ। ଗୋରା ସିପାହୀ ମାଡରେ ଲାଲା ଲଜପତ ରାୟ କିଛି ଦିନ ପରେ ମୃତ୍ୟୁ ମୁଖରେ ପଡିଲେ। ଲାଲାଙ୍କ ମୃତ୍ୟୁ ପରେ ଭାରତ ବର୍ଷରେ ଆନ୍ଦୋଳନ ତେଜି ଉଠିଲା। ଭଗତ୍‌ସିଂହ ଲାଲା ଲଜପତ ରାୟଙ୍କୁ ହତ୍ୟା କରିଥିବା ଗୋରା ପୋଲିସଙ୍କୁ ହତ୍ୟା କରି ଗିରଫ ହେଲେ। ଜବାହାରଙ୍କୁ ପୋଲିସ୍ ମାଡ଼ ମାରିଥିବା କଥା ଚାରି ଆଡେ ପ୍ରଚାରିତ ହୋଇଗଲା। ଲାଠି ମାଡରେ ଜବାହାରଙ୍କର ସର୍ବାଙ୍ଗ ଶରୀର ବ୍ୟଥା ହେଉଥାଏ। ମୋତିଲାଲ ଖବର ପାଇ ଏହ୍ଲାବାଦରେ ପହଂଚି ଜବାହାରଙ୍କୁ ଦେଖା କଲେ। ମୋତିଲାଲ ଏକ ସମ୍ବିଧାନ ତିଆରି କଲେ ତାହା ନେହେରୁ ରିପୋର୍ଟ ନାମରେ ପ୍ରସିଦ୍ଧ। ଏହି ରିପୋର୍ଟରେ ଔପନିବେଶିକ ସ୍ୱାଧୀନତା ଥିଲା। ଏହାକୁ ସୁବାଷ ବୋଷ ଓ ଅନ୍ୟାନ୍ୟ ସତ୍ୟାଗ୍ରହୀମାନେ ବିରୋଧ କଲେ। କଂଗ୍ରେସର କଲିକତା ଅଧିବେସନରେ ଏକ ସୂତ୍ର ବାହାରିଲା। କଂଗ୍ରେସ ଔପନିବେଶିକ ସ୍ୱାଧୀନତା କରାଇ ନପାରିଲେ ଭାରତକୁ ପୂର୍ଣ୍ଣ ସ୍ୱାଧୀନତା ନିମିତ ଦାବି କରାଯିବ। ଏହି ଔପନିବେଶକ ବାଦରୁ କଂଗ୍ରେସର ସଂପାଦକ ଜବାହାରଲାଲ ଓ ସୁବାଷ ବୋଷ ବିରୋଧ କରି କଲିକତା ଅଧିବେସନକୁ ଗଲେ ନାହିଁ। ମୋତିଲାଲ ସ୍ୱରାଜ ଦଳ ଗଠନ କଲେ। ମୋତିଲାଲ ଇସ୍ତଫା ଦେବାପରେ ଜବାହାର ୧୯୨୯ ମସିହାରେ କଂଗ୍ରେସର ସଭାପତି ହେଲେ। ପୂର୍ଣ୍ଣ ସ୍ୱରାଜକୁ କଂଗ୍ରେସର ଲକ୍ଷ ବୋଲି ଗ୍ରହଣ କରିନିଆଗଲା। ଇଂରେଜ ସରକାର ୧୯୨୯ରେ ଭାରତକୁ ଔପନିବେଶିକ ସ୍ୱାଧୀନତା ଦେଲେ ନାହିଁ। କଂଗ୍ରେସ ଲାହୋର ଅଧିବେଶନରେ ପୂର୍ଣ୍ଣ ସ୍ୱାଧୀନତା ପାଇବା ନିମିତ ଆନ୍ଦୋଳନ ଆରମ୍ଭ କରିଦେଲେ। ମହାତ୍ମା ଗାନ୍ଧୀ ଓ ଜବାହାରଲାଲ ୧୯୩୦ ମସିହା ଜାନୁୟାରୀ ମାସ ୨୬ ତାରିଖ କୁ ସ୍ୱାଧିନତା ଦିବସ (ଶପଥ ଦିବସ) ରୂପେ ଘୋଷଣା କଲେ। ଜବାହାର ଲାଲଙ୍କୁ ଗାନ୍ଧିଜୀ ବୁଝାଇଲେ ଅହିଂସା ଅସ୍ତ୍ର ପ୍ରତ୍ୟେକ ଅସ୍ତ୍ର ଠାରୁ ବଳଶାଳୀ ଓ ଭୟଙ୍କର। ଭାରତର ପୂର୍ଣ୍ଣ ସ୍ୱାଧୀନତା ଗାନ୍ଧିଜୀଙ୍କ ଉପରେ ନ୍ୟସ୍ତ କରାଗଲା।

ଗାନ୍ଧିଜୀ ପ୍ରଥମେ ଲବଣ କର ଉଠାଇ ନେବା ଓ ଲବଣ ଆଇନ ଭଙ୍ଗ ହିଁ ପୂର୍ଣ୍ଣ ସ୍ୱାଧୀନତା ପ୍ରାପ୍ତିର ପ୍ରଥମ ପାହାଚ, ତେଣୁ ଗାନ୍ଧିଜୀ ୧୯୩୦ ଖ୍ରୀଷ୍ଟାବ୍ଦ ଅପ୍ରେଲ ୬ ତାରିଖରେ ଦାଣ୍ଡିଠାରେ ଲୁଣ ମାରି ସରକାରଙ୍କ ଲବଣ ଆଇନକୁ ଅମାନ୍ୟ କଲେ। ଲବଣ ସତ୍ୟାଗ୍ରହ ବିରାଟ ରୂପ ଧାରଣ କଲା। ଗାନ୍ଧିଜୀଙ୍କୁ ୧୯୩୦ ମସିହା ମେ ମାସ ୫ତାରିଖରେ ଇଂରେଜ ସରକାର କାରାରୁଦ୍ଧ କଲେ। କୃଷକ ମାନଙ୍କ ଡାକରାରେ ଜହରଲାଲ କୃଷକ ମାନଙ୍କ ବୈଠକରେ ଯୋଗ ଦେଇ ସରକାରଙ୍କୁ ଖଜଣା ନ ଦେବାକୁ ଆହ୍ୱାନ କଲେ। ପୋଲିସ ତାଙ୍କୁ ଗିରଫ କରି ନୈନି ଜେଲକୁ ପଠାଇ ଦେଲେ। ବିଚାରରେ ଦୁଇ ବର୍ଷ ଜେଲ ଦଣ୍ଡ ଓ ଦୁଇଶତ ଟଙ୍କା ଜୋରିମାନା, ଏହା ଥିଲା ତାଙ୍କର ପଂଚମ ଜେଲଦଣ୍ଡ। ୧୯୩୦ ନଭେମ୍ବର ୧୪ ତାରିଖ ରେ ଜବାହାର ଲାଲଙ୍କ ଜନ୍ମ ଦିବସରେ ସାରା ଭାରତରେ ସଭା ସମିତିରେ ତାଙ୍କର ଭାଷଣ ପଠନ କରାଗଲା। ଜହର ଲାଲ ନୈନି ଜେଲରେ ଥିବା ସମୟରେ ମୋତିଲାଲ ଗିରଫ ହୋଇ ଉକ୍ତ ଜେଲରେ ରହିଲେ। ମୋତିଲାଲଙ୍କ ସ୍ୱାସ୍ଥ୍ୟ ଖରାପ ହେବାରୁ ତାଙ୍କୁ ମୁକ୍ତ କରିଦିଆଗଲା।



କୃଷକମାନଙ୍କ ଉପରେ ହେଉଥିବା ଅତ୍ୟାଚାର ବେତ୍ରାଘାତର ପ୍ରତିବାଦରେ ଜହର ଲାଲ ଅନଶନ ଆରମ୍ଭ କରିଦେଲେ। ବେତ୍ରାଘାତ ସ୍ଥଗିତ ହେଲା। ୧୯୩୧ ମସିହା ଜାନୁୟାରୀ ମାସ ୨୬ ତାରିଖରେ ଜହରଲାଲ କାରାମୁକ୍ତ ହେଲେ। ଜାନୁଆରୀ ୨୭ ତାରିଖରୁ ସ୍ୱାଧୀନତା ଦିବସ ରୂପେ ସାରା ଭାରତରେ ପାଳନ କରାଗଲା। କମଳା ନେହେରୁ ଆନ୍ଦୋଳନରେ ଯୋଗ ଦେଇ ସ୍ୱାମୀଙ୍କ ପଥର ଯାତ୍ରୀ ହୋଇ ୧୯୩୧ ଖ୍ରୀଷ୍ଟାବ୍ଦରେ ବନ୍ଦୀ ହେଲେ। ମୋତିଲାଲ ନେହେରୁ ୧୯୩୧ ମସିହା ଅପ୍ରେଲ ଛଅ ତାରିଖରେ ଶେଷ ନିଶ୍ୱାସ ତ୍ୟାଗ କଲେ। ବିରାଟ ଶୋଭାଯାତ୍ରାରେ ଗଙ୍ଗା ନଦୀ କୂଳରେ ମୋତିଲାଲଙ୍କ ମରଶରୀରକୁ ସଂସ୍କାର କରାଗଲା। ଜାଲିଆନାୱାଲାବାଗ ହତ୍ୟାକାଣ୍ଡ ଓ ଅନ୍ୟାନ୍ୟ ନରସଂହାରକୁ ମନେପକାଇ ଅପ୍ରେଲ ୬ ରୁ ୧୩ ତାରିଖ ଯାଏ ଜାତୀୟ ଦିବସ ପାଳନ କରାଗଲା। ମୋତିଲାଲଙ୍କ ପତ୍ନୀ ସ୍ୱରୂପାରାଣୀଙ୍କୁ ଇଂରେଜ ସିପାହୀ ଧକ୍କା ମାରି ତଳେ ପକାଇ ଦେବାରୁ ସେ ଆଘାତ ପାଇଲେ। ଏହି ଆଘାତ ଖବର ଭୁଲ କ୍ରମେ ସ୍ୱରୂପାରାଣୀଙ୍କର ମୃତ୍ୟୁ ରୂପେ ପ୍ରଚାରିତ ହୋଇଯିବାରୁ ବିଭିନ୍ନ ସ୍ଥାନରେ ଦଙ୍ଗା ଆରମ୍ଭ ହୋଇଗଲା। ଜହରଲାଲ ଶେଷ ତାରିଖ ପୂର୍ବରୁ କାରାମୁକ୍ତ ହେଲେ। କମଳାଙ୍କ ମୃତ୍ୟୁ ପରେ ନେହେରୁ ଭାଙ୍ଗି ପଡିଲେ। ତେଣୁ ସେ ଇନ୍ଦିରା ଗାନ୍ଧୀଙ୍କୁ ଇଂଲଣ୍ଡର କ୍ରିଷ୍ଟଲ ବ୍ୟାଡମିଣ୍ଟନ ବିଦ୍ୟାଳୟରେ ପାଠ ପଢାଇଲେ। ଜାପାନ ଚାଇନା ଉପରେ ବୋମା ବର୍ଷଣ କରୁଥାଏ କଂଗ୍ରେସର ପ୍ରତିନିଧି ରୂପେ ନେହେରୁ ଚୀନ ଗଲେ। ଚୀନର ତତ୍କାଳୀନ ଶାସକ ଓ ତାଙ୍କର ସ୍ତ୍ରୀ ତାଙ୍କୁ ବହୁତ ସମ୍ବର୍ଦ୍ଧନା ଦେଲେ। ଦ୍ୱିତୀୟ ମହାଯୁଦ୍ଧରେ ଇଂଲଣ୍ଡ ସରକାର କଂଗ୍ରେସର ସହାୟତା ଇଚ୍ଛା କରିବାରୁ କଂଗ୍ରେସ ସ୍ୱାଧୀନତା ଦାବୀ କଲା। ୧୯୪୨ ମସିହା ମାର୍ଚ୍ଚ ମାସରେ ଇନ୍ଦିରାଙ୍କ ବିବାହ ଫରାସି ଜାତିର ଫିରୋଜ ସହିତ ଆନନ୍ଦ ଭାବନରେ ଅନୁଷ୍ଠିତ ହେଲା। ଦ୍ୱିତୀୟ ମହାଯୁଦ୍ଧରେ ଇଂଲଣ୍ଡର ଆର୍ଥିକ ସ୍ଥିତି ଦୋହଲି ଗଲା। ତା ପକ୍ଷେ ଭାରତକୁ ନିୟନ୍ତ୍ରଣ କରିବା କଷ୍ଟକର ହୋଇ ପଡିଲା। ତେଣୁ ଇଂରେଜ ସରକାର ଭାରତରୁ ତଡାଖାଇ ଯିବା ଅପେକ୍ଷା ଭାରତକୁ ସ୍ୱାଧୀନତା ଦେବା କଥା ଚିନ୍ତାକଲେ। ତେଣୁ ୧୯୪୬ ମସିହାରେ ଭାରତରେ ସାଧାରଣ ଭୋଟ ଅନୁଷ୍ଠିତ ହେଲା। ଇଂରେଜ ମାନେ କୌଶଳରେ ହିନ୍ଦୁ ଓ ମୁସଲମାନଙ୍କ ମଧ୍ୟରେ ଗୃହ ଯୁଦ୍ଧ ଆରମ୍ଭ କରିଦେଲେ। ଏହି ଗୃହ ଯୁଦ୍ଧରେ ବହୁ ନର ନାରୀ ଓ ଶିଶୁ ବଳି ପଡିଗଲେ। ଭାରତର ସ୍ୱାଧୀନତା ବ୍ରିଟିଶ ପାର୍ଲିଆମେଣ୍ଟରେ ମଞ୍ଜୁର ହୋଇଗଲା। ୧୯୪୭ ମସିହା ଅଗଷ୍ଟ ୧୫ ତାରିଖରେ ଭାରତ ବିଭାଜିତ ହୋଇ ସ୍ୱାଧୀନତା ଲାଭ କଲା। ସ୍ୱାଧୀନ ଭାରତର ପ୍ରଥମ ପ୍ରଧାନ ମନ୍ତ୍ରୀ ରୂପେ ଜବାହରଲାଲ ନେହେରୁ ଶପଥ ଗ୍ରହଣ କଲେ। ରାଷ୍ଟ୍ରର ଶାନ୍ତି ପାଇଁ ସେ ପଂଚଶୀଳ ନୀତିକୁ ଗ୍ରହଣ କରିଥିଲେ। ନିଜ ପରିବାରରେ ଚାଚା ଥାଆନ୍ତି, ଗାଁ ଗହଳିରେ କିଛି ଲୋକ ଥାଆନ୍ତି ଯାହାକୁ ସମସ୍ତେ ଭଲ ପାଆନ୍ତି ତାଙ୍କୁ ଚାଚା କହନ୍ତି। ଯାହାଙ୍କୁ ସାରା ଦେଶ ଭଲପାଏ ଓ ଚାଚା ବୋଲି ସମ୍ବୋଧନ କରନ୍ତି, ସେ ହେଉଛନ୍ତି ଚାଚା ନେହେରୁ। ୧୯୬୪ ମସିହା ମେ ମାସ ୨୭ ତାରିଖରେ ଜବାହାରଲାଲଙ୍କ ଦେହାନ୍ତ ହୋଇଗଲା। ଦେଶ ପାଇଁ ତାଙ୍କର ମହାନ୍ ତ୍ୟାଗ, ଆଦର୍ଶ ଓ ସଂଗ୍ରାମ ଦେଶ ବାସୀଙ୍କ ହୃଦୟ ରାଜ୍ୟରେ ଅଦ୍ୟାବଧି ଅବିସ୍ମରଣୀୟ ହୋଇ ରହିଛି ଓ ଯୁଗ ଯୁଗକୁ ରହିଥିବ।

*ସଦସ୍ୟ, ଓଡ଼ିଶା ସାହିତ୍ୟ ଏକାଡ଼େମୀ*
*ପାରାଦ୍ୱୀପ ଗଡ଼, କୁଜଙ୍ଗ,*
*ଜଗତ୍‌ସିଂହପୁର*
*ମୋ :୯୯୩୭୬୯୧୪୭୫*

# ମୋକ୍ଷ ପଥ

ଯୋଗୀ ଗଣେଶ୍ୱର

ଭାଗ-୩୧

*"ତହିଁଆର ଦିନ ଉଠିଣ ସେ ଦୁଇ ଚଳିଣ*
*ଗଲେ ବହନ।*
*ମାଳବ ଦେଶରେ ପ୍ରବେଶ ହୋଇଲେ ଗୁରୁ*
*ଶିଷ୍ୟ ଦୁଇଜଣ ॥"*

ତହିଁପର ଦିନ ହାଡ଼ିପା ଗୋବିନ୍ଦଙ୍କୁ ସଙ୍ଗରେ ଧରି କାଶୀନଗରର ସମସ୍ତ ଦୈବପୀଠ ଭ୍ରମଣ କଲେ। ମଧ୍ୟାହ୍ନବେଳକୁ କାଶୀନଗ୍ରର ଦକ୍ଷିଣପ୍ରାନ୍ତରେ ଅବସ୍ଥିତ ହରିହରପୀଠରେ ଦୁହେଁ ପ୍ରସାଦ ସେବନ କଲେ। ସେଠାରେ ବିଶ୍ରାମ କାଳରେ ହାଡ଼ିପା ଗୋବିନ୍ଦଙ୍କୁ ମହାଯୋଗୀ ଶିବଙ୍କ ଶୁଦ୍ଧଚରିତ କଥା କହିଲେ। ହାଡ଼ିପା କହିଲେ ବତ୍ସ ଗୋବିନ୍ଦ, ଶିବଙ୍କର ମହିମା ଅପାର। ଅଣୁଠାରୁ ପରମାଣୁ ପର୍ଯ୍ୟନ୍ତ ସବୁ ବସ୍ତୁରେ,ସବୁ ସ୍ଥାନରେ ଶିବଙ୍କର ଶକ୍ତି ପରିବ୍ୟାପ୍ତ ! ନିରାକାରନାଥ ବିଷ୍ଣୁଙ୍କର ଶିବ ପରମଭକ୍ତ। ତାଙ୍କଠାରୁ ବଳି ଅଧିକ ବିଷ୍ଣୁପ୍ରେମୀ ଆଉ କେହି ନାହାନ୍ତି। ସେ ବିଷ୍ଣୁଙ୍କ ପୟରରେ ସମର୍ପିତ ହୋଇ ପ୍ରାଣୀଜଗତର ସକଳକର୍ମ କରନ୍ତି,କରାନ୍ତି। ଶିବଙ୍କ ତ୍ୟାଗପୂତ ସେବା ଦେଖି ନାରାୟଣ ତାଙ୍କୁ ଅତିରିକ୍ତ ଭଲ ପାଆନ୍ତି। ନାରାୟଣଙ୍କର ଶିବ କିପରି ଅତିପ୍ରିୟ ହେଲେ ସେ କଥା ଏବେ କହିବୁ ମନଦେଇ ଶ୍ରବଣ କର। ପ୍ରଳୟପରେ ଯେତେବେଳେ ଅନନ୍ତ ଗୋସାଇଁ ପୁନଃ ସୃଷ୍ଟି ଶ୍ରୀଚନା କରିବା ନିମନ୍ତେ ଇଚ୍ଛାପ୍ରକଟ କଲେ, ତତ୍‌କାଳରେ ପୃଥ୍ୱୀପୃଷ୍ଠର ସମସ୍ତ ଧନସମ୍ପଦ ଜଳରେ ବୁଡ଼ି ରହିଥିଲା। ସେଇ ସମ୍ପଦ କିପରି ଅଥଳ ସମୁଦ୍ରରୁ ଉଦ୍ଧାର ପାଇବ ତାହାର ଉପାୟ ବିଷ୍ଣୁ ଇନ୍ଦ୍ରଙ୍କୁ କହିଲେ। ଇନ୍ଦ୍ରଦେବ ଦେବତା ଅସୁରଙ୍କୁ ମେଳାଇ ସମୁଦ୍ରତଟରେ ପହଚିଂଲେ। ବିଷ୍ଣୁ କଚ୍ଛପ ରୂପ ଧରି ଜଳ ମଧ୍ୟରେ ରହିଲେ। ତାଙ୍କ ପିଠିରେ ମନ୍ଦର ପର୍ବତକୁ ରଖି ଦୈବାସୁର ବାସୁକୀନାଗଙ୍କୁ ରଜ୍ଜୁ କରି ସମୁଦ୍ର ମନ୍ଥନ କରିବାକୁ ଲାଗିଲେ ! ସମୁଦ୍ରକୁ ମନ୍ଥନ କରିବାରୁ ଅନେକ ସମ୍ପଦ ଉଦ୍ଧାର ହେଲା। ମାତ୍ର ଅତିରିକ୍ତ ମନ୍ଥନରୁ ଏକ ବିଷ କୁମ୍ଭ ବାହାରିଲା ! ବିଷ୍ଣୁ କୁମ୍ଭ ଭିତର ପରୀକ୍ଷା କରି ଦେଖିଲେ ତହିଁରେ କେବଳ ହଳହଳା ବିଷ ରହିଛି ! ଏହି ବିଷ ପୃଥ୍ୱୀପୃଷ୍ଠରେ ବିସ୍ତାରିତ ହେଲେ ବିଷଜ୍ୱାଳାରେ ବୃକ୍ଷଲତା,ମନୁଷ୍ୟଆଦି ଯେତେପ୍ରାଣୀ ସର୍ଜନା ହୋଇଛନ୍ତି,ସଭିଏଁ ପ୍ରାଣତ୍ୟାଗ କରିବେ ! ବିଷକୁମ୍ଭ ଦେଖି ଦୈବାସୁର,ଗନ୍ଧର୍ବ,କିନ୍ନର ସଭିଏଁ ଭୟରେ ଥରହର ହେଲେ।

ହାଡ଼ିପା ପୁଣି କହିଲେ-ବତ୍ସ,ଏପରି ଭୟଙ୍କର ପରିସ୍ଥିତି ଉତ୍ପନ୍ନ ହେବା ପରେ ବିଷ୍ଣୁ ଚିନ୍ତିତ ହୋଇ ପଡ଼ିଲେ ! ସୃଷ୍ଟି ପ୍ରାରମ୍ଭରୁ ଏପରି ଏକ ବିଘ୍ନ ଦେଖି ବିଷ୍ଣୁ ବ୍ୟାକୁଳଭାବ ଧରି ସମୁଦ୍ରତଟରେ ପଦ ଚାରଣ କଲେ। ଭାଳିହେଲେ, ଯାହା ସମ୍ପଦଉଦ୍ଧାର ହେଲା ତାହା ଦେବତା ଅସୁର ବାଟିଂ ନେବେ। ମାତ୍ର ବିଷକୁମ୍ଭକୁ କେହି ଗ୍ରହଣ କରିବେ ନାହିଁ। କିପରି ଓ କେଉଁଠାରେ ବିଷପାତ୍ରକୁ ରଖାଗଲେ ନିରାପଦରେ ପ୍ରାଣୀଜଗତ ବାସ କରିପାରିବେ,ସେ ନେଇ ଚିନ୍ତା କରୁଥିବା କାଳରେ ସେଠାରେ ଉପସ୍ଥିତ ଶିବ ବିଷ୍ଣୁଙ୍କ ମନକଥା ବୁଝିଗଲେ। ସେ ବିଷ୍ଣୁଙ୍କୁ ଏତେ ଭଲ ପାଉଥିଲେ ଯେ ବିଷ୍ଣୁଙ୍କ ନିକଟକୁ ଯାଇ କହିଲେ ପ୍ରଭୁ,ଆମ୍ଭେ ସେଇ ହଳହଳା ବିଷଭାଣ୍ଡକୁ ପିଇ ତୁମ୍ଭଙ୍କୁ ଚିନ୍ତାମୁକ୍ତ କରିବା ପାଇଁ ଇଚ୍ଛା କରୁଛୁ। ତୁମ୍ଭ ଅନୁମତି ପ୍ରାପ୍ତ ହେଲେ ଉଦ୍ଧାର ହୋଇଥିବା ସବୁ ବିଷପିଇ ତୁମ୍ଭ ସୃଷ୍ଟିକୁ ରକ୍ଷା କରିବୁ ! ତୁମ୍ଭ କର୍ମର ସଫଳତା ପାଇଁ ଆମ୍ଭେ ସବୁକିଛି ତ୍ୟାଗ କରିବାକୁ ପ୍ରସ୍ତୁତ। ଆମ୍ଭ ଶରୀର ତୁମ୍ଭକର୍ମରେ ଥାଇ ଶବ ପାଲଟିଗଲେ ବି ଦ୍ୱିଧାବୋଧ ନାହିଁ। ଏପରି କହି ବିଷକୁମ୍ଭକୁ ଉଠାଇଲେ। ବ୍ରହ୍ମା ବିଷ୍ଣୁ ଓ ସମସ୍ତ ଦେବାଦେବୀଙ୍କ ସମ୍ମୁଖରେ ବିଷ୍ଣୁଙ୍କୁ ସ୍ମରଣ କରି ସବୁବିଷକୁ ଏକା ଢୋକରେ ଗିଳିଦେଲେ ! ଭକ୍ତର ଦୁଃଖକୁ ଭଗବାନ ବିଷ୍ଣୁ ସହ୍ୟ କରିପାରନ୍ତି ନାହିଁ। ନାରାୟଣଙ୍କ କୃପାରୁ ବିଷଜ୍ୱାଳା ଶିବଙ୍କ ଉଦରକୁ ନ ଯାଇ କଣ୍ଠସ୍ଥଳରେ ଜମାଟ ବାନ୍ଧି ରହିଲା। ସେହି ଦିବସରୁ ନାରାୟଣ ଶିବଙ୍କୁ ନୀଳକଣ୍ଠ ନାମ ଦେଲେ ! ଏଇ କାଶୀନାଥ ହେଉଛନ୍ତି ସେଇ ଶିବ, ଯିଏ ସମୁଦ୍ର ମନ୍ଥନ କାଳରେ ଜଳରୁ ବାହାରିଥିବା ସବୁ ବିଷ ପିଇ ଜଗତପ୍ରାଣୀଙ୍କୁ ରକ୍ଷା କରିଥିଲେ !

ହାଡ଼ିପା ପୁଣି କହିଲେ-ବତ୍ସ ଗୋବିନ୍ଦ, ଭକ୍ତ ଓ ଭଗବାନଙ୍କ ମଧ୍ୟରେ ଯେତେ ନିବିଡ଼ ସଂପର୍କ ଗଢ଼ିଉଠେ ତାହା କେବଳ ତ୍ୟାଗ ଉପରେ ପ୍ରତିଷ୍ଠିତ। ଯେଉଁ ଶିବ ବିଷ୍ଣୁଙ୍କ ପ୍ରୀତର୍ଥେ ଏତେ ବଡ଼ ତ୍ୟାଗ କଲେ ପ୍ରଭୁ ନାରାୟଣ ତାଙ୍କୁ ନିଜର ସବୁ ବିଭୂତି ଅର୍ପଣ କଲେ। ସେଇ ଦିବସରୁ ଶିବ ଜୀବ ସହିତ ଜଡ଼ିତ ହୋଇ ବିଷ୍ଣୁଙ୍କ କର୍ମ କରି ଆସୁଛନ୍ତି। ଏଠାରେ ବିରାଜିତ ଶିବଙ୍କ ସ୍ଥାପନ ବିଷୟରେ କଥିତ ଅଛି ଯେ ପ୍ରାଚୀନ କାଳରେ ଏଇ କାଶୀନଗ୍ରର କାଶୀନାଥ ନାମରେ ଜଣେ ରାଜା ଥିଲେ। ସେ ଶିବଙ୍କର ପରମଭକ୍ତ ଥିଲେ। ସେ ପ୍ରତିଦିନ ପ୍ରାତଃରୁ ଶଯ୍ୟାତ୍ୟାଗ କରି ଗଙ୍ଗାରେ ସ୍ନାନ କରୁଥିଲେ। ବିଶ୍ୱନାଥଙ୍କୁ ବେଲପତ୍ର ଓ ଜଳଦାନ କରି ସାଷ୍ଟାଙ୍ଗେ ପ୍ରଣିପାତ କରୁଥିଲେ। ବିଶ୍ୱନାଥ ସନ୍ତୋଷ ହୋଇ ସ୍ୱପ୍ନରେ ଆସି କହିଲେ-ରାଜା କାଶୀନାଥ, ତୁମ ଭକ୍ତିରେ ବିଭୋର ହୋଇ ତୁମକୁ ମୋର ବନ୍ଧୁ ଭାବରେ ଗ୍ରହଣ କଲି। ତୁମ୍ଭ ରାଜ୍ୟରେ ଆମ୍ଭ ପ୍ରତି ଭକ୍ତି ସୁଦୃଢ଼ ହୋଇପାରିଛି। ଏବେ ବିଶ୍ୱନାଥ ନୁହେଁ ତୁମନାମର ଯଶ ପାଇଁ କାଶୀନାଥ ନାମରେ ନାମିତ କର। ପରଦିନ ପ୍ରଭାତରୁ ରାଜା ଏହି ସମ୍ବାଦ ରାଜ୍ୟରେ ଘୋଷଣା କଲେ। ସେଇ ପ୍ରାଚୀନ କାଳରୁ ବିଶ୍ୱନାଥ କାଶୀନାଥ ନାମରେ ଜଗତରେ ବିଦିତ ହୋଇଛନ୍ତି ! ଅତୀତ କାଳର ଆଉଏକ ଘଟଣା ଶ୍ରବଣ କଲେ କାଶୀନାଥଙ୍କ ମହିମା ସଂପର୍କରେ ବୁଝି ପାରିବ। ନିତିଦିନ ଶିବ ଗଙ୍ଗାରେ ପ୍ରାତଃସ୍ନାହାନ ସାରି ବିଷ୍ଣୁଙ୍କୁ ଗଙ୍ଗାଜଳ ଓ ତୁଳସୀ ଅର୍ପଣ କରି ପୂଜାକରିଥନ୍ତି। ଏକଦିନେ ଗଙ୍ଗାମାତା ଓ ଶିବଙ୍କ ମଧ୍ୟରେ ମନୋମାଳିନ୍ୟ ଘଟିଲା। ଗଙ୍ଗାମାତା ଅଭିମାନରେ ଜଳଧାର ବନ୍ଦ କରିଦେଲେ। ନଦୀ ଶୁଖିଲା ଦେଖି ଶିବ ଜାଣିଗଲେ ଗଙ୍ଗା ଜାଣି ଶୁଣି ଜଳଧାର ବନ୍ଦ କରିଛନ୍ତି ! ସେ ତଦ୍ରୂପ ଅଭିମାନ ଦେଖାଇଲେ। ସେ ଗଙ୍ଗାମାତାଙ୍କୁ କିଛି ନ କହି ଶୁଷ୍କନଦୀ ତୀରରେ ତ୍ରିଶୂଳମାଡ଼ କଲେ। ତ୍ରିଶୂଳ ଯେତେ ଗଭୀର ସ୍ପର୍ଶ କଲା ସେତିକି ଗଭୀରର ଏକ କୂପ ସୃଷ୍ଟି ହେଲା। ଶିବ ସେଇ କୂପଜଳରେ ସ୍ନାନ କରି ବିଷ୍ଣୁଙ୍କୁ ପୂଜା କଲେ। ଗଙ୍ଗାମାତା ଶିବଙ୍କ ମହିମା ଅବଗତ ହେବା ପରେ ତାଙ୍କୁ କ୍ଷମାପ୍ରାର୍ଥନା କଲେ। ଶିବ ସେଇ କୂପର ନାମ ଦେଲେ 'ଜ୍ଞାନବାପୀ,ଯେଉଁ କୂପକୁ ତୁମେ ଆଜି ଦର୍ଶନ କରି ପାପମୁକ୍ତ ହୋଇପାରିଛ ! ହରି ଓଁ ତତସତ୍ !

*ଦୂରଭାଷ-୯୬୬୮୬୩୧୨୫୭*

# ପିଲାଙ୍କ ଦୁନିଆ





**ଅଦିତି ଦାସ**
ଷ୍ଟାଣ୍ଡାର୍ଡ-୪
ବିଜେଇଏମ୍ ସ୍କୁଲ -୨, ସତ୍ୟଭାମାପୁର, ଭୁବନେଶ୍ୱର





**ସୋନାଲ ସାହୁ**
ଷ୍ଟାଣ୍ଡାର୍ଡ-୭
କେମ୍ବ୍ରିଜ୍ ସ୍କୁଲ
ଠାକୁର କମ୍ପ୍ଲେକ୍ସ
ମୁମ୍ବାଇ

# ମାଗିବି କି ଅବା ଆଉ



**ଯୋଗେନ୍ଦ୍ର କୁମାର ନାୟକ**

**ଯେ**ତେ ଥିବ ଆକାଶରେ ତାରା
ମେଘ ଭିତରେ ପାଣି
ଜହ୍ନରେ ଜୋଛନା
ବନସ୍ତରେ ଗଛବୃଚ୍ଛ ଅନାବନା
ସେତିକି ତ ଥିବ ତୁମଠାରେ
ଯାହା ମୁଁ ଖୋଜୁଥାଏ ତମାମ ଜୀବନ।

ତୁଷ୍ଟିରେ ଯାହା ଦେଲ
ସେଇ ତ ଜିଇଁବାକୁ ଯଥେଷ୍ଟ
କାଳ କାଳକୁ ସତେ
ମେଣ୍ଟି ଯାଉଥିବା ଶୋଷ।

ଅନିଚ୍ଛାରେ ବି କେବେ କେବେ
ପାତି ଦେଇଛି ଆକୁତିର ହାତ
ଆଞ୍ଜୁଳାଏ ପାଣିକୁ
ଝରି ପଡ଼ିଚି ରାସ୍ତା ଯାକର ମିଛ।

ଲହଡି ଭାଙ୍ଗିବି ବୋଲି
ଯେତେ ଥର ପାତି ଦେଲି ମଥା
ଭାସିଗଲି ଥରକୁ ଥର
ଭବଜଳ ଅତଳ ଗର୍ଭକୁ।

ଗୋଟେଇ ବସିଲି ଯେତେ
ଗଛତଳର ପତର
ପାରିବାକୁ ସୁକୋମଳ ଶେଯ
ସବୁ ପାଲଟି ଗଲେ ପଥର
ନିର୍ଦ୍ଦୟ ସମୟ ଠୁ ବଳି କଠୋର।

ସେ ଜହ୍ନ ତୁମର
ପାଟ ଅଗଣା, ଫୁଲ ଶେଯ
ସବୁତ ତୁମର
ମୁଇଁ ଖାଲି ସିନା ନିମିତ ମାତର।

କଣ୍ଟାବଣରେ ପଶି ଯେବେ ମାଗିଲି ଫୁଲ
ଜହ୍ନସାଥେ ଲୁଚକାଳି ପୋଚିଖେଳ
ମନାହେଲା ତୁମ ଜହ୍ନର ଝଲମଲ ଅଗଣା
କାଳ କାଳକୁ ହେଲି ବାଟବଣା।

ମାୟାର ଜାଲ ଭିତରେ ଛଟପଟ
ମୋ ସଂସାର ଜଞ୍ଜାଳ
ମାଟିର ଘରକରି ବୁଝି ଗଲିଣି
ତୁମ ମିଛର ଧୂଳିଖେଳ।

କେତେ ହସିଲି ମନଖୋଲି
କେତେ ବି କାନ୍ଦିଲି ଛାତି ଫଟାଇ
କେବେ ଦୁଃଖରେ ଫାଟି ଯାଇଛି କୁହ
ମୋ' ଲାଗି ଆଉ କାହାର ଛାତି।

କେତେ ରକତ ନିଗାଡି ଭିଜେଇଛି
ମାଟିର ପାଣ୍ଡୁର ବସ୍ତ୍ର
କେବେ ସୁଝିହେଲା କି କୁହ
ମାଟିର କରଜ
ଓଦାମାଟିର ଶଦ୍ଧ ହେଲେ ମାଜି ଚାଲିଛି
ମଇଳା ମନର ଦରଜ।

ଯେତିକି ଦରକାର ଥିବ ମଣିମା
ତା'ଠାରୁ କି ମାଗିବି ଅଧିକ
ମାଗୁଥିବି ଚାଖଣ୍ଡେକ ଜାଗା
ଘୋଡ଼ିହେଇ ଶୋଇବାକୁ ମାଟିର ଚାଦର
ସାରା କାଳ ଶାନ୍ତିରେ ନିଘୋଡ଼।

*ଅନୁ ଶାସନ ସଚିବ, ହସ୍ତତନ୍ତ ବୟନ ଓ ହସ୍ତଶିଳ୍ପ ବିଭାଗ, ରାଜ୍ୟ ସଚିବାଳୟ, ଭୁବନେଶ୍ୱର-୧*
*ମୋ-୯୪୩୭୩୦୧୫୨୭*

# ଜାଗା ନାହିଁ



**ଈପ୍ସିତା ଷଡଙ୍ଗୀ**

**ଦୀ**ପାବଳିର ଅମା ଅନ୍ଧାରରେ
ତମେ କାହିଁକି ଆସ ?
କି ଦାୟରେ ଆମେ ଡାକୁ ତୁମକୁ ?
ଡାକରେ ଆମର, ସେ ଶ୍ରଦ୍ଧା
ସେ ଷ୍ଟିତି ନାହିଁ;
ତମ ପାଖରେ
ଆମକୁ ବାଟ କଢ଼େଇ ନେବାର
ମୋହଟିଏ ଅଛି କିନ୍ତୁ
ଏ ପର୍ଯ୍ୟନ୍ତ।

ଡଙ୍ଗା, କଦଳୀ ପଟୁକା ଛାଡ଼
ପାନ, ଗୁଆ, ଫୁଲ, ପୂଜା ଛାଡ଼
ଏବେ କାଗଜ ତିଆରି ଡଙ୍ଗାଟେ ବାହିବା ପାଇଁ-
ହରରଙ୍ଗୀ ସ୍ୱପ୍ନ କିଛିର
ବଣିଜ ପାଇଁ-
ପ୍ରସ୍ତୁତି ନାହିଁ।

ଶ୍ରଦ୍ଧା ବଦଳରେ
ମୁଠା ମୁଠା ଟଙ୍କା ଗଣିଦେବୁ; ସମୟ ନାହିଁ।





ଏବେ କାଉଁରିଆ କାଠି ନିଅ
ଦୀପ ଦେଖ
ସବୁ ପ୍ରକାରର ପ୍ରତ୍ୟୟକୁ ପରଖ-
କେବଳ ତମରି ପାଇଁ କିଛି ସାଜ ନାହିଁ
ସବୁ ଖାଲି ଯାହା ଆମରି ବଡ଼ିମା।

ଅନ୍ଧାରରେ ଆସ
କି ଆଲୁଅରେ
ଶ୍ରଦ୍ଧାରେ ଆସ କି ଦାୟରେ
ଏଠି
କୋଉଠି ହେଲେ କୋଉଠି
କାହା ନା କାହା ମନରେ
କାଣିଚାଏ ହେଲେ ବି ଜାଗା ନାହିଁ।।

*(ଅଧ୍ୟାପିକା, ଇଂରାଜୀ ବିଭାଗ)*
*ଗୁହାଳପଡା, ନିମାପଡା, ପୁରୀ*

# ଓଢ଼ଣୀ



**ଆର୍ତ୍ତବନ୍ଧୁ ଦାସ**



**ସୃ**ଷ୍ଟିର ଚାରିଖାନି ଜୀବଙ୍କ ମଧ୍ୟରେ, ମନୁଷ୍ୟ ଜୀବନ, ଇତର ପ୍ରାଣୀଙ୍କଠାରୁ ଅଲଗା-ନିଆରା, ଏଇଥିପାଇଁ ଯେ, ପଞ୍ଚଭୂତ ମଧ୍ୟରୁ ଆକାଶ ତତ୍ତ୍ୱାଧିକ ହେତୁ ବିବେକ ବିଚାର ନେଇ ବଞ୍ଚେ ଯେଉଁଟା କି, ଅନ୍ୟ ପ୍ରାଣୀଙ୍କ ଠାରେ ନଥାଏ ଏବଂ ମଣିଷ ମଧ୍ୟ ଅନୁକରଣ ପ୍ରିୟ। କେଉଁ ଆବହମାନ କାଳରୁ ଭାରତୀୟ ଐତିହ୍ୟ ପରମ୍ପରା, ସଂସ୍କୃତି, ସଣ୍ଢଣା ସଂସ୍କାର ବିଶ୍ୱରେ ସର୍ବାଗ୍ରେ ବିଦ୍ୟମାନ। ଚିରାଚରିତ ରୀତିନୀତି, ଢ଼ଙ୍ଗଢ଼ାଙ୍ଗ, ଚଳଣି ଅତି ଉନ୍ନତ ମହାନ, ଏଣୁ ତ, ଆର୍ଯ୍ୟଭୂମି ନାମରେ ଭାରତ ପରିଚିତ। ବିଚାର ବିବେଚନା ଶୂନ୍ୟ ଅନ୍ୟ ପ୍ରାଣୀଙ୍କଠୁଁ ବହୁ ଉର୍ଦ୍ଧ୍ୱରେ ଏ ମଣିଷ ସମାଜ। ଆଦିମ କାଳରୁ ତ ମନୁଷ୍ୟ ପଶୁଙ୍କ ଭଳି, ଲଙ୍ଗଳା ରହୁଥିଲା। ପରେ ସଭ୍ୟତାର ବିକାଶ ଘଟିବା ସଂଗେ ସଂଗେ ଗଛର ପତ୍ର ବଳକ୍କ ପରିହିତ କରିବା ଶିଖିଲା ଫଳତଃ ଶରୀରକୁ ଆବୃତ୍ତ କରି ପ୍ରାକୃତିକ ଉପାୟରେ ନାନା ପ୍ରକାର ଲାଭାନ୍ୱିତ ହେଲାରୁ କ୍ରମବର୍ଦ୍ଧିଷ୍ଣୁ ଭାବେ ଶରୀରର ହେପାଜତରେ ବସନ ପରିଧାନ ଦ୍ୱାରା ରୋଗବ୍ୟାଧିରୁ ମଧ୍ୟ ତ୍ରାହି ପାଇପାରିଲା, ଏତ ଗଲା ପରୋକ୍ଷ ଲାଭ ମାତ୍ର ସୃଷ୍ଟିକର୍ତ୍ତାଙ୍କ, ସମ୍ବିଧାନ ମୁତାବକ ପ୍ରତ୍ୟକ୍ଷ ଲାଭକୁ ବିଚାରକୁ ନେଲେ ନରନାରୀଙ୍କ ଶରୀର ଗଠନରେ କେତେକ ପୃଥକତା ଅନୁମେୟ ହୁଏ। ଯଦ୍ୱାରା କି ଉଭୟେ ଉଭୟଙ୍କ ପ୍ରତି ଆକର୍ଷଣ ବିକର୍ଷଣର ଉତ୍ପନ୍ନ ହୋଇଥାଏ।

ଅଧୁନା ଦୈନିକ ସମ୍ବାଦ ସରବରାହ ସଂସ୍ଥାମାନେ ନିତ୍ୟନୈମିତ୍ତିକ ଭାବେ ସମାଜରେ ଘଟୁଥିବା ନିଛକ ସତ୍ୟ ଘଟଣାବଳୀକୁ ଏପରି, ବନେଇ ଚୁନେଇ ଅତିରଞ୍ଜିତ ତିଳକୁ ତାଳ କରି ପରିବେଷଣ କରୁଛନ୍ତି, ଏହା ସମସ୍ତଙ୍କୁ ଜଣା। ଦୁଷ୍କର୍ମ ଧର୍ଷଣ ପରି ମର୍ମକାତର ସମ୍ବାଦ କେଉଁଦିନ ଅବା ନ ବାହାରୁଛି ଯେ? ପରାନୁସରଣ କରି, ନିଜେ ନିଜର ଶତ୍ରୁ ହୋଇ ଯାବତୀୟ ଅଘଟଣକୁ ଆମନ୍ତ୍ରଣ କରିବା ଫଳରେ , ପ୍ରଗତି ତ ଦୂରର କଥା ବରଂ ଦିନୁଦିନୁ ସମାଜର ଅଧୋଗତି ହୋଇଚାଲିଛି। ପ୍ରାଣୀ ଜଗତ ସୃଷ୍ଟିରେ ବଂଚିରହିବା ପାଇଁ ସମସ୍ତଙ୍କୁ ପାଇଁ ଅଲଗା ଅଲଗା ପ୍ରାକୃତିକ ନିୟମ ଅଛି, ଯାହାକୁ ପ୍ରତ୍ୟେକ ଇତର ପ୍ରାଣୀ ମାନି ଚଳୁଛନ୍ତି, ମାତ୍ର ଏ ସ୍ୱାର୍ଥାନ୍ଧ ମଣିଷ? କୌଣସି ପ୍ରାକୃତିକ ନିୟମକୁ ଖାତିର ନ କରି, ଚଳିବ ବା' କାହିଁକି? ଯେହେତୁ ଶ୍ରେଷ୍ଠ - ଶ୍ରେଷ୍ଠତା ପ୍ରତିପାଦନ କ୍ଷେତ୍ରରେ, ଅନ୍ଧାନୁସରଣ ପୂର୍ବକ, ଜାଣିକରି କି' ଅଜାଣତରେ? କ'ଣ କ'ଣ ସବୁ ଏ ଅତ୍ୟାଧୁନିକ ଯୁଗରେ ନକରୁଛି ଯେ? ଧନ ସମ୍ପତ୍ତିକୁ ବିଜ୍ଞଜନମାନେ, ଅପରର ଅଗୋଚର ଦୃଷ୍ଟି ଆଢ଼ୁଆଳେ ଲୁଚେଇ ଛପେଇ ରଖିବା ଅପରିହାର୍ଯ୍ୟ।

ନାରୀ ନର ସମାଜର ଶ୍ରେଷ୍ଠ ସମ୍ପତ୍ତି ସଂସାର ଜଞ୍ଜାଳର ମୁଖ୍ୟ କର୍ତ୍ତ୍ରୀ- ଅଥଚ ଏ ନବ ସଭ୍ୟ ଆଧୁନିକ ଯୁଗରେ, ତାକୁ କେହି ବରଂ ହେୟ ନ ମଣୁ - କିନ୍ତୁ ସେ ସ୍ୱାୟତ୍ତରେ କେମିତି ଯେ ନିଜର ଅହିତ ସାଧନ କରୁଛି? ତାକୁ ଜଣା କି ଅଜଣା? ଏ ନିବନ୍ଧର ମୁଖ୍ୟ ଆଲୋଚ୍ୟ ବିଷୟ।

ଶରୀର ଗଠନ ପ୍ରଣାଳୀ ମୁତାବକ -ନାରୀ ପୁରୁଷଠୁଁ ଅତିବ ଆକର୍ଷଣୀୟ ସୁନ୍ଦର ସୁ କୋମଳ ରୂପ ପ୍ରାଚୁର୍ଯ୍ୟରେ ଭରା କମନୀୟ, ଆକର୍ଷଣୀୟ ମନୋମୁଗ୍ଧକର ଚେହେରା କାହିଁ ନା ନାରୀ ଦେହରେ ସେ ପ୍ରକାର ହରମୋନ୍ ଭରପୁର ଦେଇ ସୃଷ୍ଟିକର୍ତ୍ତା ଈଶ୍ୱର ଗଢ଼ିଛନ୍ତି। ଆଉ ମଧ୍ୟ ଯେଉଁ ନାରୀ ଦେହରେ ସେ ପ୍ରକାର ହରମୋନର ଅଭାବ ସେ କେମିତି ଯେ ରକ୍ଷ-ଅସୁନ୍ଦର? ଅନାର୍କଷଣୀୟ? ? ଚେହେରା ସହ ଚର୍ମର କୋମଳତା ମଧ୍ୟ ଗୁଣ ସ୍ୱଭାବକୁ କୋମଳତର କରିଥାଏ ଏବଂ ଭାଷା ଉପରେ ମଧ୍ୟ ପ୍ରଭାବ ପକାଇଥାଏ। ପ୍ରବନ୍ଧର କଳେବର ଦୃଷ୍ଟିରୁ ଆଉ ଅନେକର ଆଲୋଚନା ଥିଲେ ବି ନ କରି ବରଂ ସଂକ୍ଷେପତା ଦୃଷ୍ଟିକୁ ନେଇ ଆଲୋଚ୍ୟ ବସ୍ତୁକୁ ଯିବା ନିତାନ୍ତ ଜରୁରୀ।ଏ କିଛି ନୂଆ କଥା ନୁହେଁ, ଚିରାଚରିତ, ପୁରୁଣା ସମସ୍ତଙ୍କୁ ଜଣା କେହବି , ନୁହଁନ୍ତି ଅଜଣା ଏ-ତ, ଅନୁଭୂତିର ବିଷୟ ବସ୍ତୁ ବର୍ଣ୍ଣନାର କି ଅବା - ପ୍ରୟୋଜନ? ମଣିଷକୁ ଦିବ୍ୟ ଜ୍ଞାନ ଦେଇ ଭଗବାନ ସୃଷ୍ଟି କଲେ - କ'ଣ ଏଥିପାଇଁ ମଣିଷକୁ କେହି ପ୍ରବର୍ତ୍ତାଉନି କି, ନିଷେଧ ବି, କରୁନି, ମାତ୍ର, ଏ ମଣିଷ ସ୍ୱାର୍ଥ ବନ୍ଧା ମର୍କଟ ପରାୟ, ପ୍ରାୟ ଭଲ ଛାଡ଼ି ମନ୍ଦ ପ୍ରତି ଏମିତି ଆକୃଷ୍ଟ? କିଏ ଦେବ ଅବା ବାଟ ବଢ଼େଇ କି' ସଦ୍‌ବୁଦ୍ଧି? ଶ୍ରେଷ୍ଠ ପ୍ରାଣୀ ହିସାବରେ ତ ସ୍ୱାଧୀନ ବିଚାର ସ୍ୱାଧୀନ ବେଭାର। ରୋକ୍ ଲଗାଇବା କିମ୍ବା ପ୍ରତିହତ କରିବା କାହାର ବା ଅଛି କି' ଅଧିକାର?

କେଉଁ ଆବହମାନ କାଳରୁ ଭାରତୀୟ ହିନ୍ଦୁ ପରମ୍ପରା ସଂସ୍କୃତି ଚଳଣିରେ ନାରୀମାନଙ୍କ ଶ୍ରେଷ୍ଠ ଭୂଷଣ ରୂପୀ "ଓଢ଼ଣୀ" ସ୍ଥାନ ପାଇ ଆସିଅଛି। ମାତ୍ର କାହିଁକି କେମିତି ତାର ଅବକ୍ଷୟ ଘଟି ଚାଲିଛି? ଓଢ଼ଣୀ ଅବଗୁଣ୍ଠନର ପଦ ମର୍ଯ୍ୟଦା ଅବର୍ଣ୍ଣୟ। ନାରୀର ନାରୀତ୍ୱ ତାହାରି ଯୋଗୁ ସୁରକ୍ଷିତ କିନ୍ତୁ ହାୟ! ବିଶେଷ କରି ସୁନ୍ଦରୀ ଗୋରୀ ନାରୀମାନେ କି କାରଣେ -ଏଇ ଆତ୍ୟାଧୁନିକ ନବ ସଭ୍ୟ ଯୁଗରେ ଓଢ଼ଣା ଠାରୁ ଦୂରେଇ ରହି ନାରୀ ଦର୍ଶକ ନର ଯୌନ କ୍ଷୁଧାର ବଶବର୍ତ୍ତୀ ନହେଉ, ଏ କଥା କିଏ କେବେ ବିଚାର କରୁଛନ୍ତି ନା? କାମୋଦ୍ଦିପକ ବେଶଭୂଷା ବସନ ପରିଧାନ ଭୂଷଣରୁ ଦୂରେଇ ରହୁଛନ୍ତି? "ଓଢ଼ଣା" ହୀନା ସାଙ୍ଗକୁ ଏବେ ପ୍ରାୟ ସବୁ ନାରୀ ମୁକ୍ତ କେଶୀ ହେବାକୁ ଅଧିକ ପସନ୍ଦ କରୁଛନ୍ତି।

ମୁଣ୍ଡରେ ଓଢ଼ଣା ନ ପଡ଼ିବା ପର୍ଯ୍ୟନ୍ତ ନାରୀ କନ୍ୟାରୂପେ ଥାଏ, ଓଢ଼ଣା ପଡ଼ିଲେ, ସ୍ତ୍ରୀ ପାଲଟି ଥାଏ ଅଥଚ କେତେକ ଉଗ୍ରସ୍ୱରୂପ ନାରୀ ସଦାସର୍ବଦା କୁଆଁରୀ ଜୀବନ ଜିତାଇବାକୁ କ'ଣ ମନେ ମନେ ପସନ୍ଦ କରନ୍ତି କି' କ'ଣ ଯୁଗ କ'ଣ ଆପେ ବଦଳେ ନା' ତାକୁ ଏଇମିତି ସ୍ୱାର୍ଥ ସିଦ୍ଧି ପାଇଁ ଇଚ୍ଛାମତେ ବଦଳାଯାଏ? ଭାରତୀୟ ଐତିହ୍ୟ ପରମ୍ପରା କେତେ ମହାନ୍? ତାର ଅନ୍ତର୍ନିହିତ ଗୁଣାବଳୀକୁ ବିଶ୍ଳେଷଣ କଲେ ସହଜରେ ଅନୁମେୟ ହୁଏ। ସବୁ ଗୁରୁଜନ ସମ୍ମାନୀୟ ହିତେଷ୍ୱୀମାନଙ୍କ ସମ୍ମାନାର୍ଥେ ମୁଣ୍ଡରେ ଓଢ଼ଣା ଦେଇ କଥା ବର୍ତ୍ତା ଚାଲି ଚଳନର ଏକାନ୍ତ ଜରୁରୀ ଥିଲା। ଏଣୁ ଝିଅର ଅଭିଭାବକ ଶ୍ରେଣୀୟ ମହିଳା ମା ମାନେ ଝିଅ ବିଦା ହେବା ପୂର୍ବରୁ ସଂଯମତା, ସମ୍ଭ୍ରନ୍ନତା, ଶିଷ୍ଟତା, ଶାଳୀନତା ଦୃଷ୍ଟିକୋଣରୁ ଏହି ଓଢ଼ଣା ଦେବା ଶିଖାଉଥିଲେ। ଓଢ଼ଣା ନ ଦେଇ, କୌଣସି ସଧବା ନାରୀ 'ଦିଅଁ ପୂଜା ଦରଶନ କଲେ ଫଳ ଓଲଟା ମିଳେ ବୋଲି ବିଶ୍ୱାସ। ଆଜିର ଏ ଅବକ୍ଷୟୀ ଯୁଗରେ ନାରୀମାନେ ତ, ଶାଢ଼ୀ ପିନ୍ଧିବାକୁ ଆଉ ପସନ୍ଦ ନ କରି ବରଂ ଅନ୍ୟ ରାଜ୍ୟର ଅନୁକରଣରେ କେତେ ଫେସନର ପୋଷାକ ପରିଧାନ କଲେଣି - ସେଇ କ'ଣ ଆମ ଓଡ଼ିଆ ଘରର ସଂସ୍କୃତି ପରମ୍ପରା? ଶାଢ଼ୀ ପିନ୍ଧିଲେ ତ, କିଏ ଓଢ଼ଣା ଦେବାକୁ ପଡ଼ିବ। ଓଢ଼ଣା ଦେଲେ ଅପରୂପ ଶୋଭା ସୌନ୍ଦର୍ଯ୍ୟ ମଳିନ ପଡ଼ିଯିବନି ତ? ଯେମିକି ସହରବାସୀ ସ୍କୁଲ୍ ପିଲାଙ୍କୁ ଚାଷ ସମ୍ବନ୍ଧୀୟ ପ୍ରଶ୍ନରେ ଯଦିବା ଶିକ୍ଷକ ଶିକ୍ଷୟିତ୍ରୀ କେବେ ବି, ପ୍ରଶ୍ନ କରନ୍ତି ଯେ ଅମୂକ ଡ଼ାଲି ଜାତୀୟ ଗଛ କିପରି? କି' ତୈଳ ଜାତୀୟ ଅମୃକ ଫସଲରର ଗଛ କିପରି କିମ୍ବା ଶଗଡ଼ର ଏକ ନିର୍ଦ୍ଦିଷ୍ଟ ଭାଗ ଅଂଶ ବିଶେଷର ନାମ କ'ଣ କୁହ... ତେବେ ଉତ୍ତର କ'ଣ ମିଳିବ? ପ୍ରାୟ ତାଦୃଶ ଓଢ଼ଣାର ରୂପରେଖ ବର୍ଣ୍ଣନା.... ଯୌଥ ପରିବାର ତ ସ୍ୱପ୍ନ ଆଉ ମଳାସୁର ଦେଢ଼ଶୁର ଖୁଡୁତାସୁର ଭଉଣୀ ଜ୍ୱାଇଁ ଏ ସବୁ କୁଆଡୁ ଆସିବ ଯେ ?ଦେଶ ପରିସୀମା ଡ଼ିଜିଟାଲ୍ ସୁତ୍ରରେ ଯେମିତି ସଂକୁଚିତ ଠିକ୍ ସେପରି ପରିବାର ସରହଦ ସାଙ୍ଗକୁ ଅବଳାଙ୍କର ବେଶ ପରିପାଟି ମଧ୍ୟ ସଂକୁଚିତ। ଖାଲି ଆମ ଦେଶ କି ରାଜ୍ୟର ଐହିତ୍ୟ ପରମ୍ପରା କହୁନି ଯେ ବରଂ ଆଉ ଅନେକ ରାଜ୍ୟ ଗୋଷ୍ଠୀ ସମ୍ପ୍ରଦାୟର ଧର୍ମାବଲମ୍ବୀମାନଙ୍କର ମଧ୍ୟ ଓଢ଼ଣୀ ପ୍ରତି ଅନୁରାଗ ଥିବାର ପ୍ରମାଣ ଖୋଜିଲେ, ଦୃଷ୍ଟିକୁ ଆସିଯାଏ ମୁସଲମାନ୍ ମା'ଭଉଣୀଙ୍କ ବୁର୍ଖା ପରିଧାନ, ପଞ୍ଜାବ ହରିୟାଣା ରାଜସ୍ଥାନ ଇତ୍ୟାଦି ରାଜ୍ୟ ମା ଭଉଣୀମାନଙ୍କ ପରିଧାନ ବେଶ ପୋଷାକ ସାଙ୍ଗକୁ, ପ୍ରକାର ଭେଦରେ ଓଢ଼ଣାର ପ୍ରଚଳନ ଅସୁନ୍ଦର ସ୍ତ୍ରୀ ଲୋକମାନେ ପ୍ରାୟତଃ ଓଢ଼ଣାକୁ ପସନ୍ଦ କରୁଥିଲା ବେଳେ, ଗୋରୀ ସୁନ୍ଦରୀ ସ୍ତ୍ରୀଲୋକମାନେ ଓଢ଼ଣା ତେଜି ମୁକ୍ତ କେଶୀ କାହିଁକି ପାଲଟୁଛନ୍ତି ?

ଓଢ଼ଣା ନ ଦେଇ ମୁକ୍ତ କେଶୀ ହେଲେ ଘରର ଘରଣୀ ସମସ୍ତ ସଦସ୍ୟଙ୍କ ପୂଜ୍ୟା ବନ୍ଦନୀୟା, କାହିଁକି କି ନା ସେ ପରା ସମସ୍ତଙ୍କୁ ପାଳନ କର୍ତ୍ତ୍ରୀ - ରୁଚିମୁତାବକ ଦାନା ପାଣି ଦେଇଥାନ୍ତି। ଖାଦ୍ୟ ପରିବେଷଣ ସମୟେ ତ ମୁଣ୍ଡରେ ଓଢ଼ଣା ନାହିଁ ପୁଣି ମୁକ୍ତ କେଶୀ ଯଦି ବା ଶିଖା ତଳୁ ଖସି ଖାଦ୍ୟ ସହ ପେଟକୁ ଯାଏ, ତେବେ କ'ଣ ନ ଘଟିବ କହିଲେ.... ? ଏଇଥିପାଇଁ ଆମ ଐହିତ୍ୟ ପରମ୍ପରା କହେ ନୂଆ କରି ପ୍ରଥମେ ନବ ବଧୂ ମୁହଁ ଚୁହାଁଚୁହିଁ ପାଇଁ ଆତ୍ମୀୟ ପଡ଼ୋଶୀମାନେ କିଛିଟା ଦର୍ଶନି ବାବଦରେ ଉପହାର ହେଉ ବା ପ୍ରଶଂସା ବି କିଛି ସମ୍ବନ୍ଧ ପାଉଣା ଦେବାକୁ ପଡୁଥିଲା ମାତ୍ର ଏବେ ଏ ଯୁଗରେ ତ, ଓଢ଼ଣା ନିଶ୍ଚିହ୍ନ ଅତିକ୍ଷୁଦ୍ର ପରିବାର ପୁଣି ଯାହା ଜଣାପଡ଼େ ଇଶାନ ଉଭାନ ଆଉ ବଡ଼ି ସକାଳୁ କିଏ ବା କାହିଁକି ଉଠିବ ଯେ ଦାନ୍ତରେ ଚିରଣ ମୁଣ୍ଡରେ ଓଢ଼ଣା ଦେଇ ପୂଜ୍ୟ ବନ୍ଦନୀୟ ଗୁରୁଜନମାନଙ୍କୁ ଓଳଗି ହେବ? ନା ମା ବୃନ୍ଦାବତୀ ରୂପେ ଚଉରା ତୁଳସୀ ତ କେତେକ ଘରେ ଆଉ ନାହିଁ, ଏଣୁ ସଂଜବତୀ ଜାଳବା ପ୍ରାୟତଃ ପଡୁନି, ଆଉ ରହିଲା ପିଣ୍ଡ ତର୍ପଣ ...ସେଥିରୁ କ'ଣ ମିଳୁଛି କହିଲେ ....ଦିଅଁ ଦେବୀ ଦେବତା ତ, ପ୍ରସନ୍ନ ଆଜିର ଏ ଯୁବ ସମାଜ କାହିଁକି ବା ...କରିବ ଭବିଷ୍ୟ ଆକଳନ? ଯୁବତୀମାନେ ଏବେ ଉତ୍ତରୀୟ ଓଢ଼ଣୀକୁ ଦେଖୁନ କିପରିଭାବେ କଲେଣୀ ପରିଧାନ? ସମ୍ପୂର୍ଣ୍ଣ ରୂପେ ବଦଳିଯାଇଛି ତାର ସ୍ଥାନ। ସ୍ୱଳ୍ପ ବସ୍ତ୍ର ପରିହିତା ସୁବଠୁଁ ଖୁବ୍ ବେଶୀ ମୁଲାୟାମ୍... ନା ଅଛି ଜମିଦାରୀ ..ରାଜୁଡ଼ା ଶାସନ? ନା ଅଛି ପୁରୁଷ ଅକଥନୀୟ ଯୌନ ଉତ୍ପିଡ଼ନ? ଯେତେବେଳେ ଥିଲା ଓଢ଼ଣାର ଖୁବ୍ ପ୍ରଚଳନ। ସେତେବେଳେ ବରଂ ମହିଳାମାନେ ଚିତା କୁଟେଇ ମନଲୋଭା ରୂପକୁ ମଧ୍ୟ କରୁଥିଲେ କୁ-ରୂପେ ବିବର୍ଣ୍ଣ।

ଆଜି ନାରୀମାନଙ୍କ ଠୁଁ ଶୁଭେ - ଯଦି ରହିଲା। ମୁଣ୍ଡେ ଓଢ଼ଣା ଆବରଣ .... ? ଉନ୍ନତ ବକ୍ଷଭାଗ ଯଦି କେ' ନକଲା ଦର୍ଶନ.... କେବେ ଖାଲି ତୁଚ୍ଛା ମିଛ ନାରୀ ସ୍ୱାଧୀନତା ସ୍ଲୋଗାନ? ପୁରା ଶରୀରକୁ ଢ଼ାଙ୍କି ଆବୃତ କରି ରଖିଲେ କ'ଣ? ଅର୍ଜିବା ପୂଣ୍ୟ? ବସନାବୃତା ନାରୀଟିଏ ପାଇଁ ସ୍ୱତଃ ଅନ୍ତରରୁ ସ୍ଫୁରିଉଠେ ଅତିବ ସ୍ନେହ ଶ୍ରଦ୍ଧା ଉକ୍ତି ସମ୍ମାନ ମାତ୍ର। ଉଚ୍ଛୃଙ୍ଖଳ ଲଳନା ଗଣ? ? ଏବେ ମୌଜ ମସ୍ତିରେ ଏମିତି ଉଦ୍‌ବିଗ୍ନ? ପସନ୍ଦ କରନ୍ତି ସ୍ୱଳ୍ପ ବସ୍ତ୍ର ପରିଧାନ ସେଥିରେ କୁଆଡ଼େ ପାଇବା ଏ ଯୁଗରେ "ଓଢ଼ଣା"ର ଚିହ୍ନ?

ଚିନ୍ତି ସର୍ବେ ଚିତ୍ତେ ମହାଭାରତ ଆଖ୍ୟାନ - ପୁନରାବୃତ୍ତି କରନ୍ତୁ
ଶ୍ରେୟ ସେହି ମର୍ଯ୍ୟଦା ପୂର୍ଣ୍ଣ ଐତିହ୍ୟ ସମ୍ପର୍ଣ୍ଣ
"ଓଢ଼ଣା"ର ପୁନଃ ପ୍ରଚଳନ ॥ ଓଢ଼ଣାର ମହନୀୟତା କେତେ ଯେ, ମର୍ଯ୍ୟଦାପୂର୍ଣ୍ଣ ? ମୁଣ୍ଡେ ଦେଇ ସର୍ବେ ମାନସିକତା ଦୃଷ୍ଟି
କୋଣ ନେଇ ସର୍ବେ କରନ୍ତୁ ବଶ୍ଳେଷଣ।

*ବରମୁଣ୍ଡା ହାଉସିଂ ବୋର୍ଡ଼ କଲୋନୀ*
*ଏଚ୍.ଆଇ.ଜି. ସି-୮୬, ଭୁବନେଶ୍ୱର*
*ମୋ : ୯୪୩୭୫୮୦୨୪୩*




# ବିନିକା-ସୋନପୁର ରାସ୍ତାରେ ହାତୀ ଚଲାପଥ ସୂଚନା ଫଳକ କେବେ ?

**ସୋନପୁର :** ସୁବର୍ଣ୍ଣପୁର ଜିଲ୍ଲାର ପ୍ରମୁଖ ବ୍ୟସ୍ତବହୁଳ ବିନିକା-ସୋନପୁର ରାସ୍ତାର ଫୁଲମୁଠୀ ଓ ସେଲେଡି ସମେତ ଅନ୍ୟାନ୍ୟ ରାସ୍ତା ଦେଇ ଗତ କିଛି ବର୍ଷ ହେଲା ମହାନଦୀ ଆରପଟ ଓ ଲଛିପୁର ଅଞ୍ଚଳ ଉଭୟ ପଟରୁ ହାତୀ ପଲ ଯିବା ଆସିବା କରିଥାନ୍ତି । ଏଥିଯୋଗୁ ବ୍ୟସ୍ତବହୁଳ ରାସ୍ତାର ପ୍ରକାଶ୍ୟ ସ୍ଥାନ ଗୁଡ଼ିକରେ ଧାନ ଫସଲ ଅମଳକ୍ଷମ ହେବା ପୂର୍ବରୁ ହାତୀ ଚଲାପଥ ସୂଚନା ଫଳକ ଲଗାଯିବାକୁ ଦାବି ହେଉଛି । ବିଭିନ୍ନ ସମୟରେ ହାତୀ ପଲ ବିନିକା ଅଞ୍ଚଳ ଦେଇ ଯାତାୟତ କରୁଥିବାରୁ ଧାନ ଓ ପନିରିବା ଫସଲ କ୍ଷତି ଘଟୁଥିବା ବେଳେ ଏମାନଙ୍କ ହାବୁଡ଼ରେ ହଠାତ୍ ଯିଏ ପଡି ଯାଉଛି ତା'ର ପ୍ରାଣ ମଧ ଚାଲି ଯାଉଛି । ଦୀର୍ଘ ୧୦ ବର୍ଷରୁ ଊର୍ଦ୍ଧ୍ୱ ହେଲା ଧାନ ଅମଳ ସମୟରେ ହାତୀ ପଲଙ୍କ ଚଳ ପ୍ରଚଳ ବିନିକା ଅଞ୍ଚଳ ଦେଇ ବିଭିନ୍ନ ସ୍ଥାନକୁ ଯାତାୟତ କରୁଥିବା ନଜିର ରହିଛି । ଏପରି ସ୍ଥିତିରେ ବିନିକା-ସୋନପୁର ରାସ୍ତାର ଫୁଲମୁଠୀ ଓ ସେଲେଡି ମୌଜା ସମେତ ଅନ୍ୟାନ୍ୟ ସ୍ଥାନରେ ହାତୀ ପଲ ରାସ୍ତା ପାର ହେଉଥିବା ସ୍ଥାନ ମାନଙ୍କରେ ଯଥାଶୀଘ୍ର ଜନ ସୂଚନା ଉଦ୍ଦେଶ୍ୟରେ ବନ ବିଭାଗ ପକ୍ଷରୁ ସୂଚନା ଫଳକ ଦିଆଯିବା ନିହାତି ଆବଶ୍ୟକ ରହିଛି । ଗତ ୨ବର୍ଷ ତଳେ ଧାନ ଅମଳ ସମୟରେ ମହାନଦୀ ପାର ହୋଇ ସେଲେଡି ମୌଜାକୁ ପ୍ରାୟ ୧୭ଟି ହାତୀ ଉଲୁଣ୍ଡା ଅଞ୍ଚଳରୁ ଆସି ବିନିକା ଅଞ୍ଚଳରେ ଉପସ୍ଥିତି ଜାହିର କରିଥିବା ବେଳେ ବ୍ୟାପକ କ୍ଷୟକ୍ଷତି ଘଟାଇଥିଲେ । ସେହିପରି ଗତ ବର୍ଷ ନଭେମ୍ବର ୨୬ତାରିଖ ବିଳମ୍ବିତ ରାତିରେ ମହାନଦୀ ଆରପଟରୁ ୧୯ଟି ହାତୀ ବିନିକା-ସୋନପୁର ରାସ୍ତା ପାର ହୋଇ ଫୁଲମୁଠୀ ମୌଜାକୁ ଚାଲି ଆସିବାରୁ ଜଣେ ଯୁବକଙ୍କୁ ଗାଁ ମୁଣ୍ଡ ସବ୍‌ଷ୍ଟେସନ ନିକଟରେ କଚାଡ଼ି ମାରି ଦେଇଥିବା ବେଳେ ଉର୍ଲ୍ଲେ-କଏରାପାଲି, ଫୁଲମୁଠୀ ମୌଜାର ବ୍ୟାପକ ଚାଷ ଜମିରେ ଫସଲ ନଷ୍ଟ କରି ଚାଲି ଯାଇଥିଲେ । ପ୍ରତିବର୍ଷ ଉଲୁଣ୍ଡା ଅଞ୍ଚଳରୁ ହାତୀ ପଲ ମହାନଦୀ ପାର ହୋଇ ବିନିକା ଅଞ୍ଚଳକୁ ଧାନ ଅମଳ ସମୟରେ ହଠାତ୍ ଉପସ୍ଥିତି ଜାହିର କରୁଥିବା ଯୋଗୁ ବ୍ୟାପକ କ୍ଷୟକ୍ଷତି ଘଟିଯାଉଥିବା ସହିତ ବିଭିନ୍ନ ସମୟରେ ଲୋକଙ୍କ ପ୍ରାଣହାନୀ ଘଟୁଛି । ଏଥିଯୋଗୁ ବିନିକା-ସୋନପୁର ରାସ୍ତାର ଫୁଲମୁଠୀ-ସେଲେଡି ମୌଜା ସମେତ ଅନ୍ୟାନ୍ୟ ସ୍ଥାନଗୁଡ଼ିକରେ ହାତୀ ଚଲାପଥ ସୂଚନାଫଳକ ଲଗାଯିବାକୁ ଦାବି ହେଉଛି । ଗତ ବର୍ଷ ସୁବର୍ଣ୍ଣର ଜିଲା ବନ ଅଧିକାରୀ ଏସବୁ ଜାଗାରେ ତଦନ୍ତ କରି ଯଥାଶୀଘ୍ର ହାତୀ ଚଲାପଥ ସୂଚନାଫଳକ ଲଗାଯିବ ବୋଲି କହିଥିଲେ ମଧ ଅଦ୍ୟାବଧି ତାହା ପୂରଣ ହୋଇପାରି ନାହିଁ । ସୁବର୍ଣ୍ଣପୁର ଡିଏଫଓଙ୍କ ଏହି ଦୃଢ଼ୋକ୍ତି ପାଣିରେ ଗାର ସଦୃଶ ହୋଇଛି । ବର୍ତ୍ତମାନ ପ୍ରାୟ ୯୦ ପ୍ରତିଶତ ବିନିକା ଅଞ୍ଚଳର ଧାନ ଫସଲ ପରିକ୍ୱ ଅବସ୍ଥାକୁ ଆସୁଥିବା ବେଳେ ହାତୀ ଉପଦ୍ରବ ଦେଖା ଦେଉଥିବା ଗ୍ରାମାଞ୍ଚଳରେ ବିଗତ ବର୍ଷ ମାନଙ୍କ ଭଳି ଏବେ ଠାରୁ ଭୟର ବାତାବରଣ ସୃଷ୍ଟି ହେଉଛି । ତେଣୁ ଜନସୂଚନା ଉଦ୍ଦେଶ୍ୟରେ ବନ ବିଭାଗ ପକ୍ଷରୁ ଯଥାଶିଘ୍ର ବିନିକା-ସୋନପୁର ରାସ୍ତାରେ ପାର ହେଉଥିବା ସ୍ଥାନ ଗୁଡ଼ିକରେ ହାତୀ ଚଲାପଥ ସୂଚନାଫଳକ ଦିଆଯିବାକୁ ଅଞ୍ଚଳବାସୀଙ୍କ ତରଫରୁ ଦାବି ହେଉଛି । ଏ ସମ୍ପକଯଙ୍କର ସୁବର୍ଣ୍ଣର ଜିଲା ବନଖଣ୍ଡ ଅଧିକାରୀଙ୍କୁ ମୋବାଇଲ ମାଧ୍ୟମରେ ଯୋଗାଯୋଗ କରିଥିଲେ ମଧ ଫୋନ ସୁଇଚ୍ ଅପ୍ ଥିବାରୁ ତାଙ୍କ ପ୍ରତିକ୍ରିୟା ହସ୍ତଗତ ହୋଇପାରି ନାହିଁ ।

# ମାମଲା ଗଡୁଛି, ବେଫିଙ୍କର ତହସିଲଦାର

**ଭବାନୀପାଟଣା, (ଅନୀଲ ପଟ୍ଟନାୟକ) :** ଗତ ଦିପାବଳୀ ଅବସରରେ କଳାହାଣ୍ଡି ତହସିଲଦାର କର୍ମଚାରୀ ମାନଙ୍କୁ ରାତି ଓ ଦିନ କାର୍ଯ୍ୟରେ ଖଟାଇ ଦରମା ପ୍ରଦାନ ନ କରିବାରୁ ସମସ୍ତ କର୍ମଚାରୀ ଏବର୍ଷ ଦୀପାବଳୀ ଉତ୍ସବ ପାଳନ କରିପାରିଲେ ନାହିଁ । ଏହା ଠାରୁ ଅଧିକ ପୁରସ୍କାର ରାତି ଦିନ କାର୍ଯ୍ୟ କରିବାର ପାଉଣା ବୋଧ ହୁଏ ଓଡିଶାର କୌଣସି ଅଫିସରେ ଅଫିସର ମାନେ କର୍ମଚାରୀ ମାନଙ୍କୁ ଦେଇନଥିବେ ଏଭଳି ମନମୁଖୀ କାର୍ଯ୍ୟ ଗତ ଦୁଇ ମାସ ଧରି କଳାହାଣ୍ଡି ଜିଲ୍ଲା ପ୍ରାୟ ସମସ୍ତ ଅଫିସରେ ଚାଲୁଅଛି । ଏହାପ୍ରତି ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିବା ଆବଶ୍ୟକ । ଉକ୍ତ ତହସିଲ ରେ ୨୦୧୭ ମସିହା ଅକ୍ଟୋବର ମାସରୁ ମାଗିଥିବା ଅବିକଳ ନକଲ (ଦାଖଲ ଖାରଜ ଓ କନଭରସନ୍) ର ଅଦ୍ୟବଧି ଲୋକଙ୍କୁ ଦିଆଯାଇପାରି ନାହିଁ । ଦ୍ୱିତୀୟ ଅପିଲ ସବ କଲେକ୍ଟରଙ୍କୁ ଦିଆଯାଇ ମଧ ଉତ୍ତର ମିଳିନାହିଁ । ତହସିଲଦାର କଳାହାଣ୍ଡି ୨୯.୦୧.୨୦୧୮ ରିଖ ଦିନ ଟ୍ରାକ୍ଟର ନଂ.OR-୦୮B-୪୧୫୬,OR-୦୮C-୨୪୧୫ଙ୍କ ଠାରୁ ସୁଭେନ୍ଦୁ ନାଏକ ଚୋରାବାଲି ଚାଲାଣ କରୁଥିବା ସମୟରେ ଧରି ୨୦,୦୦୦ ଟଙ୍କା ଜୋରିମାନା ବାବଦରୁ ୬,୦୦୦ ଟଙ୍କା ନଗଦ ଆଦାୟ କରି ବଳକା ୧୪,୦୦୦ ଟଙ୍କା ୩୧.୦୧.୨୦୧୮ ରିଖ ଦେବା ପାଇଁ ସ୍ଥିର କରି ଧଳା କାଗଜରେ ଡ୍ରାଇଭର ବା ମାଲିକର ଦସ୍ତଖତ କରାଇ ତହସିଲ ନାଜିରଙ୍କୁ ଦେଇଥିଲେ । ସେଦିନ ଆଉ ଦୁଇଟି ଗାଡିର ନଂ.OR-୦୮B-୪୬୮୭, OR-୦୮E-୭୩୬୬, ଧରି ଅନୁରୂପ ଦଣ୍ଡ ବିଧାନ କଲେ ଆଦାୟ କରାଯାଇଥିବା ୩୪,୦୦୦ ଟଙ୍କା ମଧୁସୂଦନ ମାଝୀ ଡ୍ରାଇଭର ତହସିଲଦାରଙ୍କୁ ଦେବା ପାଇଁ



ନିଜେ ତହସିଲଦାର ନାଜିରକୁ କହିଥିଲେ । ନାଜିର ସେ ପଇସା ମଧୁସୂଦନ ମାଝୀଙ୍କ ଠାରୁ ଦସ୍ତଖତ ରଖି ପ୍ରଦାନ କରିଥିଲେ । କିନ୍ତୁ ପ୍ରଶ୍ନ ଅଦ୍ୟାବଧି ସେ ଉକ୍ତ ଆଦାୟ କରାଯାଇଥିବା ରାଜସ୍ୱ କୋଡ ବାବଦକୁ ରଖାଗଲା ଜଣାପଡୁନାହିଁ । ଯାହା ଉପରେ ଏକ ଦରଖାସ୍ତ କଳାହାଣ୍ଡି ଜିଲ୍ଲାପାଳଙ୍କୁ ଡାକ ଯୋଗେ ଦିଆଯାଇଥିଲା । କିନ୍ତୁ ଅଦ୍ୟାବଧି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ । ଏହି ତହସିଲରେ ଦୀର୍ଘ ବର୍ଷ ଧରି ଦାଖଲ ଖାରଜ ଓ କନଭରସନ ମାମଲା ପଡିରହିଥିଲା ବେଳେ ଏବେ ତହସିଲଦାରଙ୍କୁ ପଚାରିଲେ କହନ୍ତି, ସରକାର ଏହି ତହସିଲର ସର୍ଭରକୁ ବେକଲକ୍ କରିଛନ୍ତି । ଯାହା ଫଳରେ ପଡିରହିଥିବା କେସ୍ ଗୁଡିକର ଚିଠା ପ୍ରସ୍ତୁତ କରି ଜିଲ୍ଲାପାଳଙ୍କୁ ଦେଇ ସରକାରଙ୍କୁ ଅନୁରୋଧ କରିବା ପାଇଁ କର୍ମଚାରୀଙ୍କୁ ଦିନରାତି ତିଆରି କରିବା ପାଇଁ ଖଟାଉଛନ୍ତି । ଯାହା ଜଣାପଡେ କଳାହାଣ୍ଡିର ପ୍ରଜାମାନେ ନିଶ୍ଚିତ ଭାବରେ ଆଉ ନୂତନ ଆବେଦନ ବା ପୁରାତନ ମକଦ୍ଦମାକୁ କାର୍ଯ୍ୟକାରୀ କରାଇ ପାରିବେ ନାହିଁ ।

# ଚୋରା ବାଲି ଚାଲାଣକୁ ସହଯୋଗ କରୁଛି ପ୍ରଶାସନ !

**ଭବାନୀପାଟଣା :** ମୁଖ୍ୟମନ୍ତ୍ରୀ ସଡକ ଯୋଜନାରେ ବାଟ ମାରଣା ଆର୍‌ଡି ଡିପାର୍ଟମେଣ୍ଟରେ ବହୁବର୍ଷଧରି ଏଇ, ଜେଇମାନେ ରହି ସରକାରଙ୍କଠାରୁ ପଡିଆ ପଟ୍ଟା ହାସଲ କରି ସାରିଲେଣି ଦୁଷ୍ମନ୍ତଙ୍କ ଗଡରେ ବିଜେଡି ମିଶ୍ରଣ ପଛରେ ଯାଇ ସଦର ବିଧାୟକଙ୍କ ଘରେ ସମର୍ଥକ ମାନେ, ନଦୀନାଲି ଘୋଟାଲା, ଲିଜଧାରି ମାନେ ପ୍ରଶାସନର ଅର୍ଶୀବାଦରେ ବେଶ କମେଇ କରି ପ୍ରଶାସନକୁ ମାଲାମାଲ କରୁଛନ୍ତି ରାଜସ୍ୱ ପକେଟସ୍ଥରେ ପରିଣତ ହେଲାଣି କେସିଙ୍ଗା ଆରଆଇ ତହସିଲଦାର ନଦୀ ଭିତରେ ପ୍ରୋକଲିନ ଲଗାଇ ବାଲି ଚାଲାଣରେ ସହାଯ୍ୟ କରୁଛନ୍ତି । ଜୁନାଗଡ, ଭବାନୀପାଟଣା ଓ ଜୟପାଟଣା ତହସିଲଦାରଙ୍କ କଥା ନ ଲେଖିଲେ ମଧ ପାଠକମାନେ ନିଶ୍ଚୟ ଜାଣିପାରିବେ । ତିଆରି ହେଇଥିବା କାର୍ଯ୍ୟ ସାତାଦିନ ପରେ ଗୁଡିକ ଫାଟି ଆଁକରିଛି । ତୁର୍କେଲ ନଦୀ ଲିଜଧାରୀ ଜୟସ୍ୱାଲ ପ୍ରଚୁର ପଇସାରେ ଜିଲ୍ଲପାଳ ଓ ତହସିଲଦାରଙ୍କୁ ପୋତି ପକାଇ ଥିବାରୁ ସାମ୍ବାଦିକ ମାନେ ଭିତର ରହସ୍ୟର ଟେର ପାଉନାହାନ୍ତି । ଅନେକ ତଥ୍ୟ ପଦାକୁ ଆଣିଲାପରେ ପ୍ରଶାସନର ନିଦ ଭାଙ୍ଗୁନାହିଁ । ଅଫିସର କାର୍ଯ୍ୟଗୁଡିକୁ ମଧ ଅଣଦେଖା କରୁଛନ୍ତି । ସେ ଯାହାହେଉ ପୋଲିସର ଭୂମିକା ଜିଲ୍ଲାର ହଜାର ହଜାର ଗାଈ, ଛେଳି ଓ କୁକୁର ମାନେ ଟ୍ରାଫିକ କଣ୍ଟ୍ରୋଲରେ ଅନେକ ସାହାଯ୍ୟ କରୁଛନ୍ତି । କଳାହାଣ୍ଡି ବ୍ଲକ ମାନଙ୍କରେ କଥା ନଲେଖିଲେ ଭଲହେବ । ମାଇନର ଇରିଗେସନ ଡିଭିଜନର କାର୍ଯ୍ୟ ପେପର ଭିତରେ ରହିଥିଲେ ମଧ କାହାର ନଜରକୁ ଆସୁନାହିଁ । ଏଠାରେ ଜନସାଧାରଣ ରାଜା ଶାସନକୁ ଏବେ ବହୁତ ମନେପକାଇ ଝୁରି ହେଉଛନ୍ତି । ସତେ ଯେମିତି ପୁରୁଣା ରାଜା ଆଉଥରେ ନୂଆକରି ଏହି ଜିଲ୍ଲାକୁ ଶାସନ କରନ୍ତେ । ନଚେତ୍ କୌଣସି ଇଂରେଜ ଶାସକ ବର୍ତ୍ତମାନର ପ୍ରଶାସନକୁ ପରାସ୍ତ କରି ଏହି ଅଞ୍ଚଳର ଦାୟିତ୍ୱ ନେଲେ ଲୋକେ ଖୁସିରେ ରହନ୍ତେ ବୋଲି ଭାବୁଛନ୍ତି । ଏହାର କାରଣ ନିଜର ଭିଟାମାଟିର ପଟ୍ଟାଖଣ୍ଡେ ପାଇଁ ତହସିଲ ଅଫିସକୁ ଧାଇଁଧାଇଁ ଲାଞ୍ଚଦେଇ ମଧ ଦୀର୍ଘ ୩୦ ବର୍ଷ ଭିତରେ ଏହା ସେମାନଙ୍କୁ ମିଳିପାରିନାହିଁ । ଅଫିସର ମାନଙ୍କୁ ବିଭିନ୍ନ କାର୍ଯ୍ୟ ବିଷୟରେ ପଚାରିଲେ ସେମାନେ ଫାଇଲ୍ ମିଳୁନଥିବା କଥା କହୁଛନ୍ତି । କିମ୍ବା ପୂର୍ବରୁ ଦାୟିତ୍ୱରେ ଥିବା ବାବୁ କାହାକୁ ଚାର୍ଜ ଲିଷ୍ଟରେ ସେ ଫାଇଲ ଦେଇନାହାନ୍ତି ବୋଲି କୁହନ୍ତି । ଆରଟିଓଙ୍କୁ ଏହି ଜିଲ୍ଲାର ଗାଡି ମାଲିକ ବା ଚାଳକ ଲାଇସେନ୍ସ ପଞ୍ଜିକରଣ ପାଇଁ ରିନ୍ୟୁଆଲ ଫିଜ୍ ଅନ୍‌ଲାଇନରେ ଡିପୋଜିଟ କରିଥିଲେ ମଧ ସେମାନଙ୍କୁ ନୂତନ ଲାଇସେନ୍ସ ମିଳିବାରେ ବହୁ ବିଳମ୍ବ ହେଉଚି । ଇତିମଧ୍ୟରେ ନୂତନ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକ ନିଜ ପଦଭାର ଗ୍ରହଣ କରିସାରିଲେଣି । ତେବେ ସେମାନେ ଏହି ସମସ୍ୟା ଗୁଡିକୁ କେତେ ଗୁରୁତ୍ୱ ଦେଉଛନ୍ତି ତାହାକୁ ଅପେକ୍ଷା କରାଯାଇଛି ।

# ଓଡ଼ିଶା ପାଇଁ ବର୍ଷକୁ ଆବଶ୍ୟକ ୬.୭୦ ଲକ୍ଷ ଟନ୍ ଲୁଣ

**ଭୁବନେଶ୍ୱର :** ଓଡ଼ିଶା ପାଇଁ ବାର୍ଷିକ ୬ଲକ୍ଷ ୭୦ ହଜାର ମେଟ୍ରିକ୍ ଟନ୍ ଲୁଣ ଆବଶ୍ୟକ ଥିବା ବେଳେ ଗତବର୍ଷ ରାଜ୍ୟରେ ଉତ୍ପାଦିତ ହୋଇଛି ମାତ୍ର ୧୫୦ ମେଟ୍ରିକ୍ ଟନ୍ ଲୁଣ । ବିଧାୟକ ଦିଲିପ ରାୟଙ୍କ ଏକ ପ୍ରଶ୍ନର ଉତରରେ ବିଧାନସଭାରେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ଦେଇଥିବା ତଥ୍ୟରୁ ଏହା ଜଣାପଡ଼ିଛି । ଓଡ଼ିଶା ପାଇଁ ବାର୍ଷିକ ଆବଶ୍ୟକ ପଡୁଥିବା ୬.୭୦ ଲକ୍ଷ ଟନ୍ ଲୁଣ ମଧ୍ୟରୁ ଖାଇବା ପାଇଁ ୨.୨୦ ଲକ୍ଷ ଟନ୍ ବ୍ୟବହାର କରାଯାଉଥିବା ବେଳେ ଶିଳ୍ପ ସଂସ୍ଥା ପାଇଁ ସାଢ଼େ ୪ ଲକ୍ଷ ଟନ୍ ଲୁଣ ଆବଶ୍ୟକ ଥିବା ସରକାର କହିଛନ୍ତି । ରାଜ୍ୟରେ ୨୦୧୦-୧୧ ବର୍ଷରେ ୨୬୫୮ ମେଟ୍ରିକ୍ ଟନ୍ ଲୁଣ ଉତ୍ପାଦିତ ହୋଇଥିବା ବେଳେ ୨୦୧୬-୧୭ ବେଳକୁ ଏହାର ପରିମାଣ ଥିଲା ୧୯୭୫ ମେଟ୍ରିକ୍ ଟନ୍ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ପୁରୀରୁ ଲଢ଼ିବେ ...

ମଣ୍ଡଳୀରୁ ସେ ଜିତିଥିଲେ । ପରେ ଗୁଜରାଟ ଆସନରୁ ଇସ୍ତଫା ଦେଇ କେବଳ ବାରାଣସୀ ସଂସଦୀୟ କ୍ଷେତ୍ରରୁ ପ୍ରତିନିଧିତ୍ୱ କରୁଛନ୍ତି । ରାଜ୍ୟ ବିଜେପି ସଭାପତି ବସନ୍ତ ପଣ୍ଡା ଓ ପ୍ରଭାରୀ ଅରୁଣ ସିଂହ ଏ ନେଇ କେତେ ଥର ସଂକେତ ଦେଇଥିଲେ ମଧ ସେ ନେଇ କିଛି ଚୂଡ଼ାନ୍ତ ହୋଇନାହିଁ ବୋଲି ପୂର୍ବରୁ କହିଥିଲେ ଅମିତ ଶାହ । ଭାରତୀୟ ଜନତା ପାର୍ଟିର ମୋଦି-ଶାହା ଯୋଡ଼ି ସବୁବେଳେ ପଶ୍ଚିମ ବଙ୍ଗ ଓ ଓଡ଼ିଶାରେ ବିଜେପି ଜିତିବା ପାଇଁ ବିଭିନ୍ନ ଯୋଜନା କରି ଆସୁଛନ୍ତି । ଏହି ଦୁଇ ରାଜ୍ୟରେ ବିଜେପି ସରକାର ନହେଲେ ଦଳର ଭାରତ ବିଜୟ ପୂର୍ଣ୍ଣାଙ୍ଗ ହେବ ନାହିଁ ବୋଲି ମଧ ଅମିତ ଶାହ ଅନେକ ସଭାରେ କହିଛନ୍ତି । ଏ ଦୁଇ ରାଜ୍ୟରେ ବିଜେପି ସରକାର ପ୍ରତିଷ୍ଠା କରିବା ଲକ୍ଷ୍ୟରେ ହିଁ ମୋଦି ସରକାର ପୂର୍ବ ଭାରତ ପାଇଁ ଅନେକ ଯୋଜନା କରିଛନ୍ତି । ପଶ୍ଚିମ ବଙ୍ଗରୁ ନବାଗତ ବାବୁଲ ସୁପ୍ରିୟଙ୍କୁ ଏବଂ ଓଡ଼ିଶାରୁ ଦଳର ଜୁଏଲ ଓରାମଙ୍କ ରୂପରେ ଜଣେ ସାଂସଦ ଜିତିଥିଲେ ବି ତାଙ୍କୁ କ୍ୟାବିନେଟ ପାହ୍ୟା ମନ୍ତ୍ରୀ କରି ମୋଦି ବହୁ ପୂର୍ବରୁ ଏହି ସଂକେତ ଦେଇସାରିଛନ୍ତି । କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଅନ୍ୟ ରାଜ୍ୟରୁ ରାଜ୍ୟସଭାକୁ ଯାଇ କ୍ୟାବିନେଟ ପାହ୍ୟା ବି ପାଇଛନ୍ତି । ଏହି ଦୁଇ କ୍ୟାବିନେଟ ମନ୍ତ୍ରୀ ଓଡ଼ିଶାରେ ଦଳର ବିଜୟ ପାଇଁ ଜୋରସୋର ଲାଗି ପଡ଼ିଛନ୍ତି । ଓଡ଼ିଶାର ୧୪୭ ଆସନରୁ ୧୨୦ ଆସନ ଜିତିବା ପାଇଁ ଶାହ ରାଜ୍ୟରେ ଦଳୀୟ ସଂଗଠନର ବିସ୍ତାର କରିଛନ୍ତି । ପ୍ରଧାନମନ୍ତ୍ରୀ ହେବା ପରେ ମୋଦି ଓ ଶାହ ବହୁବାର ଓଡ଼ିଶା ଗସ୍ତରେ ଆସି ଦଳର ଉଦ୍ଦେଶ୍ୟ ସ୍ପଷ୍ଟ କରିଛନ୍ତି । ଏପରିକି ମୋଦି ପୁରୀ ଆସି ପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବା ସହିତ ଓଡ଼ିଶାରେ ବିଜେପିର କାୟା ବିସ୍ତାର ପାଇଁ ପ୍ରାର୍ଥନା ମଧ କରିଛନ୍ତି । ଶାହ ମଧ ପୁରୀରେ ମହିଳା ମୋର୍ଚ୍ଚାର ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ଆୟୋଜିତ କରାଇ ରାଜ୍ୟବାସୀଙ୍କୁ ପୁରୀରୁ ପ୍ରଧାନମନ୍ତ୍ରୀଙ୍କ ପ୍ରାର୍ଥୀତ୍ୱ ନେଇ ଏକ ପ୍ରକାର ସୂଚନା ଦେଇସାରିଛନ୍ତି । ଯଦିଓ ଦଳ ପକ୍ଷରୁ ଏଭଳି କିଛି ଚୂଡ଼ାନ୍ତ ନିଷ୍ପତ୍ତି ଘୋଷଣା କରାଯାଇନାହିଁ ତଥାପି ଦିଲ୍ଲୀପଙ୍କ ସଙ୍କେତ ଆଲୋଚନାକୁ ପୁଣିଥରେ ଉଷ୍ମ କରିଛି ।

### ଚର୍ଚ୍ଚାରେ ଲେଟର ...

ନବୀନ ପଟ୍ଟନାୟକଙ୍କ ବିଭିନ୍ନ ବିକାଶମୂଳକ କାର୍ଯ୍ୟରେ ସନ୍ତୁଷ୍ଟି ଲାଭକରି ପୂର୍ବତନ ସାନଖେମୁଣ୍ଡି ବ୍ଲକ ଅଧକ୍ଷ ତଥା ଗଞ୍ଜାମ ଜିଲ୍ଲାର ବରିଷ୍ଠ ସିପିଆଇ ନେତା ଶ୍ରୀ ସ୍ୱାଇଁ ସ୍ୱେଚ୍ଛାକୃତ ଭାବେ ଆମ ଦଳରେ ମିଶିବାକୁ ସମ୍ମତି ପ୍ରକାଶ କରିଛନ୍ତି ।" ବିଜେଡି ଦ୍ୱାରା ଆୟୋଜିତ ମିଶ୍ରଣ ପର୍ବରେ ସେ ବିଧିବଦ୍ଧ ଭାବେ ଦଳରେ ଯୋଗ ଦେବା ବିଷୟ ଏହି ଚିଠିରେ ଉଲ୍ଲେଖ କରିଥିଲେ । ଯାହାକୁ ନେଇ ଏବେ ରାଜନୀତି ଜୋର ଧରିଛି । ଅଭିଯୋଗ ଉଠିଛି ଯେ ସରକାରୀ କାର୍ଯ୍ୟ ପାଇଁ ବିଧାନସଭା ରତଫରୁ ବିଧାୟକ ଓ ବିଧାୟିକାମାନଙ୍କୁ ଦିଆଯାଉଥିବା ସରକାରୀ ଲେଟେର ପ୍ୟାଡ୍‌କୁ ବିଧାୟିକା କେମିତି ଦଳୀୟ କାର୍ଯ୍ୟରେ ବ୍ୟବହାର କଲେ ? ଏହି ଘଟଣାକୁ ନେଇ ବିଭିନ୍ନ ଦଳ ପକ୍ଷରୁ ଯେଉଁ ପ୍ରତିକ୍ରିୟା ପ୍ରକାଶ ପାଇଛି ତାହା ଏହିଭଳି । ବିଜେଡିରୁ ବହିଷ୍କୃତ ନେତା ତଥା ପୂର୍ବତନ ମନ୍ତ୍ରୀ ଡାକ୍ତର ଦାମୋଦର ରାଉତ କହିଛନ୍ତି ଯେ, ରାଜ୍ୟର ମୁଖ୍ୟମନ୍ତ୍ରୀ ଯିଏ, ଦଳର ସଭାପତି ମଧ ସିଏ । ଏଠି ସବୁ ସମ୍ବିଧାନ ବିରୋଧି କାର୍ଯ୍ୟ ଚାଲିଛି । ସମ୍ବିଧାନକୁ ଉଲଘଂନ କରି ରାଜ୍ୟରେ ସବୁ କଥା କରାଯାଉଛି । ତେଣୁ ଏଇଟା କି ବିଚିତ୍ର କଥା । ଏଠି ସବୁ ସମ୍ଭବ । ସେହିପରି ପଦ୍ମପୁର ବିଧାୟକ ତଥା ବିଜେପିର ବରିଷ୍ଠ ନେତା ପ୍ରଦୀପ ପୁରୋହିତ କହିଛନ୍ତି, ବିଧାନସଭା ତରଫରୁ ବିଧାୟକ ଓ ବିଧାୟିକାମାନଙ୍କୁ ସରକାରୀ କାର୍ଯ୍ୟରେ ଲଗାଇବା ପାଇଁ ଲେଟେର ପ୍ୟାଡ୍ ଦିଆଯାଏ । ଏହା ସରକାରୀ ସମ୍ପତ୍ତି । ଜଣେ ବିଧାୟକ ଏହାକୁ ଦଳୀୟ କାର୍ଯ୍ୟରେ ବ୍ୟବହାର କରିପାରିବେ ନାହିଁ । ବିଧାୟିକା ନିଜ ପଦବୀ ଆଉ ସରକାରୀ ଜିନିଷର ଦୁରୁପଯୋଗ କରିଛନ୍ତି । ସେ ଚାହିଁଲେ ମୁଖ୍ୟମନ୍ତ୍ରୀଙ୍କୁ ଆଡ୍ରେସ୍ କରି ଚିଠି ଲେଖିପାରି ଥାନ୍ତେ । କିନ୍ତୁ ଦଳର ସଭାପତି ଲେଖି ଭୁଲ କରିଛନ୍ତି । ପିସିସି ମିଡିଆ ସେଲ୍ ଅଧକ୍ଷ ତଥା ବରିଷ୍ଠ ସାମ୍ବାଦିକ ସତ୍ୟପ୍ରକାଶ ନାୟକ ପ୍ରତିକ୍ରିୟା ପ୍ରକାଶ କରି କହିଛନ୍ତି, ନବୀନବାବୁ ଜାଣିବା ଦରକାର ଯେ, ଯେଉଁ ବିଧାୟକମାନଙ୍କୁ ସେ ଟିକଟ ଦେଇ ବିଧାନସଭାକୁ ଆଣୁଛନ୍ତି ସେମାନେ ସେହି ପଦବୀ ପାଇଁ କେତେ ଯୋଗ୍ୟ । ଏଇଟା ଘରକଥା ନୁହଁ, ବିଧାୟିକା ନିଜ ପଦବୀର ମାନ,ମର୍ଯ୍ୟାଦା ଆଉ ଗରିମାକୁ ବୁଝିପାରି ନାହାଁନ୍ତି ।

### କମିଟିକୁ ତଦନ୍ତ ...

ସଦସ୍ୟ ସଚିବ ରହିବେ । ସେହିପରି ରାଜ୍ୟ ସରକାରଙ୍କ ଆଇନ ବିଭାଗ ସଚିବ, ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ, ପୋଲିସ ଆଇଜି, ପୋଲିସ କମିଶନର କମିଟିର ଅନ୍ୟାନ୍ୟ ସଦସ୍ୟ ରହିବାକୁ ହାଇକୋର୍ଟ କହିଛନ୍ତି । ଏହା ବ୍ୟତୀତ ହାଇକୋର୍ଟ ବାର୍ ଆସୋସିଏସନ୍‌ର ସଭାପତି ଓ ସମ୍ପାଦକ ଏହି କମିଟିର ଏକ୍ସ ଅଫିସିଓ ସଦସ୍ୟ ଭାବେ କାର୍ଯ୍ୟ କରିବେ ବୋଲି ହାଇକୋର୍ଟ ସ୍ପଷ୍ଟ କରିଛନ୍ତି । ହାଇକୋର୍ଟ ବାର୍ ଆସୋସିଏସନ୍‌ର କାର୍ଯ୍ୟକାରୀ କମିଟି ସଦସ୍ୟଙ୍କ ଦ୍ୱାରା ଆଇନଜୀବୀଙ୍କ ମଧ୍ୟରୁ ଏହି କମିଟିର ଅନ୍ୟ ତିନି ଜଣ ସଦସ୍ୟଙ୍କୁ ମନୋନୀତ କରାଯିବ । ବିଶେଷ କରି ୩୫ରୁ ୪୦ ବର୍ଷ ଆଇନ ପେଶାରେ ଅଭିଜ୍ଞ ତଥା ବରିଷ୍ଠ ଆଇନଜୀବୀ ମାନ୍ୟତା ମିଳିଥିବା ଅନ୍ୟ ଦୁଇ ଜଣ ଆଇନଜୀବୀ ଏହି କମିଟିର ମଧ୍ୟ ସଦସ୍ୟ ରହିବେ । ତେବେ ଏହି କମିଟିର ସରକାରୀସ୍ତରରେ କାର୍ଯ୍ୟ କରୁନଥିବା ସଦସ୍ୟମାନଙ୍କୁ ପ୍ରତ୍ୟେକ ଦିନର ବୈଠକ ପାଇଁ ଗସ୍ତ ଖର୍ଚ୍ଚ ଓ ଦୈନିକ ଖର୍ଚ୍ଚ ପ୍ରଦାନ କରାଯିବ । ହାଇକୋର୍ଟ ବାର୍ ପକ୍ଷରୁ ପ୍ରଦାନ କରାଯାଇଥିବା ଏହି କମିଟିର ଅନୁମୋଦିତ ପ୍ରସ୍ତାବର ନ୍ୟାୟିକ ତର୍ଜମା କରାଯିବ । ଭବିଷ୍ୟତରେ ଏପରି ଘଟଣାକୁ କିପରି ଏଡ଼ାଇ ଦିଆଯାଇପାରିବ ତାହା କମିଟିର ରିପୋର୍ଟରେ ମଧ୍ୟ ସ୍ପଷ୍ଟ ହେବା ଉଚିତ୍ ବୋଲି ହାଇକୋର୍ଟ ମତ ଦେଇଛନ୍ତି । ପୁନଶ୍ଚ ହାଇକୋର୍ଟ ବାର୍ ଆସୋସିଏସନ୍ ଅଯଥା ଛୋଟ ମୋଟ ଘଟଣାକୁ ନେଇ ଧର୍ମଘଟରେ ସାମିଲ ନ ହେବାକୁ ଅଦାଲତ ବାର୍ ଆସୋସିଏସନ୍‌କୁ ପରାମର୍ଶ ଦେଇଛନ୍ତି । ଏହି ମର୍ମରେ ଜଷ୍ଟିସ୍ ଦାଶ ସର୍ବୋଚ୍ଚ ଅଦାଲତଙ୍କ ହରିଶ୍ ଉପାଲ ବନାମ କେନ୍ଦ୍ର ସରକାର ମାମଲାରେ ଗତ ୨୦୦୩ ମସିହାରେ ଆଇନଜୀବୀଙ୍କର ଧର୍ମଘଟ କରିବାର ଅଧିକାର ନାହିଁ ବୋଲି ମଧ୍ୟ ପ୍ରକାଶିତ ରାୟରେ ସ୍ପଷ୍ଟ କରିଛନ୍ତି । ହାଇକୋର୍ଟ ରାୟରେ ଦର୍ଶାଇଛନ୍ତି ଯେ ଦଳକୁ ନେଇ ହାଇକୋର୍ଟ ବାର୍ ମଧ୍ୟରେ ଭାଗ ଭାଗ ହେବା ବାର୍ ଓ ବେଞ୍ଚ୍ ପାଇଁ ଉତ୍ତମ ଲକ୍ଷଣ ନୁହେଁ । ଭବିଷ୍ୟତରେ ଏଭଳି ଘଟଣାର ପୁନରାବୃତ୍ତି ନ ହେବା ପାଇଁ ଅଦାଲତ ଆଶା ପୋଷଣ କରିଛନ୍ତି । ଆଇନଜୀବୀମାନେ ଦଳୀୟ ଭାବନାର ଊର୍ଦ୍ଧ୍ୱରେ ରହି ହାଇକୋର୍ଟ ବାର୍ ପାଇଁ କାର୍ଯ୍ୟ କରିବାକୁ ଜଷ୍ଟିସ୍ ଦାଶ ପରାମର୍ଶ ଦେଇଛନ୍ତି । ତେବେ ଆଇନଜୀବୀଙ୍କ ସମ୍ମାନ ସର୍ବଦା ସଂରକ୍ଷିତ ହେବା ଉଚିତ୍ ଦର୍ଶାଇ ପୁଲିସର ମନୋବଳ ମଧ୍ୟ ଦବିବା ଅନୁଚିତ୍ ବୋଲି କହିଛନ୍ତି । ଅନ୍ୟପକ୍ଷରେ ଏହି ଘଟଣାରେ ନିଲମ୍ବିତ ପୁଲିସ କର୍ମଚାରୀ ଭୁଲ ମାଗିବା ସହ ହାଇକୋର୍ଟ ବାର୍ ପକ୍ଷରୁ ଦୁଃଖ ପ୍ରକାଶ ପରେ ଦୁଇ ପକ୍ଷଙ୍କ ମଧ୍ୟରେ ଏହି ମାମଲାର ଆପୋଷ ସମାଧାନ ହୋଇଛି । ଏଣୁ ଏହି ଘଟଣାରେ ରୁଜୁ ସମସ୍ତ ମାମଲାକୁ ହାଇକୋର୍ଟ ଖାରଜ କରିଛନ୍ତି । ସେହିପରି ହାଇକୋର୍ଟ ପୁଲିସ କର୍ମଚାରୀଙ୍କ ନିଲମ୍ବନ ଆଦେଶ ପ୍ରତ୍ୟାହାର ପାଇଁ ଅଦାଲତରେ ଆବେଦନ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଆସନ୍ତା ବର୍ଷ ଜାନୁଆରୀ ପ୍ରଥମ ସପ୍ତାହରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ହେବ । ଆବେଦନକାରୀଙ୍କ ପକ୍ଷରୁ ଏହି ମାମଲାକୁ ଆଇନଜୀବୀ ସୌରଚନ୍ଦ୍ର ମହାପାତ୍ର, ଦେବାଶୀଷ ପଣ୍ଡା, ଡି. ମହାପାତ୍ର, ଏସ୍ ମହାନ୍ତି, ଜି ମିଶ୍ର ଏବଂ ରାଜ୍ୟ ସରକାରଙ୍କ ପକ୍ଷରୁ ସୌଭାଗ୍ୟ କେତନ ନାୟକ, ତାପସ କୁମାର ପ୍ରହରାଜ ପରିଚାଳନା କରୁଥିଲେ ।

### ସବୁଦିନିଆ ଫସଲହାନୀ ...

୧ ଲକ୍ଷ ଡାଲି ମିନିକିଟ୍ ଓ ୨୦ ହଜାର ପନିପରିବା ବିହନ କିଟ୍ ଯୋଗାଇ ଦିଆଯିବ । ଚାଷୀଙ୍କୁ ୫୦ ପ୍ରତିଶତ ଓ ସର୍ବାଧିକ ୧୫ ହଜାର ଟଙ୍କା ରିହାତିରେ ୩ ହଜାର ପାଣି ପମ୍ପ ଯୋଗାଇଦେବେ ରାଜ୍ୟ ସରକାର । ସୌର ଜଳନିଧି ଯୋଜନା ମାଧ୍ୟମରେ ୯୦% ଓ ସର୍ବାଧିକ ୫୪ ହଜାର ରିହାତିରେ ଚାଷୀମାନଙ୍କୁ ୧୦୦୦ଟି ସୌରଚାଳିତ ପାଣି ପମ୍ପ ଦିଆଯିବ । ସେହିପରି ୫୦%, ସର୍ବାଧିକ ୩୮ ହଜାର ଟଙ୍କା ରିହାତିରେ ବ୍ୟାଟେରି ଚାଳିତ ସିଞ୍ଚନ ଯନ୍ତ୍ର ଓ ସର୍ବାଧିକ ୬ ହଜାର ଟଙ୍କା ରିହାତିରେ ହସ୍ତ ଚାଳିତ ସିଞ୍ଚନ ଯନ୍ତ୍ର ୩୦୦୦ଟି ପ୍ରଦାନ କରାଯିବ । ମରୁଡ଼ି ଅଞ୍ଚଳରେ ଉନ୍ନତମାନର ଅଧିକ ଅମଳ କ୍ଷମ ବିହନ ଯୋଗାଇ ଦେବା ପାଇଁ କୃଷି ବିଭାଗ ପକ୍ଷରୁ ବ୍ୟବସ୍ଥା କରାଯାଇଛି । ପ୍ରଭାବିତ ଗ୍ରାମର ଉଠାଜଳସେଚନ ପ୍ରକଳ୍ପଗୁଡ଼ିକୁ ବିଦ୍ୟୁତ ବିଭାଗ ତୁରନ୍ତ ବିଦ୍ୟୁତ ସଂଯୋଗ କରିବା ପାଇଁ ପଦକ୍ଷେପ ନେବେ । ରାଜ୍ୟ ସରକାର ୨୦୧୮ ଖରିଫ ଫସଲ ହାନିରେ ଦେଇଥିବା ସ୍ୱଳ୍ପ ଅବଧି ଋଣକୁ ମଧ୍ୟମ ଅବଧି ଋଣରେ ପରିଣତ କରିବାକୁ ନିଷ୍ପତ୍ତି ନେଇଛନ୍ତି । ଏହାର ଅବଧି ନିର୍ଦ୍ଧାରିତ ୨୦୧୯ ସେପ୍ଟେମ୍ବର ୩୦ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯିବ । ୨୦୧୮ ଅକ୍ଟୋବର ମାସରୁ ଆରମ୍ଭ ହୋଇଥିବା ରବି ଫସଲ ପାଇଁ ମରୁଡ଼ି ପ୍ରଭାବିତ ଚାଷୀମାନଙ୍କୁ ନୂତନ ଭାବେ ଫସଲ ଋଣ ଦିଆଯିବ । ଅଧିକରୁ ଅଧିକ ଭାଗଚାଷୀଙ୍କୁ ନେଇ ଜଏଣ୍ଟ ଲାଏବିଲିଟି ଗ୍ରୁପ୍ ଗଠନ କରାଯାଇ ସେମାନଙ୍କୁ ରବି ଋତୁରେ ଋଣ ଦେବାକୁ ବ୍ୟବସ୍ଥା କରାଯିବ । ଏହା ସହ ଧାର୍ଯ୍ୟ ସମୟରେ ଋଣ ପରିଶୋଧ କରିଥିବା ଚାଷୀଙ୍କୁ ୩% ସୁଧ ପ୍ରୋତ୍ସାହନ ରାଶି ପ୍ରଦାନ କରିବାକୁ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ଏହାସହ ପ୍ରାଣୀ ସମ୍ପଦ ଉନ୍ନୟନ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି ରାଜ୍ୟ ସରକାର । କ୍ଷୁଦ୍ର ଓ ନାମ ମାତ୍ର ଚାଷୀଙ୍କୁ ଜୀବନ ଜୀବିକା ସହାୟତା ହିସାବରେ ୨୦ ହଜାର ଟଙ୍କା କୁକୁଡ଼ା ଚାଷ ନିମନ୍ତେ ସହାୟତା ଦିଆଯିବ । ଜିଲ୍ଲାର ଆରକ୍ଷୀ ଅଧୀକ୍ଷକ ଓ ଉପ ଆରକ୍ଷୀ ଅଧୀକ୍ଷକମାନେ ଚାଷୀଙ୍କୁ ଶୋଷଣ କରୁଥିବା ବ୍ୟକ୍ତିଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବାକୁ ବ୍ୟବସ୍ଥା କରାଯାଇଛି । ଏହାକୁ ଉପ ନିର୍ଦ୍ଦେଶକ ସମୀକ୍ଷା କରିବେ ।

### ସିବିଆଇକୁ ...

ଜାରି କରାଯାଇଥିବା ନିର୍ଦ୍ଦେଶରେ କୁହାଯାଇଛି ଯେ, ସିବିଆଇ ଉପରେ ଆଉ ଭରସା ନାହିଁ । ଏହାର ଉଚ୍ଚ ଅଧିକାରୀମାନେ ଦୁର୍ନୀତିରେ ସମ୍ପୃକ୍ତ ଥିବା ଅଭିଯୋଗ ଆସିବା ପରେ ଜେନେରାଲ କନ୍‌ସେଣ୍ଟକୁ ପ୍ରତ୍ୟାହାର କରି ନିଆଯାଇଛି । ପ୍ରମୁଖ ସଚିବ (ଗୃହ) ଏଆର୍ ଅନିରୁଦ୍ଧ ଏହି ନିର୍ଦ୍ଦେଶନାମା ଜାରି କରିଥିଲେ । ଏଥିରେ କୁହାଯାଇଛି, 'ଦିଲ୍ଲୀ ସ୍ୱତନ୍ତ୍ର ପୋଲିସ ପ୍ରତିଷ୍ଠାନ ଆଇନ ୧୯୪୬ର ଧାରା-୬ ଅନୁଯାୟୀ ଯେଉଁ କ୍ଷମତା ଦିଆଯାଇଛି, ସରକାର ସେହି ଜେନେରାଲ କନ୍‌ସେଣ୍ଟକୁ ପ୍ରତ୍ୟାହାର କରିନେଉଛନ୍ତି ।' ଉଲ୍ଲେଖଯୋଗ୍ୟ ଯେ, ଦିଲ୍ଲୀ ସ୍ପେଶାଲ ପୋଲିସ ଏଷ୍ଟାବ୍ଲିସ୍‌ମେଣ୍ଟ ଆକ୍ଟ ଅଧୀନରେ ସିବିଆଇ କାର୍ଯ୍ୟ କରେ । ଅପରପକ୍ଷରେ ସିବିଆଇ ପକ୍ଷରୁ କୁହାଯାଇଛି ଯେ, ସେମାନେ ଏଯାଏ ଆନ୍ଧ୍ରପ୍ରଦେଶରୁ ଏଭଳି କୌଣସି ବିଜ୍ଞପ୍ତି ପାଇ ନାହାନ୍ତି । ମିଳିଥିବା ସୂଚନା ଅନୁଯାୟୀ ଆବଶ୍ୟକ ହେଲେ ସିବିଆଇ ଏହି ପ୍ରସଙ୍ଗରେ ଆଇନର ସହାୟତା ନେବ । ତେବେ ଆନ୍ଧ୍ରପ୍ରଦେଶ ସରକାରଙ୍କ ଦ୍ୱାରା ଜାରି ବିଜ୍ଞପ୍ତିକୁ ବିଶ୍ଳେଷଣ କଲାପରେ ଯାହା କିଛି ନିଷ୍ପତ୍ତି ନିଆଯିବ । ମୁଖ୍ୟମନ୍ତ୍ରୀ ଏନ୍ ଚନ୍ଦ୍ରବାବୁ ନାଇଡୁଙ୍କ ନେତୃତ୍ୱାଧୀନ ଟିଡିପି ସରକାର ଏନ୍‌ଡିଏରୁ ଓହରିଯିବା ପରେ କେନ୍ଦ୍ର ସରକାରଙ୍କ ବିରୋଧୀ ହୋଇପଡ଼ିଛି । ବିଜେପି ବିରୋଧରେ ମେଣ୍ଟ ଗଢ଼ିବାକୁ ନାଇଡୁ ଉଦ୍ୟମ ଜାରି ରଖିଥିଲା ବେଳେ ଏଭଳି ଏକ ନିଷ୍ପତ୍ତି ନେଇଛନ୍ତି । ୨୦୧୯ ସାଧାରଣ ନିର୍ବାଚନ ପୂର୍ବରୁ ଚନ୍ଦ୍ରବାବୁ ନାଇଡୁ ବିରୋଧୀଙ୍କୁ ଏକଜୁଟ୍ କରୁଛନ୍ତି । ବିଜେପି ଓ ୱାଇଏସ୍‌ଆର୍ ତାଙ୍କ ସରକାରକୁ ଅସ୍ଥିର କରିବାକୁ ଷଡ଼ଯନ୍ତ୍ର କରୁଥିବା ନାଇଡୁ ଏହି ପରିପ୍ରେକ୍ଷୀରେ ଅଭିଯୋଗ କରିଛନ୍ତି ।

### ୧୦ ବର୍ଷରେ ...

ଆଘାତପ୍ରାପ୍ତ ହୋଇଥିଲେ । ଏହି ସଂଖ୍ୟା ବଢ଼ି ବଢ଼ି ୨୦୧୭ ବର୍ଷରେ ୧୦୮୫୫ଟି ସଡ଼କ ଦୁର୍ଘଟଣା ଦରଜ ହୋଇଥିବା ବେଳେ ଉକ୍ତ ବର୍ଷରେ ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁ ସଂଖ୍ୟା ଥିଲା ୪୭୯୦ । ଏହି ବର୍ଷ ୫୪୧୨ ଜଣ ଗୁରୁତର ଭାବେ ଆହତ ହୋଇଥିବା ବେଳେ ୫୭୯୨ ଜଣ ସାମାନ୍ୟ ଆହତ ହୋଇଥିଲେ । ୨୦୧୮ ବର୍ଷର ସେପ୍ଟେମ୍ବର ସୁଦ୍ଧା ଓଡ଼ିଶାରେ ୮୨୯୨ଟି ସଡ଼କ ଦୁର୍ଘଟଣା ଦରଜ ହୋଇଥିବା ବେଳେ ୩୮୧୭ ଜଣ ଲୋକ ମରିଥିଲେ ଏବଂ ଉକ୍ତ ବର୍ଷରେ ୮୭୧୮ ଜଣ ଆହତ ହୋଇଥିବା ମନ୍ତ୍ରୀଙ୍କ ପ୍ରଦତ ତଥ୍ୟରେ ଉଲ୍ଲେଖ କରାଯାଇଛି । ମୋଟାମୋଟି ଭାବେ ଓଡ଼ିଶାରେ ୨୦୦୮ରୁ ୨୦୧୮ ସେପ୍ଟେମ୍ବର ପର୍ଯ୍ୟନ୍ତ ୧,୦୪,୭୧୩ଟି ସଡ଼କ ଦୁର୍ଘଟଣାରେ ୪୩,୩୧୨ ଜଣଙ୍କ ମୃତ୍ୟୁ ଘଟିଥିବା ପରିବହନ ମନ୍ତ୍ରୀ ସ୍ୱୀକାର କରିଛନ୍ତି । ପରିବହନ ମନ୍ତ୍ରୀ ପୁଣି ଦର୍ଶାଇଛନ୍ତି ଯେ ୨୦୦୯-୧୦ ବର୍ଷରେ ବିନା ଲାଇସେନ୍ସରେ ଗାଡ଼ିଚାଳନା କରୁଥିବା ବେଳେ ୮୩୪୨ ଜଣ ଧରାପଡ଼ିଥିଲେ ଓ ସେମାନଙ୍କ ଠାରୁ ୪୧ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ଜରିମାନା ଆଦାୟ କରାଯାଇଥିଲା । ଉକ୍ତ ବର୍ଷରେ ବେପରୁଆ ଦ୍ରୁତ ଗାଡ଼ିଚାଳନା ଅଭିଯୋଗ ୨୨୪୮ ଜଣଙ୍କୁ ଧରା ଯାଇଥିଲା ଏବଂ ସେମାନଙ୍କ ଠାରୁ ସାଢ଼େ ୧୫ ଲକ୍ଷ ଟଙ୍କାରୁ ଅଧିକ ଜରିମାନା ଆଦାୟ କରାଯାଇଥିବା ବେଳେ ମୋଟ୍ ୧୦୯୪ଟି ମାମଲା ରୁଜୁ ହୋଇଥିଲା । ତେବେ ୨୦୧୬-୧୭ ବର୍ଷରେ ପରିବହନ ବିଭାଗ କର୍ତ୍ତୃପକ୍ଷ ଯାଂଚ ବେଳେ ୩୧,୩୨୧ଟି ବିନା ଲାଇସେନ୍ସ ଗାଡ଼ିଚାଳନା ଘଟଣା ଧରିବା ସହିତ ୧୭୨ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ଜରିମାନା ଆଦାୟ କରିଥିଲେ । ସେହିପରି ଉକ୍ତ ବର୍ଷରେ ୨୩,୧୮୦ଟି ଦ୍ରୁତ ଓ ବେପରୁଆ ଗାଡ଼ିଚାଳନା ମାମଲା ଧରାଯିବା ସହିତ ୨୩୮ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ଜରିମାନା ଆଦାୟ ହୋଇଥିଲା । ମୋଟାମୋଟି ଭାବେ ଉକ୍ତ ବର୍ଷରେ ଏ ସଂକ୍ରାନ୍ତୀୟ ୭୩୬୬ଟି ମାମଲା ରୁଜୁ ହୋଇଥିଲା । ୨୦୦୯-୧୦ରୁ ୨୦୧୬-୧୭ ମଧ୍ୟରେ ଏଥିଘେନି ୮୨,୭୬୨ଟି ଡ୍ରାଇଭିଂ ଲାଇସେନ୍ସ ସସ୍‌ପେଣ୍ଡ କରାଯାଇଥିବା ସରକାରଙ୍କ ପ୍ରଦତ ତଥ୍ୟରୁ ଜଣାପଡ଼ିଛି । ଏଥିରୁ ବର୍ଷକୁ ବର୍ଷ ରାଜ୍ୟରେ ବିନା ଲାଇସେନ୍ସରେ ଏବଂ ଦ୍ରୁତ ଓ ବେପରୁଆ ଗାଡ଼ିଚାଳନା ଘଟଣା ବୃଦ୍ଧି ପାଇବା ସହିତ ସଡ଼କ ଦୁର୍ଘଟଣା ସଂଖ୍ୟା ବଢ଼ୁଥିବା ସ୍ପଷ୍ଟ ହୋଇଛି । କେବଳ ସେତିକି ନୁହେଁ ବର୍ଷକୁ ବର୍ଷ ସଡ଼କ ଦୁର୍ଘଟଣାଜନିତ ଧନଜୀବନ ହାନୀ ପରିମାଣ ମଧ୍ୟ ବଢ଼ିଥିବା ଏହି ତଥ୍ୟରୁ ବାରି ହୋଇଯାଉଛି ।

### ୫ଲକ୍ଷରୁ ଅଧିକ ...

ନିଯୁକ୍ତି ସୁଯୋଗ ସୃଷ୍ଟି ହେବ । ମେକ୍ ଇନ୍ ଓଡ଼ିଶା ସାରା ବିଶ୍ୱର ଶିଳ୍ପଦ୍ୟୋଗୀଙ୍କ ଦୃଷ୍ଟି ଆକର୍ଷଣ କରିବାରେ ସଫଳ ହୋଇପାରିଛି । ଯୁବ ଉଦ୍ୟୋଗୀମାନଙ୍କୁ ପ୍ରୋତ୍ସାହନ ଦେବାରେ ରାଜ୍ୟ ସରକାର ବିଭିନ୍ନ ଯୋଜନା ପ୍ରଣୟନ କରିଛନ୍ତି । ଓଡ଼ିଶା ଦକ୍ଷ ମାନବ ସମ୍ବଳ ସୃଷ୍ଟି କରିବାରେ ଲଗାତର ଭାବେ କେନ୍ଦ୍ର ସରକାରଙ୍କଠାରୁ ପୁରସ୍କୃତ ହୋଇଆସୁଛି । ମାନବ ସମ୍ବଳ ସୃଷ୍ଟି କ୍ଷେତ୍ରରେ ଓଡ଼ିଶା ସିଙ୍ଗାପୁରସ୍ଥିତ ଆଇଟିଇଏସ୍ କମ୍ପାନୀ ସହ ଚୁକ୍ତି ସ୍ୱାକ୍ଷର କରିଛି । ଓଡ଼ିଶାର ବୈଷୟିକ ଜ୍ଞାନ କୌଶଳର ସହଯୋଗୀ ଭାବରେ ଜାପାନ ସହାୟତା କରିବାକୁ ଆଗେଇ ଆସିଛି । ଓଡ଼ିଶାର ଖଣିଜ ସମ୍ପଦ, ପର୍ଯ୍ୟଟନ, ଖାଦ୍ୟ ପ୍ରକ୍ରିୟାକରଣ, ଅକ୍ଷୟ ଶକ୍ତି, କେମିକାଲ୍, ପେଟ୍ରୋକେମିକାଲ୍ ଓ ଇଲୋକ୍ଟ୍ରୋନିକ୍ସ କ୍ଷେତ୍ରରେ ନିବେଶ ପାଇଁ ପ୍ରସ୍ତାବ ମିଳିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ପରେ ଏକ ସାମ୍ବାଦିକ ସମ୍ମିଳନୀରେ ଶିଳ୍ପମନ୍ତ୍ରୀ ଅନନ୍ତ ଦାସ ଓ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀ ପୁଞ୍ଜି ବିନିଯୋଗ ସଂପର୍କରେ ସୂଚନା ଦେଇଥିଲେ । ସେ କହିଲେ ଯେ ବିଦେଶୀ ପୁଞ୍ଜି ନିବେଶ କ୍ଷେତ୍ରରେ ତାଇୱାନ, ହଲାଣ୍ଡ, ଥାଇଲାଣ୍ଡ ଓ ଜାପାନ ୪୦ ହଜାର ୪୬୦ କୋଟି ଟଙ୍କା ପୁଞ୍ଜି ନିବେଶର ପ୍ରତିଶ୍ରୁତି ଦେଇଛନ୍ତି । ତାଇୱାନ୍ ପେଟ୍ରୋକେମିକାଲ, ହଲାଣ୍ଡ୍ ଲଜିଷ୍ଟିକ୍, ଥାଇଲାଣ୍ଡ ଓ ଜାପାନ ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରରେ ପୁଞ୍ଜିନିବେଶ କରିବେ । ଚଳିତ ମେକ୍ ଇନ୍ ଓଡ଼ିଶା' କନକ୍ଲେଭ୍‌ରେ ହଳଦିଆ ପେଟ୍ରୋକେମିକାଲ୍‌ଠାରୁ ସର୍ବାଧିକ ୭୦ ହଜାର କୋଟି ଟଙ୍କା ପୁଞ୍ଜି ନିବେଶର ପ୍ରସ୍ତାବ ମିଳିଛି । ଏହାପରେ ଜିନ୍ଦଲ ଷ୍ଟିଲ୍ ୬୦ ହଜାର ୯୫୦ କୋଟି ଟଙ୍କା, ଏମ୍‌ସିଏଲ୍ ୫୮ ହଜାର କୋଟି ଟଙ୍କା, ତାଇୱାନ୍ ୪୩ ହଜାର କୋଟି ଟଙ୍କା ଓ ଷ୍ଟିଲ୍ ଅଥରିଟି ଅଫ୍ ଇଣ୍ଡିଆଠାରୁ ୪୧ ହଜାର କୋଟି ଟଙ୍କାର ପୁଞ୍ଜି ନିବେଶର ପ୍ରତିଶ୍ରୁତି ମିଳିଛି । ଖଣିଜ ଓ ଆନୁସଙ୍ଗିକ ଶିଳ୍ପ କ୍ଷେତ୍ରରେ ଆସିଥିବା ୫୩ଟି ପ୍ରସ୍ତାବ ଅନୁଯାୟୀ ୨ ଲକ୍ଷ ୩୭ ହଜାର ୪୩୫ କୋଟି ଟଙ୍କା ବିନିଯୋଗ ହେବ । ସେହିପରି ସାର ଓ ପେଟ୍ରୋକେମିକାଲ୍ ପ୍ରକଳ୍ପ ପାଇଁ ଆସିଥିବା ୩୭ଟି ପ୍ରସ୍ତାବ ଅନୁଯାୟୀ ୧ ଲକ୍ଷ ୩୫ ହଜାର କୋଟି ଟଙ୍କା ବିନିଯୋଗ ପାଇଁ ଶିଳ୍ପପତିମାନେ ରାଜି ହୋଇଛନ୍ତି । ୬ଟି ଶିଳ୍ପ ପାର୍କରେ ୧ ଲକ୍ଷ ୪୧ ହଜାର ୮୦୦ କୋଟି ଟଙ୍କା ବିନିଯୋଗ ପାଇଁ ପ୍ରସ୍ତାବ ଆସିଛି । ରାଜ୍ୟ ସରକାରଙ୍କ ଶିଳ୍ପନୀତି ନିବେଶକଙ୍କ ପାଇଁ ସହାୟକ ହୋଇପାରିଛି । 'ମେକ୍ ଇନ୍ ଓଡ଼ିଶା'ର ଦ୍ୱିତୀୟ ସଂସ୍କରଣ ଓଡ଼ିଶାର ଶିଳ୍ପ ଇତିହାସରେ ନିର୍ଣ୍ଣାୟକ ହେବ ବୋଲି ସେ କହିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଚଳିତ 'ମେକ୍ ଇନ୍ ଓଡ଼ିଶା' ସଂସ୍କରଣର ଥିମ୍ 'ଆଇ ଆମ୍ ଓଡ଼ିଶା' ଅଭିଯାନ ଦ୍ୱାରା ଓଡ଼ିଶାର ଯୁବ ଉଦ୍ୟୋଗୀମାନଙ୍କୁ ବିଶ୍ୱ ସମୁଦାୟ ସାମ୍ନାରେ ଉପସ୍ଥାପିତ କରାଯାଇଛି ବୋଲି କହିଥିଲେ । ଏହାଦ୍ୱାରା ଚୟନ କରାଯାଇଥିବା ଶ୍ରେଷ୍ଠ ୩ ଜଣଙ୍କୁ 'ପ୍ରାଇଡ୍ ଅଫ୍ ଓଡ଼ିଶା' ପୁରସ୍କାର ପ୍ରଦାନ କରିଥିଲେ । ଶ୍ରେଷ୍ଠ ଷ୍ଟାର୍ଟଅପ୍ ଭାବେ ସୁମନକାନ୍ତି ମିଶ୍ର, ସତ୍ୟେନ୍ଦୁ ଓ ଶଶାଙ୍କ ସିଂହଲଙ୍କୁ ପୁରସ୍କୃତ କରାଯାଇଥିଲା । ଶ୍ରେଷ୍ଠ ସିଏସଆର୍ ଭାବେ ଓଡ଼ିଶା ଖଣି ନିଗମ, ଏସିସି ସିମେଣ୍ଟ୍ ଓ ଟାଟା ଷ୍ଟିଲକୁ ମୁଖ୍ୟମନ୍ତ୍ରୀ ପୁରସ୍କୃତ କରିଥିଲେ । ୨୦୨୦ ନଭେମ୍ବର ୩୦ରୁ ଡିସେମ୍ବର ୪ ପର୍ଯ୍ୟନ୍ତ ପରବର୍ତ୍ତୀ ମେକ୍ ଇନ୍ ଓଡ଼ିଶା ଆୟୋଜନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ ।

### ଦାରୁ ଚୟନରେ ...

କମିସନ ବସାଇ ବିଫଳ ହୋଇଛନ୍ତି । ରତ୍ନଭଣ୍ଡାର ଚାବି ହଜିବା ପ୍ରସଙ୍ଗରେ କମିଶନ ବସାଇବାପରେ ବି ଜିଲ୍ଲାପାଳ ଏକ ନକଲି ଚାବି ଦେଖାଇ ଘଟଣାକୁ ଚାପି ଦେଇଥିଲେ । ଦାରୁ କିଣା ନେଇ ମହା ଡିଲ୍ ହୋଇଛି ବୋଲି କୃଷ୍ଣ ମହାରଣା ଆଣିଥିବା ଅଭିଯୋଗ ଯଦି ସତ ତେବେ ସେହି ଷଡଯନ୍ତ୍ରକାରୀ କିଏ ତାହା ସ୍ପଷ୍ଟ ହେବା ଦରକାର । ଦାରୁ ଡିଲର ଯୋଗ ସୂତ୍ରଧାରୀ କିଏ ଏବଂ କିଏ ଦାରୁ ପାଇଁ ଅର୍ଥ ଦେଇଥିଲେ ଏହାର ଅନୁସନ୍ଧାନ କରିବା ପାଇଁ ଏକ ନିରପେକ୍ଷତଦନ୍ତ କମିଟିର ଆବଶ୍ୟକତା ରହିଛି ବୋଲି ଶ୍ରୀ ଆଚାର୍ଯ୍ୟ କହିଛନ୍ତି । ରାଜ୍ୟସରକାର ଡାହାଣି ହୋଇ ଲାଗି ଗୁଣିଆ ହୋଇ ଛଡାଉଛନ୍ତି । ଦାରୁବ୍ରହ୍ମ ବିଭ୍ରାଟ ନେଇ ସୁରେଶ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ପ୍ରଶାସନିକ କମିଟି ବସାଇ ସାଢେ ୩ ବର୍ଷ ପରେ ଏକ ତ୍ରୁଟିପୂର୍ଣ୍ଣ ରିପୋର୍ଟ ଆଧାରରେ ଦଇତାପତିମାନଙ୍କୁ ନୋଟିସ ଦେବା ପରେ ବି କୌଣସି କାର୍ଯ୍ୟାନୁଷ୍ଠାନ ନନେଇ ସେମାନଙ୍କୁ ଖସାଇବା ପାଇଁ ଯୋଜନା କରିଛନ୍ତି ରାଜ୍ୟସରକାର । ଦଇତାପତିଙ୍କ ବିରୁଦ୍ଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ମୁଖ୍ୟମନ୍ତ୍ରୀଙ୍କ କୌଣସି ଆନ୍ତରିକତା ନାହିଁ । ଅତୀତରେ ବିପି ଦାସ, ଜଷ୍ଟିସ ରଘୁବୀର ଦାସ କମିସନ ବସାଇବା ଭଳି ଏହି ଦାରୁ ଡିଲ୍ ଘଟଣାରେ ମୁଖ୍ୟମନ୍ତ୍ରୀ ଏକ କମିଶନ ବସାଇଲେ ମଧ୍ୟ ଏହା ଫଳପ୍ରଦ ହେବ ନାହିଁ ବୋଲି ଶ୍ରୀ ଆଚାର୍ଯ୍ୟ କହିଛନ୍ତି ।

ପର୍ଯ୍ୟଟନ

# ସଂକୀର୍ଣ୍ଣ ମନ ଜୀବନ ପଥକୁ ଅଣଓସାରିଆ କରିଦିଏ



ଗୋଆ ହେଉଛି ଏକ ସୁନ୍ଦର। ଆକାରରେ ଏତେ ବଡ ହୋଇ ନଥିଲେ ମଧ୍ୟ ପର୍ଯ୍ୟଟନ ଶିଳ୍ପ କ୍ଷେତ୍ରରେ ଏହା ଭାରତର ଅନେକ ରାଜ୍ୟ ତୁଳନାରେ ଖୁବ୍ ଆଗରେ। ସବୁ ସମୟରେ ଗୋଆରେ ଦେଶୀ ବିଦେଶୀ ପର୍ଯ୍ୟଟକଙ୍କ ଭିଡ ଲାଗି ରହିଥାଏ। ଦିନ ବେଳା ରାସ୍ତା ଘାଟରେ ଆପଣ ଗହଳ ଚହଳ ଅନୁଭବ କରି ପାରିବେ। ଦଳ ଦଳ ପର୍ଯ୍ୟଟକ କେଉଁଠାରେ ସୁସ୍ୱାଦୁ ଖାଦ୍ୟ ଖାଇବାରେ ବ୍ୟସ୍ତ ଥିବେ ତା ଆଉ କେଉଁଠି ଫଟୋ ଉଠାଇବାର ବ୍ୟସ୍ତ। ମୋରଏପରି ଅନୁଭବ ଆସିବା ସହ ମୋ ଗାଡି ଆଗକୁ ଗଡୁଥିଲା। ଗାଡି କାଚ ଭିତର ଦେଇ ମୁଁ ଗୋଆର ସୁନ୍ଦରତାକୁ ଖୁବ୍ ପାଖରୁ ଅନୁଭବ କରୁଥିଲି। ଅପରାହ୍ନ ସମୟ ହୋଇ ଥିବାରୁ ରାସ୍ତା ଘାଟରେ ବେଶୀ ଗହଳି ନଥିଲେ ମଧ୍ୟ ଥିଲା କିନ୍ତୁ ପର୍ଯ୍ୟଟକମାନେ ମଜ୍ଜା ନେବାର ଅନେକ ଦୃଶ୍ୟ। ଏହାରି ଭିତରେ ଆମେ ଆସି ପହଞ୍ଚି ସାରିଥିଲି ଏକ ସୁନ୍ଦର ଚର୍ଚ୍ଚ ନିକଟରେ। ଆମେ ଗାଡିରୁ ଓହ୍ଲାଇବା ବେଳକୁ ମୋତେ ମୋ ଗାଡି ଚାଳକ ତଥା ମୋର ଗାଇଡ୍ ସୂଚନା ଦେଲେ ଯେ, ଏହା ହେଉଛି ଗୋଆର ଅନ୍ୟତମ ପ୍ରସିଦ୍ଧ ଚର୍ଚ୍ଚ। ଆଉ ଏହି ଚର୍ଚ୍ଚ ନିର୍ମିତ ହୋଇଛି ଲେଡି ଅଫ୍ ଇମାକୁଲେଟ୍ କନସେପ୍ସନ୍‌ଙ୍କ ପାଇଁ। ମୁଁ ନାଁର ତତ୍ତ୍ୱ ଭିତରକୁ ଯିବାକୁ ଚାହିଁଲି ନାହିଁ ସିଧା ଆମେ ଚର୍ଚ୍ଚ ଆଡକୁ ଅଗ୍ରସର ହେଲୁ। ଏହି ଚର୍ଚ୍ଚର ଆଉଏକ ବିଶେଷତ୍ୱ ହେଲା ଏହାର ପ୍ରବେଶ ପଥ। ଗୋଆରେ ଏପର୍ଯ୍ୟନ୍ତ ମୁଁ ଦେଖିଥିବା ସବୁ ଚର୍ଚ୍ଚ ଠାରୁ ଏହା ସମ୍ପୂର୍ଣ୍ଣ ଭିନ୍ନ ଥିଲା। ଚର୍ଚ୍ଚକୁ ପ୍ରବେଶ କରିବା ଏହାର ପାହାଚ ଶ୍ରେଣୀ ପ୍ରକୃତରେ ଦେଖିବା ଭଳିଆ। ଆପଣ ଚର୍ଚ୍ଚ ମଧ୍ୟକୁ ଦୁଇପଟୁ ପ୍ରବେଶ କରିବେ। ଆଉ ଧଳା ରଙ୍ଗର ଏହି ଚର୍ଚ୍ଚଟି ଏକ ସୁଉଚ୍ଚ ସ୍ଥାନରେ ମଧ୍ୟ ଅବସ୍ଥିତ। ଯେଉଁଠାରୁ ଆପଣ ପାଣାଜୀ ସହରର ଦୃଶ୍ୟ ମଧ୍ୟ ଦେଖି ପାରିବେ। ଆମେ ଚର୍ଚ୍ଚ ଉପରକୁ ପହଞ୍ଚିବା ପରେ ସୁନ୍ଦର ଦୃଶ୍ୟ ଆମ ସାମ୍ନାକୁ ଆସିଲା। ପାଣାଜୀ ସହର ଚର୍ଚ୍ଚ ପାଖରେ ଥିଲା ଏକ ସୁନ୍ଦର ପାର୍କ ଆଉ ଆମେ ଚର୍ଚ୍ଚ ପାଖରେ ବୁଲିବା ବେଳକୁ ଗାଇଡ୍ ମୋତେ ସୂଚନା ଦେଲେ ଯେ, ଏହି ସ୍ଥାନରୁ ସୂର୍ଯ୍ୟାସ୍ତର ଦୃଶ୍ୟ ଖୁବ୍ ସୁନ୍ଦର ଦେଖିବାକୁ ମିଳିବ। ତେଣୁ ଆମେ ପ୍ରଥମେ ଚର୍ଚ୍ଚ ଭିତରକୁ ଯିବା। ଏହାପରେ ଆମେ ସମସ୍ତେ ଚର୍ଚ୍ଚ ଭିତରକୁ ଗଲୁ। ଚର୍ଚ୍ଚ ଭିତରେ ବୁଲିବା ଭିତରେ ମୁଁ ଯାହା ଜାଣିବାକୁ ପାଇଲି ଏଠାରେ ପ୍ରଥମେ ଏକ ଚ୍ୟାପେଲ୍ (ମାନେ ଆମେ ପ୍ରାର୍ଥନା ଗୃହ ବୋଲି ଧରି ପାରିବା) ଭାବେ ୧୫୪୧ ମସିହାରେ ପ୍ରତିଷ୍ଠା ହୋଇଥିଲା। ପରବର୍ତ୍ତୀ ସମୟରେ ୧୬୧୯ ମସିହାରେ ଏହାକୁ ଚର୍ଚ୍ଚ ଭାବରେ ନିର୍ମାଣ କରାଯାଇଥିଲଣ। ଏହି ଚର୍ଚ୍ଚ ନିର୍ମାଣରେ ଆପଣ ପର୍ତ୍ତୁଗୀଜ ଏବଂ ଗୋଆର ନିର୍ମାଣ ଶୈଳୀର ମିଶ୍ରିତ ପ୍ରଭାବ ଦେଖିବାକୁ ପାଇବେ। ଭିତରେ ଥିବା ମୁଖ୍ୟ ବେଦୀରେ ମଦର ମେରୀଙ୍କୁ ଉପାସନା କରାଯାଏ। ତେବେ ଚର୍ଚ୍ଚ ଭିତରେ ଆମେ ବୁଲିବା ଭିତରେ ଏହି ଚର୍ଚ୍ଚର ଇତିହାସ ସମ୍ବନ୍ଧୀୟ ଅନେକ କଥା ଆମେ ଜାଣିବାକୁ ପାଇଥିଲୁ। ପ୍ରକୃତରେ ପର୍ତ୍ତୁଗୀଜ ନାବିକ ମାନଙ୍କର ଏହା ଥିଲା ଉପାସନା ସ୍ଥଳୀ। ସେମାନେ ସମୁଦ୍ରରେ ଯାତ୍ରା କରିବା ପୂର୍ବରୁ ଏବଂ ଯାତ୍ରା ସାରି ଫେରିବା ପରେ ଏଠାରେ ଈଶ୍ୱରଙ୍କ ଉଦ୍ଦେଶ୍ୟରେ ପ୍ରାର୍ଥନା କରିଥାନ୍ତି। ସତରେ ଏ କଥା ଶୁଣିବା ପରେ ମୋର ମନକୁ କାହିଁକି କେଜାଣି ଆସିଲା ସବୁ ଧର୍ମର ଭାବନାର ମୂଳ ଖିଅ ହେଉଛି ଏକ ଏବଂ ଅଭିନ୍ନ କେବଳ ଯାହା ନାମରେ ପରିବର୍ତ୍ତନ ହୋଇଛି। ବିପଦରୁ ରକ୍ଷା ପାଇବା ପାଇଁ ଯୁଗେ ଯୁଗେ ମଣିଷ ଈଶ୍ୱରୀୟ ଶକ୍ତିର ଆଶୀର୍ବାଦ ଲୋଡିଛି। ଆମେ ଚାଲିବା ବୁଲିବାକୁ ଏବେ ବି ଗଲେ ଡଙ୍ଗାରେ ବସିବା ମାତ୍ରେ ମା' କାଳିଜାଈଙ୍କୁ ସ୍ମରଣ କରିଥାଉ। ସେହିପରି ମତ୍ସ୍ୟଜୀବୀ ମାନେ ସମୁଦ୍ର ଗଲା ବେଳେ ମଧ୍ୟ ମା'ଙ୍କୁ ସ୍ମରଣ କରିଥାନ୍ତି। ଏହି ଚର୍ଚ୍ଚର ଇତିହାସ ମଧ୍ୟ ସେଇଆ ପର୍ତ୍ତୁଗୀଜ ନାବିକ ମାନଙ୍କର ସାହା ଭରସା ଏବଂ ଆଶୀର୍ବାଦ ଭିକ୍ଷା କରିବାର ସ୍ଥଳ। ପ୍ରକୃତରେ ଇତିହାସ ମଣିଷକୁ କେତେ ଶିକ୍ଷା ଦେଇଥାଏ ଯାହା ମୁଁ ଏଥିରୁ ଜାଣିବାକୁ ପାଇଲି। ଏହାରି ଭିତରେ ସୂର୍ଯ୍ୟାସ୍ତ ହେବାର ସମୟ ହୋଇ ଆସିଥିଲା। ଆମେ ସମସ୍ତେ ବାହାରକୁ ଆସି ସୂର୍ଯ୍ୟାସ୍ତ ଦର୍ଶନ କରିଥିଲୁ। ସତେ ଯେମିତି ମୋର କାହିଁ ଅନୁଭବ ହେଲା ସୂର୍ଯ୍ୟଦେବ ଆମ ମଣିଷ ମାନଙ୍କୁ କହୁଥିଲେ ଯେ, ଜାତି, ଧର୍ମ, ବର୍ଣ୍ଣକୁ ନେଇ ମନ ଭିତରେ ଯେତେ କାଳିମା ରହିଛି ତାକୁ ମୋ' ଆଲୋକରେ ଆଲୋକିତ କର। ସଂକୀର୍ଣ୍ଣ ମନ ମଣିଷର ଉନ୍ନତିର ପଥକୁ ଅଣଓସାରିଆ କରିଦିଏ, ଜୀବନର ପଥ ସୁଗମ ହୁଏନାହିଁ।

*କ୍ରମଶଃ...*






ଉପସ୍ଥାପନା
ଜାହ୍ନବୀସୁତ





## ବିନ୍ଦୁ ସାଗରରେ ପ୍ଲାଷ୍ଟିକ୍ ଓ ଥର୍ମୋକୁଲ୍ ଡଙ୍ଗା ବ୍ୟାନ୍ ଦାବି

**ଭୁବନେଶ୍ୱର :** ଆଗକୁ କାର୍ତ୍ତିକ ପୂର୍ଣ୍ଣିମା । ଓଡ଼ିଶା ପରମ୍ପରାରେ ଡଙ୍ଗା ଭସାଇବାର ଦିନ । ନଦୀ, ନାଳ, ପୋଖରୀ, ଗାଡ଼ିଆ ସବୁ ଥର୍ମୋକୁଲ, ଭରି ଓ ପ୍ଲାଷ୍ଟିକ ତିଆରି ଡଙ୍ଗା ଓ ବୋଇତରେ ପରିପୂର୍ଣ୍ଣ ହୋଇଯିବ । ବାଦ୍ ପଡ଼ିବନି ଐତିହ୍ୟ ପୁଷ୍କରିଣୀ ବିନ୍ଦୁସାଗର । ଏହାକୁ ନେଇ ଚିନ୍ତାପ୍ରକଟ କରିଛନ୍ତି ସାମାଜିକ କର୍ମକର୍ତ୍ତା । ଜଳ ପ୍ରଦୂଷଣ ରୋକିବା ପାଇଁ ଲିଙ୍ଗରାଜ ମନ୍ଦିର ପ୍ରଶାସନର ହସ୍ତକ୍ଷେପ ଲୋଡ଼ିଛନ୍ତି। ଦିନ ଥିଲା କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଲୋକେ କଦଳୀ ପଟୁକା, କାଗଜ ଓ ସୋଲ ତିଆରି ଜୈବ ବିଘଟନକାରୀ ଡଙ୍ଗା ବଦଳରେ ଏବେ ଜଳାଶ୍ରୟରେ ପ୍ଲାଷ୍ଟିକ, ରଙ୍ଗୀନ ଜରି ଓ କୃତ୍ରିମ ରଙ୍ଗ ପ୍ରଲେପିତ ଡଙ୍ଗା ଛଡ଼ାଯାଉଛି । ଯାହା ଜଳ, ଜଳଚର ଓ ଜଳଜ ଉଦ୍ଭିଦଙ୍କ ସ୍ଥିତିକୁ ବିଗାଡ଼ି ଦେଉଛି । ଐତିହ୍ୟ ପୁଷ୍କରିଣୀ ବିନ୍ଦୁସାଗରରେ ଏସବୁ ଜଳ ପ୍ରଦୂଷଣକାରୀ କ୍ଷତିକାରକ ଡଙ୍ଗା ବସାଇବା ଦିଗରେ କଟକଣା ପାଇଁ ସାମାଜିକ କର୍ମୀ ସୁଶାନ୍ତ ସାହୁ ଲିଙ୍ଗରାଜ ମନ୍ଦିର ପ୍ରଶାସନର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ଲିଙ୍ଗରାଜ ମନ୍ଦିର ପ୍ରଶାସକଙ୍କୁ ଏ ମର୍ମରେ ଚିଠି ଲେଖିଛନ୍ତି ସୁଶାନ୍ତ । ସେଥିବରେ ଦର୍ଶାଇଛନ୍ତି ଯେ, ଐତିହ୍ୟ ପୁଷ୍କରିଣୀ ସୁରକ୍ଷା ପାଇଁ ତୁରନ୍ତ ପଦକ୍ଷେପ ନିଆଯାଉ ଓ ଜୈବ ବିଘଟନ ହେଉନଥିବା ଦ୍ରବ୍ୟକୁ ଜଳାଶୟ ଭିତରକୁ ଛଡ଼ାଯିବା ଦିଗରେ କଡ଼ା କଟକଣା କରାଯାଉ।

## ବେଆଇନ ଭାବେ ମାଙ୍କଡ଼ା ପଥର ଖଣି ଲୁଟ୍;ପ୍ରଶାସନ ସାଜିଛି ନିରବଦ୍ରଷ୍ଟା

**ଖୋର୍ଦ୍ଧା :** ଖୋର୍ଦ୍ଧା ତହସିଲ ଅଞ୍ଚଳରେ ଚାଲିଥିବା ବେଆଇ ମାଙ୍କଡ଼ା ପଥର ଖଣି ଲୁଟ୍ ଓ ଚୋରା ଚାଲଣ ରୋକିବା ଏବଂ ଏହି କାର୍ଯ୍ୟରେ ଲିପ୍ତ ଥିବା ବ୍ୟକ୍ତିଙ୍କ ବିରୋଧରେ ଜିଲ୍ଲା ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନ ଯିବା ଯୋଗୁଁ ଦୈନନ୍ଦିନ ଶହ ଶହ ସଂଖ୍ୟାରେ ଟ୍ରକ, ଟ୍ରାକ୍ଟର ଏବଂ ୪୦୭ ଯୋଗେ ଗୁଡୁମ, ଭାଟପଡ଼ା, କାଇପଦର, କୁମ୍ଭାରବସ୍ତ, ଟାଙ୍ଗିଆପଡ଼ା, ନିଆଳ, ମଧୁପୁର ଅଞ୍ଚଳରୁ ମାଙ୍କଡ଼ାପଥର ଅନ୍ୟତ୍ର ଚୋରା ଚାଲଣ କରାଯାଉଥିବା ଦେଖିବାକୁ ମିଳୁଛି। ରାଜ୍ୟରେ ଲଘୁ ଖଣିଜ ଜାତ ଦ୍ରବ୍ୟର ଚୋରା କାରବାରକୁ ଦୃଢହସ୍ତରେ ଦମନ କରିବା ପାଇଁ ଏବଂ ରାଜସ୍ୱ କ୍ଷତିକୁ ରୋକିବା ପାଇଁ ରାଜସ୍ୱ ସଚିବ ନିର୍ଦ୍ଦେଶ ଦେଇଥିବା ବେଳେ ଅନ୍ୟ ପକ୍ଷରେ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ମଧ୍ୟ ରାଜ୍ୟରେ ଲଘୁ ଖଣିଜ ଜାତ ଦ୍ରବ୍ୟ ଲୁଟ୍‌କୁ ନେଇ ଚାଲିଥିବା ମାଫିଆ ରାଜ ଉପରେ ରୋକ୍ ଲଗାଇବାକୁ ରାଜ୍ୟର ସମସ୍ତ ଏସ୍.ପି ମାନଙ୍କୁ ମଧ୍ୟ କଡ଼ା ନିର୍ଦ୍ଦେଶ ଦେଉଛନ୍ତି। କିନ୍ତୁ ଜିଲ୍ଲାରେ ଜିଲ୍ଲାପାଳ ଏବଂ ଏସ୍.ପିଙ୍କ ଚଢାଉର ପ୍ରଭାବ ମାତ୍ର କିଛି ଦିନ ଧରି ରହିଥିବା ବେଳେ ପରବର୍ତ୍ତୀ ସମୟରେ ରାଜସ୍ୱ ବିଭାଗର ଅଧିକାରୀଙ୍କର ଏନେଇ ନୀରବତା ଏବଂ ସ୍ଥାନୀୟ ପୋଲିସ, ଉପଜିଲ୍ଲାପାଳ, ତହସିଲଦାରଙ୍କ ମନୋଭାବକୁ ନେଇ ସାଧାରଣରେ ଭିନ୍ନମତ ପ୍ରକାଶ ପାଇଛି। ଯେହେତୁ ଜିଲ୍ଲାବ୍ୟାପି ଲଘୁ ଖଣିଜ ଦ୍ରବ୍ୟ



ଲୁଟ୍‌ପାଟ୍ ଓ ଚୋରା ଚାଲଣ ଘଟଣାରେ ଶାସକ ଦଳରର ଛତ୍ରଛାୟା ତଳେ ହିଁ ସମ୍ପନ୍ନ ହୋଇ ଆସୁଛି। ସେଥିପାଇଁ ରାଜନୈତିକ ଚାପରେ ଏବେ ପ୍ରଶାସନ ଓ ପୁଲିସର ପଦକ୍ଷେପ ଶିଥିଳ ହୋଇ ପଡ଼ିଥିବା ସାଧାରଣରେ ଚର୍ଚ୍ଚା ହୋଇଛି। ଖଣି ମାଫିଆମାନେ ନୀର୍ଭୟରେ ଦିନ ରାତି ଖନନ ଏବଂ ପରିବହନ କାର୍ଯ୍ୟ ବେଧଡ଼କ ଭାବରେ ଜାରି ରଖିଛନ୍ତି। ସରକାରୀ ଓ ଜଙ୍ଗଲ କିସମ ଜମିରେ ବିଭିନ୍ନ ସ୍ଥାନରୁ ବେଆଇନ ଭାବରେ ଦିନ ରାତି ମେସିନ ସାହାଯ୍ୟରେ ମାଙ୍କଡ଼ା ପଥର ଖନନ କରି ଦୈନିକ ଶତାଧିକ ଟ୍ରକ ଟ୍ରାକ୍ଟର, ୪୦୭ ଯୋଗେ ପାନବରଜ, ଖୋରଧା ଏବଂ ସହରର ମୁଖ୍ୟ ରାସ୍ତା ଦେଇ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ସମସ୍ତଙ୍କ ଆଗୋଚରରେ ଚୋରା ଚାଲଣ କରାଯାଉଛି। ଯାହାକି ଜିଲ୍ଲା ପ୍ରଶାସନର ଜ୍ଞାତ ସାରରେ ଚାଲିଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନଥିବା ସାଧାରଣ ଅଭିଯୋଗ ହେଉଛି। ଏଥିପ୍ରତି ରାଜ୍ୟ ସରକାର ତଥା ଜିଲ୍ଲା ପ୍ରଶାସନ ବିଶେଷ ଦୃଷ୍ଟି ଦେବାକୁ ସାଧାରଣରେ ଦୃଢ ଦାବି ହେଉଛି।

# ପିପିଏଲ ସିଏସ୍ଆର କାର୍ଯ୍ୟକ୍ରମରେ ହେର୍‌ଫେର

**ପାରାଦୀପ :** ପାରାଦୀପ ଏକ ଶିଳ୍ପପୂର୍ଣ୍ଣ ବନ୍ଦର ନଗରୀ ଭାବରେ ବେଶ୍ ପରିଚିତ। ଏଠାରେ ପାରାଦୀପ ବନ୍ଦର ସଲଗ୍ନ ଅଞ୍ଚଳରେ ଅନେକ ଗୁଡିଏ ଛୋଟବଡ ଶିଳ୍ପକାରଖାନା ଗଡିଉଠିଛି । ଏମାନଙ୍କ ମଧ୍ୟରେ ପାରାଦୀପ ଫସପେଟ୍ ଲିମିଟେଡ୍ (ପିପିଏଲ) ହେଉଛି ସର୍ବପୁରାତନ ଯାହକି ୧୯୮୨ରୁ ଆରମ୍ଭ ହୋଇ ୧୯୮୬ ମସିହାରେ କାର୍ଯ୍ୟକ୍ଷମ ହୋଇଥିଲା। ୨୦୦୨ ମସିହା ଫେବୃଆରୀ ମାସରେ ଏହି କାରଖାନାକୁ ଅତିକମ ମୁଲ୍ୟରେ ଜୁଆରୀ ଗୃପ୍‌କୁ ସରକାର ବିକ୍ରୀ କରିଥିଲେ । ବର୍ତ୍ତମାନ ପ୍ରାୟ ୧୫ବର୍ଷ ଧରି ଏହି କାରଖାନା ବ୍ୟବସାୟରେ ଲାଭ କରି ଆସୁଅଛି । ୩୦ବର୍ଷ ଏହି ପୁରୁଣା କାରଖାନା ପାରଦୀପ ବନ୍ଦର ଅଞ୍ଚଳରେ ପ୍ରଦ୍ୟୁଷଣ ଏକ ମୁଖ୍ୟ କାରଣ । ଜଳ, ସ୍ଥଳ ଓ ଆକାଶ କେହିମଧ୍ୟ ପ୍ରଦ୍ୟୁଷଣୁ ରକ୍ଷା ପାଇନାହାଁନ୍ତି। ଏହାଛଡା ବାରମ୍ବାର ରସାୟନିକ ତଥା କାର୍ଯ୍ୟଜନିତ ଦୁର୍ଘଟଣାରେ ଅନେକ କ୍ଷୟକ୍ଷତି ହୋଇଅଛି। ୨୦୧୩ ମସିହାରେ ଭାରତ ସରକାରଙ୍କ କମ୍ପାନୀ ନିୟମ ଅନୁଯାୟୀ ଶିଳ୍ପ ବା କାରଖାନା ନିଜ ଲାଭାଶଂର ଦୁଇପ୍ରତିଶତ ସାମାଜିକ ଦାୟିତ୍ୱବୋଧ (ସି.ଏସ୍.ଆର) ଓ ଆଞ୍ଚଳିକ ବିକାଶ ବାବଦରେ ଖର୍ଚ୍ଚ କରିବା କଥା, ଯାହାକି କମ୍ପାନୀ ତାହାର ପାରିପାର୍ଶ୍ୱରେ ହେଉଥିବା କ୍ଷୟକ୍ଷତି ଓ ପ୍ରଦ୍ୟୁଷଣକୁ ରୋକିବାରେ ସହାୟକ ହେବ। କିନ୍ତୁ ପିପିଏଲ ପାଚେରୀକୁ ଲାଗିଥିବା ଦୁଇଟି ବସ୍ତି ବାଉରିଆପାଳନ୍ଦା ଓ ବାଲିଝରାରେ ମାତ୍ରାଧିକ ପରିମାଣରେ ପ୍ରଦ୍ୟୁଷଣ ଜନିତ କ୍ଷୟକ୍ଷତି ଘଟୁଥିଲେ ମଧ୍ୟ ସିଏସ୍ଆର ବାବଦରେ ଏ ଅଞ୍ଚଳରେ ଖର୍ଚ୍ଚ କରିବାକୁ ନିଷ୍ପତ୍ତି ନିଆଯାଇଥିବା କାର୍ଯ୍ୟକ୍ରମ ଗୁଡିକ ଏକ ଠକ ବେସରକାରୀ ଅନୁଷ୍ଠାନ ଏସ୍.ଭି.ଏସ୍ ଏନ୍‌ଜିଓ ସଂସ୍ଥା ମାଧ୍ୟମରେ ପରିଚାଳିତ କରୁଥିବାରୁ ଏ ଅଞ୍ଚଳ ବାସୀ ଓ ଜନସାଧାରଣଙ୍କର କୌଣସି ଲାଭ ହେଉନଥିବା ବେଳେ ଅନେକ କ୍ଷତି ହୋଇଚାଲିଛି। ଉଦାହରଣ ସ୍ୱରୂପ ଏହି ଦୁଇ ବସ୍ତିରେ ପାଣିର ଘୋର ସମସ୍ୟା ଥିବାରୁ ଗୋଟିଏ ଜଳ ବିଶୋଧନାଗାର ଏବଂ ୩ଟି ବିଶିଦ୍ଧ ପାଣି ଏଟିଏମ୍ ପାଇଁ ମ୍ୟୁନିସିପାଲଟିକୁ କମ୍ପାନୀ କର୍ତ୍ତୃପକ୍ଷ





ପ୍ରତିଶୃତି ଦେଇ ଗତ ବର୍ଷ କାର୍ଯ୍ୟ ସମ୍ପୁର୍ଣ୍ଣ କରିଥିଲେ, ମାତ୍ର ଏ ପର୍ଯ୍ୟନ୍ତ ଉଦ୍‌ଘାଟନ ପରଠରୁ ଗୋଟିଏ ବୁନ୍ଦା ପାଣି ମଧ୍ୟ ବାହାରିନି। ବାଉରିଆ ପାଳନ୍ଦା ପ୍ରାଥମିକ ବିଦ୍ୟାଳୟ ଆଗରେ ବିପଦ ସଙ୍କୁଳ ଅବସ୍ଥାରେ ଏହି ଜଳବିଶୋଧନାଗାର ଠିଆ ହୋଇଛି। ଯାହାକି ଛୋଟ ଛୋଟ ପିଲାଙ୍କ ପାଇଁ ଦୁର୍ଘଟଣାର ଆଶଙ୍କା ବଢାଇଦେଇଛି ଦ୍ୱିତିୟତଃ ମ୍ୟୁନିସପାଲଟି ଖୋଳିଥିବା ଏକ ନଳକୂଅକୁ ଜଳ ବିଶୋଧନାଗାର ପରିକ୍ଷଣ ସମୟରେ ନଷ୍ଟ କରିଦିଆଯାଇଛି । ତିନୋଟି ଯାକ ଏଟିଏମ୍ (ମାର୍କେଟପଡା, ବାଲିଝରା, ଟ୍ରେନଲାଇନ) ଖତଖାଉଛି। ଗରିବ ଲୋକମାନଙ୍କୁ ସ୍ୱଚ୍ଛ ସହର ଅଭିଯାନରେ ପାଇଖାନା କରିବା ପାଇଁ ମ୍ୟୁନିସପାଲଟି ମାଧ୍ୟମରେ ଆର୍ଥିକ ସହାୟତା ଯୋଗଇ ଦିଆଯାଉଛି । ତାହା ଯଥେଷ୍ଟ ହେଉନଥିବାରୁ ପାଇଖାନା କରି ପାରୁନଥିବା ଲୋକମାନଙ୍କୁ ୩ହଜାର ଟଙ୍କାର ଆର୍ଥିକ ସହାୟତା ଦେବାପାଇଁ ଆଶ୍ୱସନା ଦିଆଯାଇଥିଲା । ମାତ୍ର ୨୦୧୮ -୧୯ବର୍ଷରେ କାର୍ଯ୍ୟାଦେଶ ପାଇ ଗରିବ ଲୋକମାନଙ୍କୁ ପାଇଖାନା ନିର୍ମାଣ ନିମନ୍ତେ ସହାୟତା ନକରି ୨୦୧୬ ମସିହାରୁ ସମ୍ପୁର୍ଣ୍ଣ ହେଇଥିବା ୧୯ଟି ପାଇଖାନାକୁ ୩୦୦୦ଟଙ୍କା ଲେଖାଏଁ ସହାୟତା ଦେବା ଆଳରେ ସେ ପଇସାକୁ ଅପବ୍ୟୟ କରିଯାଇଛି । ଆହୁରି ମଧ୍ୟ ରୋଜଗାର ଭିତ୍ତିକ ଶିକ୍ଷା ସହାୟତା ପାଇଁ ଗତ ଦେଢବର୍ଷ ମଧ୍ୟରେ ମାତ୍ର ଗୋଟିଏ ଝିଅକୁ ବିୟୁଟିପାର୍ଲର ଶିକ୍ଷା ଦିଆଯିବା ଓ ସ୍କୁଲ ପିଲାମାନଙ୍କୁ ଜୋତା ଦିଆଯିବା ବାହାନାରେ ଅନେକ ଟଙ୍କା ତୋଷରପାତ କରାଯାଇଛି । ଏପରିକି ଏହି ୨ଟି ଅଞ୍ଚଳର ନିର୍ବାଚିତ ଜନ ପ୍ରତିନିଧି ପ୍ରତିମା ମିଞ୍ଜି ଓ ରଶ୍ମିତା ଦାସ ଏହି ଅଞ୍ଚଳରେ ହେଉଥିବା ସିଏସଆର କାର୍ଯ୍ୟକ୍ରମ ବିଷୟରେ କିଛି ଯାଣିନଥିବା ଏବଂ ତାଙ୍କ ଠାରୁ ବିଭିନ୍ନ ବାହାନାରେ ଦସ୍ତଖତ କରାଇ ନେଉଥିବା କହିଛନ୍ତି। ଠକ ସଂସ୍ଥାକୁ ତୁରନ୍ତ ହଟେଇବାକୁ ଏହି ବସ୍ତିର ଲୋକମାନେ ଦାବି କରିଛନ୍ତି। ଏହି ଦୁଇଜଣ ଅଳ୍ପଶିକ୍ଷିତ ମହିଳା ହୋଇଥିବାରୁ ଏହାର ଫାଇଦା ସମ୍ପୃକ୍ତ ସଂସ୍ଥା ଫାଇଦ ଉଠାଉଛି । ମାତ୍ର ତିନ ଚାରିଜଣ ଅର୍ଦ୍ଧଶିକ୍ଷିତ ଯୁବକ ଯୁବତୀଙ୍କ ମାଧ୍ୟମରେ ଏହି କାର୍ଯ୍ୟକ୍ରମ କରାଯାଉଛି । ଯଦିଓ ଏ ବାବଦରେ କୋଟିଏ ରୁ ଉର୍ଦ୍ଧ ଟଙ୍କା ଖର୍ଚ୍ଚ ହୋଇଥିବା ସେମାନେ ବିଭିନ୍ନ ସମୟରେ ଜଣାଉଛନ୍ତି । ଏ ପର୍ଯ୍ୟନ୍ତ ଗୋଟିଏ ତାଲା ପଡିଥିବା ପାଇଖାନାକୁ ଛାଡିଦେଲେ ଅନ୍ୟ କୌଣସି କାର୍ଯ୍ୟ ହୋଇନଥିବା ଲୋକ ମାନେ କହୁଛନ୍ତି।

ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୧୯ - ୨୫ ନଭେମ୍ବର, ୨୦୧୮





# ଓଡ଼ିଶାରୁ ସୃଷ୍ଟି ହେବେ ଅଲମ୍ପିକ୍ ଚାମ୍ପିଅନ୍




**ଭୁବନେଶ୍ୱର :** ଆସନ୍ତା ୨୮ରୁ ଏଠାରେ ହେବାକୁ ଯାଉଥିବା ଓଡ଼ିଶା ପୁରୁଷ ବିଶ୍ୱକପ୍ ହକିର ଟ୍ରଫିକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ଅନ୍ତର୍ଜାତୀୟ ହକି ମହାସଂଘ ସଭାପତି ନରିନ୍ଦର ବାତ୍ରା ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲେ। ଏହି ଉଦ୍‌ଘାଟନୀ ଉତ୍ସବ ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଓଡ଼ିଶାରୁ ସୃଷ୍ଟି ହେବେ ଅଲମ୍ପିକ୍ ଚାମ୍ପିଅନ। ଏଥିଲାଗି ସରକାର ସମସ୍ତ ପ୍ରକାର ଯୋଜନା କରିଛନ୍ତି ଏବଂ ରାଜ୍ୟରେ ବିଶ୍ୱସ୍ତରର ସ୍ପୋର୍ଟ୍ସ ଏକାଡେମୀ ପ୍ରତିଷ୍ଠା ହେବ। ରାଜ୍ୟରେ କ୍ରୀଡ଼ାର ବିକାଶ ପାଇଁ ବିଭିନ୍ନ କମ୍ପାନୀଙ୍କ ସହ ବୁଝାମଣାପତ୍ର ସ୍ୱାକ୍ଷର ନିମନ୍ତେ କଳିଙ୍ଗ ଷ୍ଟାଡିୟମ୍‌ରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଏହି ସୂଚନା ଦେଇଥିଲେ। ସରକାରଙ୍କ ପ୍ରୋତ୍ସାହନରେ ରାଜ୍ୟ କ୍ରୀଡ଼ାରେ ଯେଉଁ ବିକାଶ ଧାରା ଚାଲିଛି ସେଥିରେ ସାମିଲ ହୋଇଛନ୍ତି ଭାରତର ପ୍ରତିଷ୍ଠିତ କର୍ପୋରେଟ ହାଉସ୍। କର୍ପୋରେଟ ହାଉସଙ୍କ ସହଭାଗିତାରେ ରାଜ୍ୟରେ ୬ଟି କ୍ରୀଡ଼ା, ସ୍ପୋର୍ଟ୍ସ ମ୍ୟାନେଜମେଣ୍ଟ ଏବଂ ସ୍ପୋର୍ଟ୍ସ ମେଡିସିନ୍‌ରେ ହାଇ ପରଫର୍ମାନ୍ସ ସେଣ୍ଟର ପ୍ରତିଷ୍ଠା କରିବାକୁ ବୁଝାମଣାପତ୍ର ସ୍ୱାକ୍ଷର କରାଯାଇଛି। ଏହି କାର୍ଯ୍ୟକ୍ରମରେ ବ୍ୟାଡମିଣ୍ଟନ ଆଇକନ ଗୋପୀଚାନ୍ଦ, ସୁଟିଂ ଚାମ୍ପିଅନ ଗଗନ ନାରଙ୍ଗ ଏବଂ ଖ୍ୟାତନାମା କ୍ରିକେଟର ଅନୀଲ କୁମ୍ବଲେ ପ୍ରମୁଖ ଉପସ୍ଥିତ ଥିଲେ। ଯେଉଁ ୬ଟି ଖେଳରେ ଏହି ହାଇପରଫର୍ମାନ୍ସ ସେଣ୍ଟର ପ୍ରତିଷ୍ଠା କରାଯିବ ତାହା ମଧ୍ୟରୁ ବ୍ୟାଡମିଣ୍ଟନରେ ଡାଲମିଆ ଭାରତ ଗ୍ରୁପ, ଫୁଟବଲ ଏବଂ ସ୍ୱିମିଂରେ ଜେଏସଡବ୍ଲ୍ୟୁ ଗ୍ରୁପ୍, ଆଥଲେଟିକ୍ସରେ ରିଲାଏନ୍ସ ଫାଉଣ୍ଡେସନ, ୱେଟଲିଫ୍ଟିଂରେ ଆହଲୁୱାଲିଆ ଗ୍ରୁପ୍, ସୁଟିଂରେ ଆଦିତ୍ୟ ବିର୍ଲା ଗ୍ରୁପ୍ ଏବଂ ହକିରେ ଟାଟା ଷ୍ଟିଲ ହାଇପରଫର୍ମାନ୍ସ ସେଣ୍ଟର ପ୍ରତିଷ୍ଠା କରିବ। ଏହା ବ୍ୟତୀତ ସ୍ପୋର୍ଟ୍ସ ମ୍ୟାନେଜମେଣ୍ଟ ଏବଂ ମେଡିସିନ୍‌ରେ ମଧ୍ୟ ଦୁଇଟି ହାଇପରଫର୍ମାନ୍ସ ସେଣ୍ଟର ପ୍ରତିଷ୍ଠା କରାଯିବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ କ୍ରୀଡ଼ାମନ୍ତ୍ରୀ ଚନ୍ଦ୍ରସାରଥୀ ବେହେରାଙ୍କ ଉପସ୍ଥିତିରେ କ୍ରୀଡ଼ା ସଚିବ ବିଶାଳ ଦେବ ଏହି ବୁଝାମଣାପତ୍ରରେ ସ୍ୱାକ୍ଷର କରିଥିଲେ। ଏହି ଉତ୍ସବରେ ଡାଲମିଆ ଭାରତ ଗ୍ରୁପର ସିଏମ୍‌ଡି ପୁନୀତ ଡାଲମିଆ, ପୁଲେଲା ଗୋପୀଚାନ୍ଦ ବ୍ୟାଡମିଣ୍ଟନ ଫାଉଣ୍ଡେସନର ଚେୟାରମ୍ୟାନ ପି. ଗୋପୀଚାନ୍ଦ, ଜେଏସ୍‌ଡବ୍ଲ୍ୟୁ ଗ୍ରୁପର ଚେୟାରମ୍ୟାନ୍ ସଜ୍ଜନ ଜିନ୍ଦଲ, ଗଗନ ନାରଙ୍ଗ ସୁଟିଂ ଫାଉଣ୍ଡେସନର ଚେୟାରମ୍ୟାନ ଗଗନ ନାରଙ୍ଗ, ଟେକ୍ନୋଭିକ୍‌ର ଅନୀଲ କୁମ୍ବଲେ ଉପସ୍ଥିତ ଥିଲେ। ଏମାନଙ୍କ ବ୍ୟତୀତ ଅଲଇଣ୍ଡିଆ ଫୁଟବଲ ଫେଡେରେସନର କୁଶାଲ ଦାସ, ଅଲ ଇଣ୍ଡିଆ ଆଥଲେଟିକ ଆସୋସିଏସନ ସଭାପତି ଆଦିଲ ସୁମରିୱାଲା, ସମ୍ପାଦକ ସୁନୀଲ ଭାଲସନ ପ୍ରମୁଖ ଯୋଗ ଦେଇଥିଲେ।

ଓଡ଼ିଶାର ଗୌରବମୟ ଐତିହ୍ୟ ବହନ କରୁଥିବା ବାଲିଯାତ୍ରା ତଥା ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ସମସ୍ତଙ୍କୁ ହାର୍ଦ୍ଦିକ ଅଭିନନ୍ଦ ଓ ଶୁଭେଚ୍ଛା।




ବଳରାମ ସୁନା
ଏସ୍‌ଇଓ, ତେନ୍ତୁଳିଖୁଣ୍ଟି ବ୍ଲକ,ନବରଙ୍ଗପୁର

ଓଡ଼ିଶାର ଗୌରବମୟ ଐତିହ୍ୟ ବହନ କରୁଥିବା ବାଲିଯାତ୍ରା ତଥା ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ସମସ୍ତଙ୍କୁ ହାର୍ଦ୍ଦିକ ଅଭିନନ୍ଦ ଓ ଶୁଭେଚ୍ଛା।




ରଜନୀକାନ୍ତ ଭଟ୍ଟ
ଜିପିଟିଏ, ତେନ୍ତୁଳିଖୁଣ୍ଟି ବ୍ଲକ,ନବରଙ୍ଗପୁର

# ରେବତୀକାନ୍ତ ଶାସ୍ତ୍ରୀଙ୍କ ଶ୍ରାଦ୍ଧ ବାର୍ଷିକୀ ଓ ସ୍ମାରକୀ ବକ୍ତୃତା




ଭୁବନେଶ୍ୱର : ସାମନ୍ତ ଚନ୍ଦ୍ରଶେଖର ସ୍ମୃତି ପରିଷଦ ପକ୍ଷରୁ ସ୍ଥାନୀୟ ଜୟଦେବ ଭବନରେ ଏକାଦଶ 'ରେବତୀକାନ୍ତ ଶାସ୍ତ୍ରୀ ଶ୍ରାଦ୍ଧ ବାର୍ଷିକୀ ଓ ସ୍ମାରକୀ ବକ୍ତୃତା' ଆୟୋଜିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଜଷ୍ଟିସ ଦୁର୍ଗାପ୍ରସାଦ ଚୌଧୁରୀ କହିଥିଲେ ଯେ, ପଠାଣୀ ସାମନ୍ତଙ୍କ ସ୍ମୃତି ରକ୍ଷା କରିବା ପାଇଁ ୫୨ ବର୍ଷ ତଳେ ୧୯୬୫ ମସିହାରେ ରେବତୀ ବାବୁ ସାମନ୍ତ ଚନ୍ଦ୍ରଶେଖର ସ୍ମୃତି ପରିଷଦକୁ ପ୍ରତିଷ୍ଠା କରି ରାଜ୍ୟ ପାଇଁ ଗୌରବ ସୃଷ୍ଟି କରିଛନ୍ତି। ପଠାଣୀ ସାମନ୍ତଙ୍କ ଅସଲ ଦାୟାଦ ଭାବରେ ସେ ଯେଉଁ ପ୍ରୟାସ କରିଥିଲେ ତାହା ଆଜି ସଫଳ ହୋଇଛି। ମୁଖ୍ୟବକ୍ତା ଭାବେ ଯୋଗଦେଇ ଅଜିତ ରଥ କହିଥିଲେ ଯେ, ରେବତୀ ବାବୁ ପେଶାରେ ଆଇନ ଅଧିକାରୀ ତଥା ଜଣେ ଭଲ ଆଇନଜୀବୀ ଥିଲେ। ଜ୍ୟୋତିଷ ଶାସ୍ତ୍ର ପ୍ରତି ତାଙ୍କର ଅତୁଳନୀୟ ଅବଦାନ ରହିଛି। ଡାକ ଟିକଟରେ ପଠାଣୀ ସାମନ୍ତ ପ୍ଲାନେଟୋରିୟମର ଚିତ୍ର ପ୍ରକାଶିତ ହେବା ରେବତୀ ବାବୁଙ୍କ ଚେଷ୍ଟାର ଫଳ। ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱର ଓକିଲ ସଂଘର ସଭାପତି ଦୁର୍ଗାମାଧବ ମିଶ୍ର, ସମ୍ପାଦକ ଅଞ୍ଜନ କୁମାର ସାମନ୍ତରାୟ, ସହ-ସମ୍ପାଦକ ଅତୁଲ୍ୟ ଆଚାର୍ଯ୍ୟ, ବରିଷ୍ଠ ଆଇନଜୀବୀ ଶିବାନନ୍ଦ ରାୟ,ପ୍ରତାପ ଦାସ, ରାଜ୍ୟ ଆଇନଜୀବୀ ପରିଷଦ ସଦସ୍ୟ ଆତ୍ମପ୍ରକାଶ ମହାନ୍ତି, ଜ୍ଞାନ ରଞ୍ଜନ ମହାନ୍ତି, ରମାକାନ୍ତ ରାଉତରାୟ ଏବଂ ବରିଷ୍ଠ ଦେୱାନୀ ଜଜ୍ ମଧୁମିତା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ପରିଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ବରିଷ୍ଠ ଆଇନଜୀବୀ ଶୀଳଭଦ୍ର ଶାସ୍ତ୍ରୀ।

## ଶ୍ରୀକ୍ରିଷ୍ଟା ଇଣ୍ଟରନ୍ୟାସନାଲ ସ୍କୁଲରେ ଶିଶୁ ଦିବସ

# 'ଶିଶୁ ହସିଲେ ଦୁନିଆ ହସେ'



**ଭୁବନେଶ୍ୱର :** ମଳିପଡା ସ୍ଥିତ ଶ୍ରୀକ୍ରିଷ୍ଟା ଇଣ୍ଟରନ୍ୟାସନାଲ ସ୍କୁଲରେ ପାଳିତ ହୋଇଯାଇଛି ଶିଶୁ ଦିବସ। ଏଥିରେ ଶ୍ରୀକ୍ରିଷ୍ଟା ଇଣ୍ଟରନ୍ୟାସନାଲ ସ୍କୁଲର ଚେୟାରମ୍ୟାନ୍ ପବିତ୍ର ରାଉତରାଏ ଯୋଗଦେଇ ପିଲାମାନଙ୍କୁ କହିଥିଲେ ଯେ, ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହାରଲାଲ ନେହେରୁଙ୍କ ଜନ୍ମ ଦିନକୁ ସ୍ମରଣୀୟ କରିବା ପାଇଁ ଶିଶୁ ଦିବସର ମହାତ୍ମ୍ୟ ରହିଛି। ତେଣୁ କୋମଳମତି ପିଲାମାନଙ୍କ ଓଠରେ ହସ ଖେଳାଇବା ପ୍ରତ୍ୟେକଙ୍କର କର୍ତ୍ତବ୍ୟ ହେବା ଉଚିତ୍। କାରଣ ଶିଶୁ ହସିଲେ ଦୁନିଆ ହସେ। ବିଦ୍ୟାଳୟର ଅଧକ୍ଷ ଡକ୍ଟର ସ୍ୱରୂପାନନ୍ଦ ମିଶ୍ର, ଉପାଧ୍ୟକ୍ଷ କବୀନ୍ଦ୍ର ଦାଶ ଓ ଆଡମିନ୍ ଶ୍ରୀକାନ୍ତ ରାଉତରାଏ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଉଦ୍‌ଘାଟନ କରିବା ସହିତ ଚାଚା ନେହେରୁଙ୍କ ଫଟୋରେ ପୁଷ୍ପମାଲ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ବରିଷ୍ଠ ଶିକ୍ଷୟିତ୍ରୀ ପ୍ରଣତୀ ପାଢ଼ୀ ଓ ସୁଚିସ୍ମିତା ମିଶ୍ର ଛାତ୍ରଛାତ୍ରୀମାନଙ୍କୁ ଶିଶୁ ଦିବସର ମହତ୍ୱ ବୁଝାଇଥିଲେ। ବରିଷ୍ଠ ଶିକ୍ଷକ ରାଧାମାଧବ କାଟିଆଙ୍କ 'ଫେକ୍ ଆଇଡି' ଓ ପ୍ରଣତି ପାଢ଼ୀଙ୍କ 'କ୍ଲାସ୍ ରୁମ୍' ନାଟକ ପରିବେଷିତ ହୋଇଥିଲା। ଏତଦ୍‌ବ୍ୟତୀତ ଛାତ୍ରଛାତ୍ରୀଙ୍କ ଦ୍ୱାରା ସଙ୍ଗୀତ ଓ କମେଡି ପରିବେଷଣ କରାଯାଇଥିଲା। ପରିଶେଷରେ ବିଶ୍ୱରଞ୍ଜନ ସାରଙ୍କ ହାସ୍ୟ ଅଭିନୟ ସମସ୍ତଙ୍କୁ ହସିବାର ଖୋରାକ ଯୋଗାଇଥିଲା। କାର୍ଯ୍ୟକ୍ରମ ଶେଷରେ ଶୁଡାମା ଚୟନୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଭଲ ପାଇବା ଓ ସମ୍ମାନ ଦେବା ହେଉଛି ଭାରତର ତତ୍ତ୍ୱ : ରାଜ୍ୟପାଳ



**ରାୟଗଡା, (ଅମୂଲ୍ୟ ନିଶଙ୍କ) :** ମହାମହିମ ରାଜ୍ୟପାଳ ପ୍ରାଧ୍ୟାପକ ଗଣେଶୀ ଲାଲ ରାୟଗଡା ଗସ୍ତରେ ଆସି ପ୍ରଥମେ କୁଟୁଳି ପଞ୍ଚାୟତ କାର୍ଯ୍ୟାଳୟରେ ୧୦ ଜଣ ହିତାଧିକାରୀଙ୍କୁ ମଧୁବାବୁ ଭତ୍ତା, ଦୁଇ ଜଣ ଦିବ୍ୟାଙ୍ଗଙ୍କୁ ଟ୍ରାଇ ସାଇକେଲ ପ୍ରଦାନ କରିଥିଲେ। ଏଥିସହିତ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୬ ମାସରେ ଗୃହ ସମ୍ପୂର୍ଣ୍ଣ କରିଥିବା ୪ ଜଣ ହିତାଧିକାରୀଙ୍କୁ ୧୦ ହଜାର ଟଙ୍କା ଲେଖାଏଁ ପୁରସ୍କାର ରାଶି ପ୍ରଦାନ କରିଥିଲେ ସେହିପରି କୁମ୍ଭିକୋଟା ପଞ୍ଚାୟତର ହିମିରିପଡା ଗ୍ରାମର ଉଦ୍ୟାନ ବିଭାଗ ଦ୍ୱାରା ନିର୍ମିତ ମନେରେଗା ଯୋଜନାରେ ହୋଇଥିବା କାଜୁ ଗଛ ବୁଲି ଦେଖିବା ସହିତ ଚାଷୀଙ୍କ ସହ ଆଲୋଚନା କରିଥିଲେ। ରାୟଗଡା ସହର ନିକଟସ୍ଥ ଏକଲବ୍ୟ ଆଦର୍ଶ ବିଦ୍ୟାଳୟରେ ଆୟୋଜିତ ଏକ ଉତ୍ସବରେ ଯୋଗ ଦେଇ ପ୍ରତ୍ୟେକ ବ୍ୟକ୍ତି ଜାତି ଧର୍ମ ତଥା ସଂପ୍ରଦାୟ ଅନ୍ୟକୁ ସମ୍ମାନ ଦେବା ଉଚିତ, ନିଜ ଜାତି ଧର୍ମ ହିଁ ଶ୍ରେଷ୍ଠ ବୋଲି ଅହଂ ଭାବରୁ ଦୁରେଇ ରହିପାରିଲେ ଏକ ଭାରତ ସମ୍ଭବ ବୋଲି ରାଜ୍ୟପାଳ କହିବା ସହିତ ସ୍କୁଲର ସମବେତ ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରିଥିଲେ । ନିଜ ଅଭିଭାଷଣରେ ପ୍ରଥମେ ଓଡିଶାର ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥଙ୍କୁ ସମ୍ବୋଧନ କରି ଜୟ ଜଗନ୍ନାଥ କହି ନିଜର ବକ୍ତବ୍ୟ ଆରମ୍ଭ କରିଥିଲେ। ଭାରତ ଗଠନ ଓ ଜଗନ୍ନାଥ ସଂସ୍କୃତିର ମାହାତ୍ମ୍ୟ ଉପରେ ଆଲୋକପାତ କରିଥିଲେ। ପ୍ରତ୍ୟେକ ବ୍ୟକ୍ତି ନିଜ ଜାତି ଓ ସଂସ୍କୃତି ପାଇଁ ସ୍ୱାଭିମାନୀ ହେବାରେ କିଛି ଅସୁବିଧା ନାହିଁ। ଅହଂକାରକୁ ସ୍ୱୀକାର କରିବନି ଭାରତ ଭଳି ରାଷ୍ଟ୍ର। ଜଣେ ଅନ୍ୟ ଜଣକୁ ଭଲପାଇ ଅନ୍ୟ ଧର୍ମରେ ମଧ୍ୟ ନିଜ ନିଜ ଭଗବାନଙ୍କୁ ଦେଖିପାରିବେ। ଯୀଶୁଖ୍ରୀଷ୍ଟଙ୍କ ମଧ୍ୟରେ ରାମ, ମହମ୍ମଦଙ୍କ ଭିତରେ ରାମ ଓ ରାମଙ୍କ ଭିତରେ ଯୀଶୁ ଓ ମହମ୍ମଦଙ୍କୁ ଦେଖିବାର ମାନସିକତା ଆସିଲେ ତାହା ବିଶ୍ୱ ନିମନ୍ତେ ସର୍ବଶ୍ରେଷ୍ଠ ବାର୍ତ୍ତା ବହନ କରିପାରିବ ବୋଲି କହିଥିଲେ ରାଜ୍ୟପାଳ। ଦେଶ ମଧ୍ୟରେ ଜାତି ଧର୍ମ ଭାଷା ପ୍ରତିଭା ଚେହେରା ଅନେକ ହୋଇଥିଲେ ମଧ୍ୟ ଭଲ ପାଇବା ଓ ସମ୍ମାନ ଦେବା ଭାରତ ତତ୍ତ୍ୱ ଦର୍ଶନ ସଫଳ ହୋଇପାରିବ ବୋଲି ପ୍ରକାଶ କରିଥିଲେ।

ଜିଲ୍ଲାପାଳ ଗୁହା ପୁନମ ତାପସକୁମାରଙ୍କ ଅଧ୍ୟକ୍ଷତରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏସ୍‌ପି ରାହୁଲ ପି.ଆର ରାଜ୍ୟପାଳଙ୍କ ପ୍ରିନ୍ସପାଲ ସଚିବ ମଧୁସୁଦନ ପାଢୀ, କୋରାପୁଟ ଲୋକସଭା ସାଂସଦ ଝିନ ହିକକା ଉପସ୍ଥିତ ଥିଲେ। ଏହାପରେ ସରକାରଙ୍କ ବିଭିନ୍ନ ଷ୍ଟଲମାନ ବୁଲି ଦେଖିଥିଲେ। ସେଥି ମଧ୍ୟରୁ ଉଙ୍ଗରିଆ କନ୍ଧଙ୍କ ଷ୍ଟଲକୁ ପ୍ରଶଂସା କରିଥିଲେ। ଏହାପରେ ସ୍କୁଲର ସମାବେତ ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରିଥିଲେ। ନିଜର ଅଭିଭାଷଣରେ ପ୍ରଥମେ ଓଡିଶାର ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥଙ୍କୁ ସମ୍ବୋଧନ କରି ଜୟ ଜଗନ୍ନାଥ କହି ନିଜ ବକ୍ତବ୍ୟ ରଖିଥିଲେ । ସ୍କୁଲର ୫ ଗୋଟି ଛାତ୍ର ଛାତ୍ରୀଙ୍କୁ ଭାରତର ଅଖଣ୍ଡତା ବିଷୟରେ ପଚାରି ବୁଝିଥିଲେ। ପିଲାମାନେ ଏହାର ସନ୍ତୋଷ ଜନକ ଉତ୍ତର ଦେଇଥିବାରୁ ରାଜ୍ୟପାଳ ଖୁସି ହୋଇ ସେମାନଙ୍କୁ ୧୦୦ ଟଙ୍କା ଲେଖାଏଁ ପୁରସ୍କାର ପ୍ରଦାନ କରିଥିଲେ। ରାଜ୍ୟପାଳ ଜବହାରଲାଲ ନେହେରୁ, ମହାତ୍ମା ଗାନ୍ଧୀ, ଅଟଳ ବିହାରୀ ବାଜପାୟୀ, ବିଜୁ ପଟ୍ଟନାୟକ ସମସ୍ତେ ସମାନ ବୋଲି କହିଥିଲେ। ଆଜିର ଛାତ୍ରଛାତ୍ରୀ ଦେଶର ଭବିଷ୍ୟତ ତେଣୁ ସେମାନେ ଦେଶର ଅଖଣ୍ଡତା ପ୍ରତି ସଚେତନ ହେବା ନିମନ୍ତେ କହିଥିଲେ। ଏହି ଅବସରରେ ରାଜ୍ୟପାଳ କିଛି ସମୟ ନିମନ୍ତେ ସ୍କୁଲର ଛାତ୍ରଛାତ୍ରୀଙ୍କ ସହ ବିଚାର ବିମର୍ଷ କରିଥିଲେ। ଏହାପରେ କନ୍ଧ ମାଲିଗାଁ ମଙ୍ଗଳ ବିଭାଗ ଦ୍ୱାରା ପରିଚାଳିତ ବାଳିକା ଉଚ୍ଚ ବିଦ୍ୟାଳୟକୁ ପରିଦର୍ଶନ କରି ଛାତ୍ର ଛାତ୍ରୀଙ୍କ ସହିତ ଆଲୋଚନା କରିଥିଲେ। ଦେବଗିରି ଗୋଶାଳାକୁ ରାଜ୍ୟପାଳ ସ୍ଥାନୀୟ ସର୍କିଟ ଭବନ ମଧ୍ୟରେ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଗୋଶାଳା ଟ୍ରଷ୍ଟ ସଂଯୋଜକ ଗୁରୁ ସ୍ୱରୁପାନନ୍ଦଜୀ ଉପସ୍ଥିତ ଥିଲେ। ସେହିପରି ସ୍ଥାନୀୟ ସର୍କିଟ ହାଉସ ଠାରେ ଜିଲ୍ଲା ଆଦିବାସୀ ସେଲ ସଭାପତି ବସନ୍ତ ଉଲାକା ରାଜ୍ୟପାଳଙ୍କୁ ମା' ମଝିଘରିଆଣିଙ୍କ ଫୋଟଚିତ୍ର ପ୍ରଦାନ କରିଥିଲେ। ପରିଶେଷରେ ରାଜ୍ୟପାଳ ନିଜର ଗସ୍ତ ଶେଷ କାର୍ଯ୍ୟକ୍ରମରେ ଡି.ଆର.ଡି.ଏ ସମ୍ମିଳନୀ ଗୃହରେ ଜିଲ୍ଲାସ୍ତରୀୟ ଅଧିକାରୀଙ୍କ ସହିତ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ପଚାରି ବୁଝିଥିଲେ। ଜିଲ୍ଲାପାଳ ବିଭିନ୍ନ କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ ବୁଝାଇଥିଲେ, ରାଜ୍ୟପାଳ ଜିଲ୍ଲା ପ୍ରଶାସନର କାର୍ଯ୍ୟକ୍ରମରେ ସନ୍ତୋଷ ପ୍ରକାଶ କରିଥିଲେ ଏହି ରାଜ୍ୟପାଳଙ୍କ କାର୍ଯ୍ୟକ୍ରମରେ ଡି.ଆର.ଡି.ଏ ପ୍ରକଳ୍ପ ଅଧିକାରୀ ଅମୃତ ଋତୁରାଜ ଅତିରିକ୍ତ ଜିଲ୍ଲାପାଳ ସୁଧାକର ସବାର ଗୁଣୁପୁର ଆଇ.ଟି.ଡି.ଏ ପ୍ରକଳ୍ପ ପ୍ରଶାସକ ଗୋରାଚାନ୍ଦ ଗମାଙ୍ଗ, ଉପଜିଲ୍ଲାପାଳ ପ୍ରବୀର ନାୟକ, ବି.ଡି.ଓ ରାଜେନ୍ଦ୍ର ମାଝି, ଅତିରିକ୍ତ ବି.ଡି.ଓ ନୃସିଂହ ପଟ୍ଟନାୟକ ବ୍ଲକ ସହକାରୀ ଯନ୍ତ୍ରୀ ଦୈତାରୀ ଟୁଡୁ ଯୋଗଦେଇଥିଲେ ନିଜର ରାୟଗଡା ଗସ୍ତ ସମାପ୍ତ କରି ରାଜ୍ୟପାଳ ଏକ ସ୍ୱତନ୍ତ୍ର ହେଲିକେପ୍ଟର ଯୋଗେ ଭୁବନେଶ୍ୱର ଅଭିମୁଖେ ଯାତ୍ରା କରିଥିଲେ । ସ୍ଥାନୀୟ ଜି.ସି.ଡି ବିଦ୍ୟାଳୟ ପଡିଆରେ ରାଜ୍ୟପାଳଙ୍କୁ ଜିଲ୍ଲାପାଳ ଗୁହା ପୁନମ ତାପସ କୁମାର ଏସ.ପି ରାହୁଲ ପି ଆର ଓ ଜିଲ୍ଲାର ଉଚ୍ଚ ପଦସ୍ଥ ଅଧିକାରୀ ବିଦାୟ ଜଣାଇଥିଲେ।

PLOT FOR SALE



MOUZA : JUJHAGADA
(Back side of Nandankanan Zoo)
BHUBANESWAR
Contact : 865807286 / 8917571455



MOUZA : BEGUNIA BOREHI
(NEAR CV RAMAN COLLEGE)
TAMANDO - YELLOW ZONE
BHUBANESWAR
30ft Approch Road
Contact : 8658607286 / 8917571455



30ft Internal Road
Mouza : Pandiapada
Contact Immediately :
8658607286 / 8917571455

PLOT FOR SALE@BHUBANESWAR
Yellow Zone, 30ft wide Road
Mouza : Dakhina Mundamuhan
(Near CV Raman College)
100ft Proposed BDA Road
Contact Immediately :
8658607286 / 8917571455



Printed, Published and Owned by **Rasmita Patra**, Published at Flat-003, Mahadev Orchid, Cosmopolis Road, Dumduma, Bhubaneswar-19, Dist- Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com

Chief Editor : **Bibhuti Bhusan Patra** | Managing Editor : **Laxmipriya Dash** | Editor : **Tarak Mohanty**

ମୁଖ୍ୟ ସମ୍ପାଦକ : ବିଭୁତି ଭୂଷଣ ପାତ୍ର | ପରିଚାଳନା ସମ୍ପାଦିକା : ଲକ୍ଷ୍ମୀପ୍ରିୟା ଦାଶ | ସମ୍ପାଦକ : ତାରକ ମହାନ୍ତି